RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-169 ♦MONDAY ♦15 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୬୯ ♦ସୋମବାର ♦୧୫ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



ଉନ୍ନତି ହୁଡାଙ୍କୁ ଟାଇଟଲ୍

▸ପୃଷ୍ଠା ୧୨ ଦେଖନ୍ତୁ...

## ଭାରତକୁ ପ୍ରଥମ ସ୍କ୍ୱାଶ୍ ବିଶ୍ୱକପ୍ ଟାଇଟଲ୍



■ ଚେନ୍ନଇ, ୧୪।୧୨ (ଏଜେନ୍ସି): ସ୍କ୍ୱାଶ୍ ବିଶ୍ୱକପ୍ ଇତିହାସରେ ଭାରତ ପ୍ରଥମଥର ଲାଗି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୩-୦ ଗେମ୍‌ରେ ଟପ୍ ସିଡ୍ ହଂକଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ଭାରତ କାଂସ୍ୟ ପଦକ ଜିତିଥିଲା। ଯାହାକି ଭାରତର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସ୍କ୍ୱାଶ୍ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ଲାଗି ଫାଇନାଲରେ ଦୁଇଟି ଏସୀୟ ରାଷ୍ଟ୍ର ପରସ୍ପରକୁ ଭେଟିଥିଲେ।

ଆଜିର ଫାଇନାଲରେ ଜୋସ୍ନା ଚିନାପ୍ପା, ଅଭୟ ସିଂ ଓ ଅନହତ୍ ସିଂହଙ୍କୁ ନେଇ ଗଠିତ ଭାରତୀୟ ଦଳ ଏକାପାଖିଆ ଭାବେ ବିଜୟ ଲାଭ କରିଥିଲା। ଜ୍ୟୋସ୍ନା ପ୍ରଥମ ମ୍ୟାଚରେ ୭-୩, ୨-୭, ୭-୫, ୭-୧ରେ ହଂକଂର କା ୟି ଲି'ଙ୍କୁ ହରାଇ ଦଳକୁ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଅଭୟ ୭-୧, ୭-୪, ୭-୪ରେ ଆଲେକ୍ସ ଲାଉଙ୍କୁ ଏବଂ ଅନହତ୍ ୭-୨, ୭-୨, ୭-୫ରେ ତୋମାତୋ ହୋ'ଙ୍କୁ ହରାଇ ୩-୦ରେ ଭାରତକୁ ବିଜୟୀ କରାଇଥିଲେ।

## ଅଷ୍ଟ୍ରେଲିଆରେ ଆତଙ୍କୀ ଆକ୍ରମଣ; ୧୨ ମୃତ



ଉତ୍ସବ ପାଳନ ବେଳେ ଇହୁଦୀଙ୍କୁ ଗୁଳିମାଡ଼

■ ସିଡ୍‌ନୀ, ୧୪।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ସିଡନୀସ୍ଥିତ ବଣ୍ଡି ବେଳାଭୂମିରେ ଆଜି ସନ୍ଧ୍ୟା ବେଳେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଜଣେ ଆତଙ୍କବାଦୀ ରହିଛି। ତାଠାରୁ ଜଣେ ବ୍ୟକ୍ତି ସାହସ ଦେଖାଇ ବନ୍ଧୁକ ଛଡ଼ାଇବା ସହିତ ଗୁଳି କରିଥିଲେ। ଫଳରେ ବଡ଼ ଧରଣର ନରସଂହାରରୁ ବର୍ତ୍ତି ଯାଇଛି ସିଡନୀ। ଆତଙ୍କବାଦୀକୁ ଚିହ୍ନଟ କରାଯାଇଛି ଏବଂ ତା ଘରେ ଚଢ଼ଉ ଚାଲିଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆରେ ଏହା ହେଉଛି ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ବିଶ୍ୱ ନେତା ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ଏହାକୁ ଅଷ୍ଟ୍ରେଲିଆର ସବୁଠାରୁ ଦ୍ୱିତୀୟ ବଡ଼ ଗୁଳିକାଣ୍ଡ ବୋଲି କୁହାଯାଉଛି। ଏହାପୂର୍ବରୁ ୧୯୯୬ ▸ପୃଷ୍ଠା-୭

# ବନ ବିଭାଗରେ 'ଥର୍' କମ୍ପନ

## ଗାଡ଼ି ଗୋଟାକ ୧୪ ଲକ୍ଷ, ମୋଡିଫିକେସନ ପାଇଁ ୧୦ ଲକ୍ଷ

■ ଭୁବନେଶ୍ୱର, ୧୪।୧୨ (ସମିସ): ରାଜ୍ୟର ବିଭିନ୍ନ ଜଙ୍ଗଲରେ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଦୁଇ ଡୋର୍ ବିଶିଷ୍ଟ ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣିଛି ବନ ବିଭାଗ। ବିଧାନସଭାରେ ଖୋଦ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ, ୫୧ଟି ଗାଡ଼ି କିଣିବା ନିମନ୍ତେ ବିଭାଗ ୭.୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଏବଂ ଏହାର ମୋଡ଼ିଫିକେସନ ପାଇଁ ଆଉ ୫.୨୪କୋଟି ଟଙ୍କା ବ୍ୟୟ କରିଥିବା ନେଇ ଏକ ଲିଖିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି। ମାତ୍ର ଶ୍ରୀ ଖୁଣ୍ଟିଆଙ୍କ ଉତ୍ତର ଏବେ ବନ ବିଭାଗକୁ ଥରାଇଛି।

ବିଭାଗୀୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ, ରାସ୍ତାଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ

### ନିଆଁ ଲିଭାଇବାକୁ ଉଦ୍ଦିଷ୍ଟ ଗାଡ଼ିର ସୌନ୍ଦର୍ଯ୍ୟକରଣର ଆବଶ୍ୟକତାକୁ ନେଇ ପ୍ରଶ୍ନ

### ମୋଡିଫିକେସନ ପାଇଁ ପରିବହନ ବିଭାଗର ଅନୁମତି ସନ୍ଦେହଘେରରେ




କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି କିଣାଯାଇଛି। ମାତ୍ର ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଜଙ୍ଗଲ ବିଶେଷଜ୍ଞ ଓ ପରିବହନ ବିଶେଷଜ୍ଞମାନେ ବିଭାଗର ଗାଡ଼ିକିଣାକୁ ନେଇ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପର୍କରେ ଜ୍ଞାନ ରଖିଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଥର୍ ଗାଡ଼ିରେ ଡ୍ରାଇଭରଙ୍କ ବ୍ୟତୀତ ମାତ୍ର ୩ ଜଣ ଲୋକେ ବସିବେ। ସେହିପରି ଗାଡ଼ିରେ ମାତ୍ର ୨ଟି ଡୋର ଥିବାରୁ ଜରୁରୀକାଳୀନ ସମୟରେ ଏଥିରୁ ଓହ୍ଲାଇବାରେ ମଧ୍ୟ କଷ୍ଟ। ଜଙ୍ଗଲ ଭିତରେ ବନ୍ୟ ଜନ୍ତୁ ସୁରକ୍ଷାରେ ଏହି ଗାଡ଼ି ଯେ ବିଶେଷ ଉପଯୁକ୍ତ ନୁହେଁ; ତାହା ସମସ୍ତେ ଜାଣନ୍ତି। ତେବେ କାହା ପରାମର୍ଶରେ ଥର ଗାଡ଼ି କିଣାଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ଅନୁରୂପ ଭାବରେ ଯେଉଁ ଗାଡ଼ି ଗୋଟାକୁ ୧୪.୦୧ ଲକ୍ଷ ଟଙ୍କା ଦେଇ ଜଙ୍ଗଲ ବିଭାଗ କିଣିଛି, ସେହି ଗାଡ଼ିର ସବୁଠୁ ଟପ୍ ମଡ଼େଲ ମୂଲ୍ୟ ୧୯.୭ ଲକ୍ଷ। ତେଣୁ ସେହି ଗାଡ଼ି କ୍ରୟ ନ କରି ବେସ୍ ମଡ଼େଲ ଗାଡ଼ି କିଣି ପ୍ରତି ଗାଡ଼ିରେ ୧୦.୨୮ ଲକ୍ଷ ଟଙ୍କା ମୋଡ଼ିଫିକେସନ ବାବଦରେ ଖର୍ଚ୍ଚ କେଉଁ ବୁଦ୍ଧିମାନର କାର୍ଯ୍ୟ ବୋଲି ମୋଟର ଯାନ ଓ ପରିବହନ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। କିଏ ଏହି ନିଷ୍ପତ୍ତି ନେଇଛି ଓ କାହା ପରାମର୍ଶରେ ▸ପୃଷ୍ଠା-୭

## ନିତିନ ନବୀନ ବିଜେପିର ନୂଆ କାର୍ଯ୍ୟକାରୀ ସଭାପତି



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଯୁବ ନେତା ତଥା ବିହାର କ୍ୟାବିନେଟ ମନ୍ତ୍ରୀ ନିତିନ ନବୀନ ଭାରତୀୟ ଜନତା ପାର୍ଟିର ନୂଆ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ବିଜେପିର ସଂସଦୀୟ ବୋର୍ଡ ତାଙ୍କୁ ଏହି ନିଯୁକ୍ତି ଦେଇଛି ବୋଲି ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ଆଜି ସନ୍ଧ୍ୟାରେ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ତତ୍‌କ୍ଷଣାତ୍ ଲାଗୁ ହୋଇଥିବା ବେଳେ ବିଜେପିର ଏହି ନିଷ୍ପତ୍ତି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଆସନ୍ତାବର୍ଷ ପଶ୍ଚିମ ବଙ୍ଗ, ଆସାମ, କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ନିତିନଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିବ। ଦଳର ପରମ୍ପରା ଅନୁଯାୟୀ ଜଣେ ନେତାଙ୍କୁ ପୂର୍ଣ୍ଣାଙ୍ଗ ରୂପେ ସଭାପତି କରାଯିବା ପୂର୍ବରୁ ପ୍ରଥମେ ତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଏ।

ଏହାସହିତ ଜେପି ନଡ୍ଡାଙ୍କ ଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ ୪୫ ବର୍ଷୀୟ ନିତିନ। ୨୦୧୯ରେ ତତ୍କାଳୀନ ସଭାପତି ଅମିତ ଶାହ କେନ୍ଦ୍ର ମନ୍ତ୍ରୀ ହେବାପରେ ଜେପି ନଡ୍ଡାଙ୍କୁ ବିଜେପିର କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଇଥିଲା। ତେବେ ୨୦୨୦ ଜାନୁଆରୀରେ ନଡ୍ଡାଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆନୁଷ୍ଠାନିକ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୪ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସାଧାରଣ ନିର୍ବାଚନ ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା।

ଦଳର ସଭାପତି ପଦରେ ଅବସ୍ଥାପିତ ହେବାରେ ନିତିନ ହେଉଛନ୍ତି ▸ପୃଷ୍ଠା-୭

## ବିହାର ରାସ୍ତାରେ ଓଡ଼ିଶା !

### ଛାତ୍ରଙ୍କଠୁ ମାଫିଆ ସମସ୍ତଙ୍କ ହାତରେ ବନ୍ଧୁକ

■ ଭୁବନେଶ୍ୱର, ୧୪।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗିରି ଥାନା ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଠାରୁ ବନ୍ଧୁକ ଜବତ ହୋଇଛି। ଯାହା ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପୂର୍ବରୁ ବଡ଼ ଅପରାଧ କିମ୍ବା ମାଓବାଦୀ ବେଆଇନ୍ ବନ୍ଧୁକ ବ୍ୟବହାର କରୁଥିଲେ। ସବୁ କିଛି ଲୁଚାଚୋରାରେ ହେଉଥିଲା। କେନ୍ଦ୍ରାପଡା ଘଟଣାରୁ ସ୍ପଷ୍ଟ ହେଉଛି ଲୋକେ ଏବେ ଘରେ ଘରେ ବନ୍ଧୁକ ରଖିଲେଣି। ସାମାନ୍ୟ ବଚସା ପାଇଁ ବି ବନ୍ଧୁକ ବାହାର କରିଦେଉଛନ୍ତି। ନିୟମିତ ଭାବେ ବନ୍ଧୁକରୁ ବାହାରୁଥିବା ଗୁଳି ଲୋକଙ୍କୁ ଆତଙ୍କିତ କରୁଛି। ରାଜ୍ୟ ବାହାରର ବନ୍ଧୁକ ମାଫିଆ ସକ୍ରିୟ ହୋଇ ରାଜ୍ୟକୁ ବନ୍ଧୁକର ବନ୍ୟା କରିବାରେ ଲାଗିଛନ୍ତି। ଓଡ଼ିଶାରେ ବିହାର ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେ।ାଳେ ସେପଟେ ପୁଲିସ କେବଳ ଛୋଟମୋଟ ବନ୍ଧୁକ ବେପାରୀଙ୍କୁ ଧରି ନିଜ ପିଠି ନିଜେ ଥାପୁଡାଇବାରେ ଲାଗିଛି।



### କେନ୍ଦ୍ରାପଡା ସ୍କୁଲରେ ଛାତ୍ରଙ୍କଠାରୁ ବନ୍ଧୁକ ମିଳିବା ଚିନ୍ତାଜନକ

ରାଜ୍ୟରେ ବେଆଇନ୍ ବନ୍ଧୁକ ଏବେ ସହଜ ଉପଲବ୍ଧ। ବଜାରରେ ୮ରୁ ୧୦ହଜାର ଟଙ୍କା ମଧ୍ୟରେ ବନ୍ଧୁକ ସହଜରେ ଉପଲବ୍ଧ ହୋଇଯାଉଛି। ଯିଏ ପାରୁଛି ସିଏ କିଣି ଆଣୁଛି। ବେଆଇନ୍ ବନ୍ଧୁକ କିଣାବିକାରେ କୌଣସି ପ୍ରକାର ରୋକ୍‌ଟୋକ୍ ନାହିଁ। ଯାହାଫଳରେ ବନ୍ଧୁକ ଅପରାଧ ମଇଦାନରୁ ଆସି ସ୍କୁଲ୍ ଭିତରେ ପହଁଞ୍ଚିଲାଣି। ପିଲା କିମ୍ବା ଶିକ୍ଷକଙ୍କୁ ଧମକାଇବାକୁ ବି ପିଲାମାନେ ବନ୍ଧୁକ ଧରି ସ୍କୁଲକୁ ଚାଲି ଆସୁଛନ୍ତି। ଚଳିତ ବିଧାନସଭାରେ ରାଜ୍ୟରେ ▸ପୃଷ୍ଠା-୭

## ୧୯ ରେ ଚାଷୀଙ୍କ ସମ୍ବଲପୁର ବନ୍ଦ

■ ସମ୍ବଲପୁର, ୧୪।୧୨ (ସମିସ): ରାଜ୍ୟ ସରକାର କ୍ରମାଗତ ଭାବେ ଚାଷ ଓ ଚାଷୀମାନଙ୍କୁ ଅବହେଳା କରି ଚାଲିଛନ୍ତି। ଗତ ୨୮ ତାରିଖ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିବା ସତ୍ତ୍ୱେ ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ ପରେ ଧାନ ଉଠିଥିଲା। ପୁଣି ଗତ ୧୨ ତାରିଖ ଟୋକନ ସମସ୍ୟାକୁ ନେଇ ଚାଷୀମାନେ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମା ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନଙ୍କ ସମସ୍ୟା ସମାଧାନ ନକରି ସେମାନଙ୍କୁ ପୁଲିସ ଗିରଫ କରିଥିଲା। ଏହାକୁ ନେଇ ଚାଷୀ ସଂଗଠନ ପକ୍ଷରୁ ଆସନ୍ତା ୧୯ ତାରିଖ ସମ୍ବଲପୁର ବନ୍ଦ ଡାକରା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ପ୍ରେସ ରିଲିଜରେ କୁହାଯାଇଛି ଯେ, ଓଡ଼ିଶାରେ ଧାନ କିଣାବିକାକୁ ନେଇ ଚାଲିଥିବା ଅଚଳାବସ୍ଥା ଓ ଚାଷୀ ପାଖକୁ ଟୋକନ୍ ପହଁଞ୍ଚାଇବାକୁ ନେଇ ଜାରି ରହିଥିବା ଅରାଜକତା ଦୂର କରିବା ଲାଗି ରାଜ୍ୟସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତି ନାହିଁ ଓ ଚଳିତ ସରକାରଙ୍କ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ▸ପୃଷ୍ଠା-୭

## ପ୍ରଦୂଷଣରେ ଦିଲ୍ଲୀ ଅଣନିଃଶ୍ୱାସୀ

### ମଧ୍ୟାହ୍ନରେ ବି କୁହୁଡ଼ିର ଭ୍ରମ, ଏକ୍ୟୁଆଇ ଛୁଇଁଲା ୪୯୧

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ପ୍ରଦୂଷଣରେ ବେହାଲ ହେଲାଣି ରାଜଧାନୀ ନୂଆଦିଲ୍ଲୀ ଏବଂ ଏନ୍‌ସିଆର। ପ୍ରଦୂଷଣ ମାତ୍ରା ଏତେ ବଢ଼ିଯାଇଛି ଯେ ନିଃଶ୍ୱାସ ନେବାକୁ ମଧ୍ୟ କଷ୍ଟ ଲାଗୁଛି। ମଧ୍ୟାହ୍ନରେ ବି କୁହୁଡ଼ିର ଭ୍ରମ ସୃଷ୍ଟି ହେଉଛି। ବିଷାକ୍ତ ଧୂଆଁର ଚାଦର ଦିଲ୍ଲୀବାସୀଙ୍କୁ କଲବଲ କରୁଛି। ଦିଲ୍ଲୀରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ପ୍ରଦୂଷଣ ମାତ୍ରା ୪୯୧ରେ ପହଞ୍ଚିଛି, ଯାହାକି ବିପଦ ସ୍ତର ରୂପେ ବିବେଚିତ କରାଯାଏ। ଆଜି ସକାଳ ୬ଟାରେ ଏହା ୪୬୨ ସ୍ତରରେ ପହଞ୍ଚିଥିଲା ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରେକର୍ଡ କରାଯାଇଛି। ଦିଲ୍ଲୀର ସବୁ ୪୦ଟି ମିନିଟରିଂ ଷ୍ଟେସନରେ ଲାଲ ରଙ୍ଗ ଦେଖିବାକୁ ମିଳିଛି। ଏକ୍ୟୁଆଇ ଉଦ୍‌ବେଗଜନକ ସ୍ଥିତିରେ ରହିଥିବା




ଏଥିରୁ ସ୍ପଷ୍ଟ ହୋଇଯାଇଛି। ଉତ୍ତରପଶ୍ଚିମ ଦିଲ୍ଲୀର ରୋହିଣୀରେ ଏକ୍ୟୁଆଇ ସର୍ବାଧିକ ୪୯୯ ରେକର୍ଡ ସ୍ତରରେ ରହିଛି। ଏଥିରେ କଣିକା ପଦାର୍ଥ ୨.୫ (ପିଏମ୍ ୨.୫) ପ୍ରମୁଖ ପ୍ରଦୂଷକ ଭାବେ ରହିଛି। ଏହାକୁ ବାଦ୍ ଦେଲେ ଜାହାଙ୍ଗୀରପୁରୀ ଓ ବିବେକ ବିହାରରେ ଏକ୍ୟୁଆଇ ୪୯୫ ରିପୋର୍ଟ କରାଯାଇଛି। ଏକ୍ୟୁଆଇ ୫୦୦ ଅତିକ୍ରମ କଲେ ଏହାକୁ ଅତ୍ୟନ୍ତ ବିପଜ୍ଜନକ ବୋଲି ଘୋଷଣା କରାଯିବ ଓ ସାର୍ବଜନୀନ ସ୍ୱାସ୍ଥ୍ୟର ଜରୁରୀକାଳୀନ ସ୍ଥିତି ବା ହେଲ୍‌ଥ ଏମର୍ଜେନ୍ସି ଜାରି ହେବ। ଏଭଳି ପରିସ୍ଥିତି ▸ପୃଷ୍ଠା-୭

## ବାଣପୁର ଥାନାରେ ହାଜତ ମୃତ୍ୟୁ !

### ଚୋରା ମଦ ବିକ୍ରି ଅଭିଯୋଗରେ ଥାନାରେ ଅଟକ ଥିଲେ ଅଭିଯୁକ୍ତ

■ ବାଣପୁର, ୧୪।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ବାଣପୁର ପୁଲିସ ଶନିବାର ରାତିରେ ଉଠାଇ ନେଇ ଥାନା ହାଜତରେ ରଖି ପଚରା ଉଚରା କରୁଥିବା ବେଳେ ରବିବାର ଉକ୍ତ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତଙ୍କ ପରିବାର ଲୋକେ ପୁଲିସ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି।

ବାଣପୁର ଥାନା ଅନ୍ତର୍ଗତ ଦାଶରଥିପୁର ଗ୍ରାମ ତଥା ପୋଡ଼ାସାହିରେ ବେଆଇନ ଭାବେ ଚୋରା ମଦ ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବାଣପୁର ପୁଲିସ ଶନିବାର ରାତିରେ ଉକ୍ତ ଅଞ୍ଚଳରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ଛବିନ୍ଦ୍ର ନାୟକ (୪୫)କୁ ଧରି ଆଣି ବାଣପୁର ଥାନା ହାଜତରେ ଅଟକ ରଖି ପଚରାଉଚରା ଚଳାଇ



ପୁଲିସ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଥିଲେ। ରବିବାର ସକାଳେ ହଠାତ ଛବିନ୍ଦ୍ର ଅସୁସ୍ଥ ହୋଇ ପଡିବାରୁ ପୁଲିସ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଛବିନ୍ଦ୍ରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଛବିନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଭୁବନେଶ୍ୱର କ୍ୟାପିଟାଲ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଛବିନ୍ଦ୍ରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହି ଘଟଣା ପରେ ଥାନା ପରିସରରେ ଗ୍ରାମବାସୀ ଜମା ରହିବାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକ ଓ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା ପ୍ରମୁଖ ବ୍ୟାପକ ପୁଲିସ ଫୋର୍ସ ସହ ବାଣପୁର ଥାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଛବିନ୍ଦ୍ର ପୂର୍ବରୁ ଏକାଧିକ ରୋଗରେ ରୋଗାଗ୍ରସ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ବସବାସ କରୁଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏପରି ସ୍ଥଳେ ଡାକ୍ତର ସ୍ଥାନାନ୍ତର କରିଥିବା ଜଣେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ▸ପୃଷ୍ଠା-୭

# ଅମଳ ବେଳରେ ଅକାଳ ମୃତ୍ୟୁ

### ଜୀବନ ନେଲା ଧାନକଟା ମେସିନ

■ ବାଲେଶ୍ୱର, ୧୪।୧୨ (ସମିସ): ବାଲେଶ୍ୱର ସଦର ବ୍ଲକ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ ଧାନ କଟା ମେସିନରେ ପଶି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଞ୍ଚାୟତ ସାହାଜା ନଗରର ରାଧୁଆ ଦଳେଇଙ୍କ ପୁଅ ରାଜୁ ଦଳେଇ। ସାହାଜା ନଗରରେ ଆଜି ଏକ ବିଲରେ ମେସିନରେ ଧାନ କଟା ହେଉଥିଲା। ସେହି ସମୟରେ ରାଜୁ ତଳେ ବସି କାମ କରୁଥିବାବେଳେ ଅସାବଧାନତା ବଶତଃ ଧାନକଟା ମେସିନରେ ପଶି ଯାଇଥିଲେ। ତୁରନ୍ତ ତାଙ୍କୁ ଅନ୍ୟ ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ରାଜୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଧାନ ବିଲରେ ଜଳିଗଲେ ଚାଷୀ

■ ପିପିଲି, ୧୪।୧୨ (ସମିସ): ନିଆଁ ନେଇଗଲା ଜୀବନ। ଧାନ ବିଲ ମଝିରେ ନିଆଁରେ ଜଳିଗଲେ ପିପିଲି ସୁନାମୁହିଁ ଗାଁର ଚାଷୀ ଗଜେନ୍ଦ୍ର ସ୍ୱାଇଁ। ନିଜ ବିଲରେ ଲଗାଇଥିବା ପାଳ ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଚଡ଼ାରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ନିଆଁ ଭିତରକୁ ପଶିଯାଇଥିଲେ। ଫଳରେ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇ ଜୀବନ ଯାଇଛି। ଗଜେନ୍ଦ୍ର ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ପୂରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଯେ, ପିପିଲି ଥାନା ଅଧୀନସ୍ଥ ସୁନାମୁହିଁ ଗାଁର ଗଜେନ୍ଦ୍ର ଜମିରେ ଧାନ କାଟି ପକାଇଥିଲେ। ବିଲରୁ ପାଗ ଛାଡ଼ିଗଲେ ଆଉ ମୁଗ ବୁଣି ହେବନି ବୋଲି ଭାବି ଧାନ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ସଫା କଲେ ଟ୍ରାକ୍ଟର ଯୋଗେ ଚାଷ କରି ମୁଗ ବୁଣିବାର ଲକ୍ଷ୍ୟ ନେଇ ଗଜେନ୍ଦ୍ର ତାଙ୍କ ବିଲରେ ରବିବାର ସକାଳେ



ନିଆଁ ଲଗାଇଥିଲେ। ମାତ୍ର ପାଖ ବିଲରେ କଟା ହୋଇ କଚଡ଼ା ପଡ଼ିଥିବା ଧାନକୁ ନିଆଁ ଧରିପକାଇଥିଲା। ଏହା ଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ▸ପୃଷ୍ଠା-୭

# ଅସ୍ତ୍ରବିରତି ମାନୁନି ଇସ୍ରାଏଲ; ଗାଜାରେ ପୁଣି ଆକ୍ରମଣ



## ହମାସ୍‌ର ୨ ନଂ ମୁଖ୍ୟ ରାଏଦଙ୍କୁ ହତ୍ୟା

ଗାଜା,୧୪ ।୧୨(ଏଜେନ୍ସି): ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ଲାଗି ଅସ୍ତ୍ରବିରତି ଘୋଷଣା କରାଯାଇଥିଲେ ମଧ୍ୟ ଇସ୍ରାଏଲ ବାରମ୍ବାର ଏହାର ଉଲ୍ଲଂଘନ କରୁଥିବା ଦେଖାଯାଉଛି । ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ ପାଲେଷ୍ଟାନଇନର ଗାଜା ସହର ଉପରେ ବାରମ୍ବାର ଆକ୍ରମଣ କରିବାରେ ଲାଗିଛି । ଇସ୍ରାଏଲ ଆଜି ପୁଣି ଗାଜା ଉପରେ ପ୍ରବଳ ବୋମାମାଡ଼ କରିଛି । ଏଥିରେ ୨୫ ଜଣ ଲୋକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣ ।ରେ ହମାସର ଦୁଇ ନମ୍ବର ନେତା ବା ସେକଣ୍ଡ ଇନ୍ କମାଣ୍ଡ ରାଏଦ ସଇଦଙ୍କ ମୃତ୍ୟୁ ଘଟିଛି । ରାଏଦ ସଇଦଙ୍କ ମୃତ୍ୟୁ ନେଇ ହମାସ ତରଫରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି । ରାଏଦ ହମାସ ଅଲ- କାସିମ ବ୍ରିଗେଡର ପ୍ରମୁଖ କମାଣ୍ଡର ଥିଲେ । ଅନ୍ୟପକ୍ଷରେ ଇସ୍ରାଏଲ ଦାବି କରିଛି ଯେ ରାଏଦ ହମାସର ଅସ୍ତ୍ରଶସ୍ତ୍ର ତିଆରି କରୁଥିବା ନେଟ୍‌ୱର୍କର ପ୍ରମୁଖ ଥି।ଲେ । ସେ ମଧ୍ୟ ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି କୁହାଯାଇଛି । ଅସ୍ତ୍ରବିରତି ଲାଗୁ ହେବା ପରେ ମଧ୍ୟ ରାଏଦ ହମାସର କ୍ଷମତାକୁ ବୃଦ୍ଧି କରିବା ଓ ଅସ୍ତ୍ରଶସ୍ତ୍ର ତିଆରି କରିବା କାର୍ଯ୍ୟ କରୁଥି।। ବୋଲି ଇସ୍ରାଏଲ ଅଭିଯୋଗ କରିଛି । ଏହା ଶାନ୍ତି ଚୁକ୍ତିର ଉଲ୍ଲଂଘନ ଥିଲା । ନିଜର ସୈନିକଙ୍କ ଉପରେ ଆକ୍ରମଣ ପରେ ହିଁ ଇସ୍ରାଏଲ ନିଜର ସୁରକ୍ଷା ପାଇଁ ଏହି ଆକ୍ରମଣ କରିଛି ବୋଲି କହିଛି ।

ଅନ୍ୟପକ୍ଷରେ ଗାଜା ପ୍ରଶାସକ ଇସ୍ରାଏଲର ଏହି ଆକ୍ରମଣର ନିନ୍ଦା କରିଛନ୍ତି । ଅସ୍ତ୍ରବିରତି ପ୍ରତି ସମ୍ମାନ ଜଣାଇବା ଲାଗି ବିଶ୍ୱ ସମୁଦାୟ ଇସ୍ରାଏଲ ଉପରେ ଚାପ ପକାନ୍ତୁ । ବିଶେଷ କରି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ମୁଖ୍ୟ ଗ୍ୟାରେଣ୍ଟର ଥିବାରୁ ସେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି । ହମାସର ସୂଚନା ଅନୁସାରେରାଏଦ୍‌ଗାଜାସିଟିବାଟାଲିୟନରପୂର୍ବତନମୁଖ୍ୟଥିଲେ ।

## ଆମେରିକା ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ; ୨ ମୃତ

ରୋଡ୍ ଆଇଲାଣ୍ଡ, ୧୪ ।୧୨ : ଆମେରିକାର ଶିକ୍ଷାନୁଷ୍ଠାନରେ ପୁଣିଥରେ ଗୁଳିକାଣ୍ଡ ଘଟଣା ଦେଖିବାକୁ ମିଳିଛି । ରୋଡ ଆଇଲାଣ୍ଡସ୍ଥିତ ବ୍ରାଉନ ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ କାରଣରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଅଛନ୍ତି । ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି । ଏନେଇ ପ୍ରୋଭିଡେନ୍ସ ମେୟର ବ୍ରେଟ୍ ସ୍ମାଇଲି ସତର୍କ କରାଇଛନ୍ତି । ଗୁଳିକାଣ୍ଡ ଘଟାଇ ସନ୍ଦିଗ୍ଧ ବ୍ୟକ୍ତି ଘଟଣାସ୍ଥଳରୁ ପଳାୟନ କରିଥିଲେ ବୋଲି କୁହାଯାଇଛି । ସେ ସମ୍ପୂର୍ଣ୍ଣ ଭାବେ କଳା ପୋଷାକ ପରିଧାନ କରିଥିଲେ । ଏହି ଘଟଣାରେ ଜଣକୁ ଗିରଫ କରାଯାଇଥିଲେ ମଧ୍ୟ ପୁଲିସ ତାଙ୍କୁ ପରେ ଛାଡିଦେଇଛି । ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଆମେରିକାରେ ଗୁଳିକାଣ୍ଡ ଘଟଣା ଆଦୌ ନୂଆ ନୁହେଁ ।

## ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦୁଇ ଭାଇଙ୍କୁ ଆଜି ଅଣାଯାଇପାରେ

ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଲିକ ଦୁଇଭାଇ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ସୋମବାର ସୁଦ୍ଧା ଭାରତକୁ ପ୍ରତ୍ୟାର୍ପଣ କରାଯାଇପାରେ । ଥାଇଲାଣ୍ଡ ପୁଲିସ ଫୁକେଟରେ ଦୁଇଭାଇଙ୍କୁ ଅଟକ ରଖିଥିଲା । ସେମାନଙ୍କୁ ଭାରତ ପଠାଇବା ନେଇ ପ୍ରକ୍ରିୟା ଜାରି ରହିଛି । ଦୁଇ ଭାଇ ହୋଟେଲରୁ ଖାଇବାପାଇଁ ବାହାରକୁ ଯାଇଥିବା ବେଳେ ଥାଇ ପୁଲିସ ହାତରେ ଧରା ପଡିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୁଇ ଭାଇଙ୍କୁ ଭାରତରେ ଖୋଜା ଯାଉଛି ଓ ସେମାନେ ଥାଇଲାଣ୍ଡର ଫୁକେଟରେ ଅଛନ୍ତି ବୋଲି ଥାଇଲାଣ୍ଡ ଅଧିକାରୀମାନେ ଜାଣିବାକୁ ପାଇଥିଲେ । ଭାରତୀୟ ଏଜେନ୍ସିଗୁଡିକଠାରୁ ଇନ୍‌ପୁଟ୍ ମିଳିବା ପରେ ଥାଇ ଅଧିକାରୀମାନେ ପ୍ରଥମେ ହୋଟେଲ ଉପରେ ନଜର ରଖିଥିଲେ । ଯେତେବେଳେ ସେମାନେ ହୋଟେଲ ବାହାରକୁ ବାହାରିଥିଲେ ଅଧିକାରୀମାନେ ସେମାନଙ୍କ ଯାତ୍ରା ଓ ଅନ୍ୟ ତଥ୍ୟ ଯାଞ୍ଚ କରିବା ସହ ସେମାନଙ୍କୁ ଅଟକ ରଖିଥିଲେ । ଡିସେମ୍ବର ୬ରେ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଘଟଣା ପରେ ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ଚାଲିଯାଇଥିଲେ । ଦୁଇଜଣଙ୍କୁ ବ୍ୟାଙ୍କକରୁ ପ୍ରଥମେ ଦିଲ୍ଲୀ ଓ ପରେ ଗୋଆ ନିଆଯିବ । ଦୁଇଭାଇ କେତୋଟି ନକଲି କମ୍ପାନୀର ମାଲିକ ବୋଲି ଜଣାପଡିଛି ।

## ପୁଲିସ, ବନବିଭାଗ କର୍ମଚାରୀଙ୍କୁ ଆକ୍ରମଣ; ୪୭ ଆହତ

ବନସକାଣ୍ଠା,୧୪ ।୧୨(ଏଜେନ୍ସି): ଗୁଜରାଟର ବନସକାଣ୍ଠାର ଅମ୍ବାଜୀ ତୀର୍ଥ ନଗରୀରୁ ୧୪ କିମି ଦୂରରେ ଥିବା ଦାନ୍ତା ତାଲୁକାର ପାଡଲୀୟା ଗାଁରେ ଶନିବାର ଦ୍ୱିପହରରେ ୫୦୦ ଲୋକ ସଙ୍ଘବଦ୍ଧ ଭାବେ ପୁଲିସ ଓ ବନବିଭାଗର କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ । ଗାଁ ଲୋକମାନେ ଟେକା ଓ ପଥର ଫିଙ୍ଗିଥିଲେ । କେବଳ ସେତିକି ନୁହେଁ ପୁଲିସକୁ ଟାର୍ଗେଟ କରି ଲୋକେ ଗୁଳି ଓ ତୀର ମଧ୍ୟ ମାଡ କରିଥିଲେ । ଉତ୍ତ୍ୟକ୍ତ ଜନତା ପୁଲିସ ଓ ବନବିଭାଗର ଗାଡ଼ିକୁ ମଧ୍ୟ ଜାଳି ଦେଇଥିଲେ । ଏହି ଦଳ ଗଛ ଲଗାଇବା ପାଇଁ ଗାଁରେ ପହଞ୍ଚିଥିଲେ । ଆକ୍ରମଣ ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୫୦ରୁ ଅଧିକ ଗୁଳି ମଧ୍ୟ ଚଳାଇଥିଲା ଓ ୨୦ ଲୁହବୁହା ଗ୍ୟାସ ଛାଡିଥିଲା । ଉଲ୍ଲେଖଥାଉ କି, ଗାଁରେ ସେର୍ଭ ନଂ ୯ ଅଞ୍ଚଳକୁ ନେଇ ଦୀର୍ଘଦିନ ଧରି ବିବାଦ ଚାଲିଆସୁଛି । ଏହି ଅଞ୍ଚଳରୁ ବେଦଖଲ ହେବା ନେଇ ଗାଁ ଲୋକେ ଆଶଙ୍କା କରୁଛନ୍ତି । ଏହି ଜମି ବିବାଦ କାରଣରୁ ଏହି କାଣ୍ଡ ଘଟିଛି ବୋଲି କୁହାଯାଇଛି । ଘଟଣା ପରେ ଗାଁରେ ବହୁ ସଂଖ୍ୟାରେ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି ।

## ଦକ୍ଷିଣ ଆଫ୍ରିକାରେ ଭୁଶୁଡ଼ିଲା ହିନ୍ଦୁ ମନ୍ଦିର; ୪ ମୃତ

ଜୋହାନ୍ସବର୍ଗ,୧୪ ।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର କ୍ୱାଜୁଲ ନାଟାଲ ରାଜ୍ୟରେ ଏକ ନିର୍ମାଣାଧୀନ ୪ ମହଲା ବିଶିଷ୍ଟ ହିନ୍ଦୁ ମନ୍ଦିର ଭୁଶୁଡି ପଡିଛି । ଏଥିରେ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସହରର ଉତ୍ତରରେ ଏକ ପାହାଡ଼ ଉପରେ ଏହି ମନ୍ଦିର ନିର୍ମାଣ କରାଯାଉଥିଲା । ଦୁର୍ଘଟଣା ସମୟରେ ନର୍ମାଣ ଶ୍ରମିକ ଓ ମନ୍ଦିର ସହଯୋଗୀମାନେ ସେଠାରେ ଉପସ୍ଥିତ ଥିଲେ । ମୃତକଙ୍କ ମଧ୍ୟରେ ୫୨ ବର୍ଷୀୟ ଜୟରାଜ ପାଣ୍ଡେ ସାମିଲ ରହିଛନ୍ତି । ସେ ମନ୍ଦିର ଟ୍ରଷ୍ଟିର କାର୍ଯ୍ୟକାରୀ ସଦସ୍ୟ ଥିଲେ ଓ ନିର୍ମାଣ ଯୋଜନାର ପ୍ରବନ୍ଧକ ରୂପେ କାମ କରୁଥିଲେ । ସେ ଗତ ଦୁଇବର୍ଷ ହେବ ମନ୍ଦିର ବିକାଶ କାର୍ଯ୍ୟ ସହ ଜଡିତ ଥିଲେ । ମନ୍ଦିରକୁ ଏକ ଗୁମ୍ଫା ଆକାରରେ ତିଆରି କରାଯାଉଥିଲା । ଏହି ମନ୍ଦିରରେ ଭଗବାନ ନୃସିଂହନାଥଙ୍କ ବିଶ୍ୱର ସର୍ବବୃହତ ମୂର୍ତ୍ତି ସ୍ଥାପନ କରିବାର ଯୋଜନା ଥିଲା ।

## ପିଏମ୍ ଇଣ୍ଟର୍ଣ୍ଣସିପ୍: ଷ୍ଟାଇପେଣ୍ଡ କମ୍; ଖର୍ଚ୍ଚ ବେଶି

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଯୋଜନା ପ୍ରବଳ, ମାତ୍ର କାର୍ଯ୍ୟକାରିତା ଦୁର୍ବଳ ହୋଇଚାଲିଛି । ଫଳରେ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ । ଯେଉଁ ଉଦ୍ଦେଶ୍ୟ ରଖି ଯୋଜନା ଅଣାଯାଉଛି ତାହା ଫଳପ୍ରସୂ ହୋଇପାରୁନି । 'ପିଏମ ଇଣ୍ଟର୍ଣ୍ଣସିପ୍ ଯୋଜନା' ଏଥିରୁ ବାଦ୍ ପଡ଼ିନାହିଁ । ଏହି ଯୋଜନାକୁ ବର୍ଷେ ପୂରଣ ହୋଇ ସାରିଲାଣି । ମାତ୍ର ଏହି ଅବଧି ମଧ୍ୟରେ କେବଳ ୨୦୬୬ ଜଣ ଇଣ୍ଟର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିଛନ୍ତି । ତେବେ ସରକାର ୧.୨୫ ଲକ୍ଷଙ୍କ ଇଣ୍ଟର୍ଣ୍ଣସିପ୍ ପୂରଣ ଲାଗି ଲକ୍ଷ୍ୟ ରଖିଥିଲେ । ଏହି ଯୋଜନା ପାଇଁ ସରକାର ବଜେଟରେ ୮୪୦ କୋଟି ଟଙ୍କା ଆବଣ୍ଟନ କରିଥିଲେ । ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାକୁ ହ୍ରାସ କରି ୩୮୦ କୋଟି ଟଙ୍କା କରିଦିଆଯାଇଥିଲା । ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୭୩.୭୨ କୋଟି ଟଙ୍କା ଖର୍ଚ୍ଚ କରାଗଲାଣି । ଏଥିରୁ ୧୬.୬୨ କୋଟି ଟଙ୍କା କେବଳ ବିଜ୍ଞାପନ ବାବଦରେ ବ୍ୟୟ କରାଯାଇଛି ।

**■ ୭୪ କୋଟି ଖର୍ଚ୍ଚ, କେବଳ ୨୦୬୬ ଜଣଙ୍କ ସମ୍ପୂର୍ଣ୍ଣ ହୋଇଛି ଇଣ୍ଟର୍ଣ୍ଣସିପ୍**


ଅଧିକାଂଶ କମ୍ପାନୀ ବଡ଼ ସହରରେ ଅଫିସ ଖୋଲିଛନ୍ତି । ଇଣ୍ଟର୍ଣ୍ଣସିପ୍ ସମୟରେ ଦିଆଯାଉଥିବା ଷ୍ଟାଇପେଣ୍ଡ ବହୁତ କମ୍ ରହିଛି । ତେଣୁ କେହି ନିଜ ଗାଁ ଛାଡ଼ି ଏଥିରେ ସାମିଲ ହେବାକୁ ଯାଉନାହାନ୍ତି । ଜଣେ ଆବେଦନକାରୀ ସହରକୁ ପ୍ରଶିକ୍ଷଣ ନେବାକୁ ଆସିଲେ, ଷ୍ଟାଇପେଣ୍ଡରେ ମିଳୁଥିବା ଅର୍ଥ ତୁଳନାରେ ଖର୍ଚ୍ଚ ଅଧିକ ହେଉଛି । ଇଣ୍ଟର୍ଣ୍ଣସିପ୍ କରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଏକାଥରକେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି । ଏହା ପରେ ମାସକୁ ୫ ହଜାର ଟଙ୍କା ମିଳୁଛି । କୌଣସି ବଡ଼ ସହରରେ ରହିବା ଏବଂ ଯିବାଆସିବା ଖର୍ଚ୍ଚ ଏହାଠାରୁ ଢେର ଅଧିକ । ତେଣୁ ଅଧିକାଂଶ ଲୋକ ପିଏମ ଇଣ୍ଟର୍ଣ୍ଣସିପ୍ କରୁନାହାନ୍ତି । ଏହା ବ୍ୟତୀତ ଇଣ୍ଟର୍ଣ୍ଣସିପ୍ ଅବଧି ବର୍ଷେ ରହୁଛି । ଦୀର୍ଘ ସମୟ ଲାଗି ମଧ୍ୟ ପ୍ରାର୍ଥୀ ଏହା କରିବାକୁ ଚାହୁଁ ନାହାନ୍ତି । ତେଣୁ ଅଧିକାଂଶ ଅଧାରୁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ପଳାଉଛନ୍ତି । ଆଉ କିଛି କମ୍ପାନୀ ଆଶାୟୀଙ୍କ ଦକ୍ଷତା ଉପରେ ଧ୍ୟାନ ନ ଦେଇ ଖାଲି ଡାଟା ଏଣ୍ଟ୍ରି କରାଉଛନ୍ତି । ଏହା ଫଳରେ ଆଶାୟୀ ପରୀକ୍ଷା, ସରକାରୀ ଚାକିରି ପ୍ରସ୍ତୁତି ପାଇଁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ଦେଉଛନ୍ତି ।

କର୍ପୋରେଟ ମାମଲାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲହୋତ୍ରା ମୌସୁମୀ ଅଧିବେଶନରେ ଲୋକସଭାରେ କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ୧.୬୫ ଲକ୍ଷଙ୍କୁ ଇଣ୍ଟର୍ଣ୍ଣସିପ୍ ଅଫର ଦିଆଯାଇଥିଲା । କିନ୍ତୁ ଏଥିରୁ କେବଳ ୨୦ ପ୍ରତିଶତ ଇଣ୍ଟର୍ଣ୍ଣସିପ୍ କରିଥିଲେ । ବହୁତ ଦୂରରେ ଅଫିସ, ସଠିକ କାମ ନ ମିଳିବା, ସମୟସୀମା ଅଧିକ ହେବାରୁ ଅଧିକାଂଶ ଇଣ୍ଟର୍ଣ୍ଣସିପ ପାଇଁ ରାଜି ହୋଇ ନ ଥିଲେ । ତେଣୁ ଷ୍ଟାଇପେଣ୍ଡ ବାବଦକୁ ଅଧିକ ଅର୍ଥ ଦେଲେ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି କୁହାଯାଉଛି ।

## ହଜାରେ କୋଟିର ସାଇବର ଠକେଇ ୪ ଚୀନ୍ ନାଗରିକଙ୍କ ନାମରେ ଚାର୍ଜସିଟ୍

ନୂଆଦିଲ୍ଲୀ, ୧୪ ।୧୨(ଏଜେନ୍ସି): କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ଅନ୍ତର୍ଜାତୀୟ ସାଇବର ଅପରାଧରେ ସାମିଲ ଥିବା ୪ ଜଣ ଚୀନ ନାଗରିକ ଓ ୫୮ କମ୍ପାନୀ ସମେତ ୧୭ ଜଣ ଲୋକଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ରବିବାର ସିବିଆଇ ଅଧିକାରୀମାନେ ଏ ସଂକ୍ରାନ୍ତରେ ସୂଚନା କହିଛନ୍ତି ଯେ, ଏହି ଅଭିଯୁକ୍ତମାନେ ୧୦୦ରୁ ଅଧିକ ନକଲି କମ୍ପାନୀ ସ୍ଥାପନ କରି ଏକ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସାଇବର ଠକେଇ କରିଛନ୍ତି । ସାଇବର ଠକେଇ କରୁଥିବା ଏକ ଅନ୍ତର୍ଜାତୀୟ ନେଟୱର୍କ ସହିତ ଏମାନେ ଜଡିତ ଅଛନ୍ତି । ସିବିଆଇ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରରୁ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରିଥିଲା । ଗତ ଅକ୍ଟୋବରରେ ଏହି ସାଇବର ଠକେଇ ନେଟୱର୍କର ପର୍ଦ୍ଦାଫାସ୍ ହୋଇଥିଲା । ସାଇବର ଟିମ୍ ଏହି ନେଟୱର୍କର ବିଷୟରେ ତଥ୍ୟ ପାଇଥିଲା । ଏମାନେ ଭିନ୍ନ ଭିନ୍ନ ସାଇବର ଠକେଇ କରୁଥିଲେ । ଏମାନେ ନକଲି ଋଣ ଓ ନିବେଶ ଯୋଜନାର ଲୋଭ ଦେଖାଇ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ । ଯାଞ୍ଚ ବେଳେ ୧୧୧ଟି ନକଲି ସେଲ କମ୍ପାନୀ ଥିବା ଜଣାପଡ଼ିଥିଲା । ଏହି କମ୍ପାନୀଗୁଡିକରେ ବିଭିନ୍ନ ବ୍ୟାଙ୍କ ଖାତା ଜରିଆରେ ୧, ୦୦୦ କୋଟିରୁ ଅଧିକ ଟଙ୍କା ନେଣଦେଣ ହୋଇଥିଲା । ଏହିକ୍ରମରେ ସିବିଆଇ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ଝାଡଖଣ୍ଡ ଓ ହରିୟାଣା ଭଳି ରାଜ୍ୟରେ ଚଢ଼ାଉ କରିଥିଲା । ଏହି ୪ ଚୀନ ନାଗରିକମାନେ ହେଲେ ଜୁ ୟି, ହୁଆନ ଲିୟୁ, ବେଜଜିଆନ ଲିୟୁ ଓ ଗୁଆନହୁଆ ୱାଙ୍ଗ । ୨୦୨୦ରେ ଏମାନେ ଫର୍ଜି କମ୍ପାନୀ ସ୍ଥାପନ କରିଥିଲେ ବୋଲି ସିବିଆଇ କହିଛି ।

## ବିମାନରେ ଆମେରିକୀୟ ମହିଳାଙ୍କ ଜୀବନ ବଞ୍ଚାଇଲେ ପୂର୍ବତନ ବିଧାୟିକା



ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଗୋଆରୁ ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ଜଣେ ଆମେରିକୀୟ ମହିଳା ଅଚାନକ ବେହୋଶ ହୋଇଯାଇଥିଲେ । କିନ୍ତୁ ବିମାନରେ କର୍ଣ୍ଣାଟକର ଜଣେ ପୂର୍ବତନ ବିଧାୟିକା ଓ ପେସାରେ ଡାକ୍ତର ଥିବା ଅଞ୍ଜଳି ନିମ୍ବାଲକର ମଧ୍ୟ ଉପସ୍ଥିତ ଥିଲେ । ଅଞ୍ଜଳି ତୁରନ୍ତ ବିଳମ୍ବ ନ କରି ଏହି ବିଦେଶୀ ମହିଳାଙ୍କୁ ସିପିଆର ଦେଇ ତାଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ଏହି ମେଡିକାଲ ଏମର୍ଜେନ୍ସି ବେଳେ ବିମାନ ପାଖାପାଖି ୩,୦୦୦ ଫୁଟ୍ ଉଚ୍ଚରେ ଥିଲା । ଅଞ୍ଜଳି ମଧ୍ୟ କଂଗ୍ରେସର ନେତ୍ରୀ । ସେ ଦିଲ୍ଲୀ ରାମଲୀଳା ମଇଦାନରେ ଅନୁଷ୍ଠିତ କଂଗ୍ରେସର 'ଭୋଟ ଚୋରି ରାଲି'ରେ ଯୋଗଦେବାକୁ ଦିଲ୍ଲୀ ଆସିଥିଲେ । ସେହିପରି ଏହି ଆମେରିକୀୟ ମହିଳା ହେଉଛନ୍ତି କାଲିଫର୍ଣ୍ଣିଆରେ ରହୁଥିବା ୩୪ ବର୍ଷୀୟ ଜେନି । ସେ ନିଜ ଭଉଣୀଙ୍କ ସହ ଏକ ବିବାହ ସମାରୋହରେ ଯୋଗଦେବାକୁ ଦିଲ୍ଲୀ ଆସୁଥିଲେ । ଶନିବାର ଦ୍ୱିପହର ପରେ ପାଖାପାଖି ୧.୩୦ରେ ବିମାନ ଟେକ୍‌ଅଫ୍ କରିବାରୁ ୧୦ମିନିଟ ପରେ ଜେନି ଅସୁସ୍ଥ ହୋଇପଡିଥିଲେ ଓ ଥରି ଥରି ବେହୋଶ ହୋଇ ତଳେ ପଡିଯାଇଥିଲେ । ଏହାପରେ ଅଞ୍ଜଳି ନିଜ ଡାକ୍ତରୀ ଅଭିଜ୍ଞତାର ଉପଯୋଗ କରି ତାଙ୍କୁ ବଞ୍ଚାଇଥିଲେ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏଥିପାଇଁ ଅଞ୍ଜଳିଙ୍କୁ ପ୍ରଶଂସା କରିଛନ୍ତି ।

## ସିରିଆରେ ଆମେରିକା ସୈନିକଙ୍କ ଉପରେ ଆକ୍ରମଣ; ୩ ମୃତ

ଡମାସ୍କସ୍,୧୪ ।୧୨(ଏଜେନ୍ସି): କେନ୍ଦ୍ର ସିରିଆର ପଲମିରାରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଦ୍ୱାରା ଏକ ବଡ଼ ଧରଣର ଆକ୍ରମଣ ହୋଇଛି । ଆତଙ୍କବାଦୀମାନେ ଆମେରିକୀୟ ସୈନିକଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରିଛନ୍ତି । ଏଥିରେ ଦୁଇଜଣ ଆମେରିକୀୟ ସୈନିକ ଓ ଜଣେ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୩ ଜଣ ସୈନିକ ଆହତ ହୋଇଛନ୍ତି । ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ କହିବା ଅନୁସାରେ ଆମେରିକୀୟ ସୈନିକମାନେ ଆଇଏସ୍‌ଆଇଏସ୍ ଆତଙ୍କବାଦ- ନିରୋଧ ଅଭିଯାନ ପାଇଁ ଏକ ବୈଠକରେ ଯୋଗଦେଉଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ଘଟଣା ବେଳେ ସେଠାରେ ଉପସ୍ଥିତ ସିରିଆର ସୁରକ୍ଷାକର୍ମୀଙ୍କୁ ମଧ୍ୟ ଆତଙ୍କବାଦୀମାନେ ମାରିଥିଲେ । ଏହି ଆକ୍ରମଣରେ ସିରିଆର କିଛି ସୁରକ୍ଷାକର୍ମୀ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି । ସବୁ ଆହତଙ୍କୁ ହେଲିକପ୍ଟର ଜରିଆରେ ନିକଟରେ ଥିବା ଆମେରିକା ସୈନ୍ୟ ଆଡ୍ଡାକୁ ନିଆଯାଇଛି । ବଶର ଅଲ୍-ଅସଦ ଶାସନରୁ ହଟିବା ପରେ ହିଁ ଆମେରିକା ସୈନ୍ୟଙ୍କ ଉପରେ ଏହି ଆକ୍ରମଣ ହୋଇଛି । ଅନ୍ୟପଟେ ଏହି ଆକ୍ରମଣର ଜବାବ ଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ।

## ରାମଲୀଳା ମଇଦାନରେ ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ରବିବାର ଦିଲ୍ଲୀର ରାମଲୀଳା ମଇଦାନରେ କଂଗ୍ରେସ ତା'ର 'ଭୋଟ ଚୋର, ଗାଦି ଛୋଡ଼' ରାଲି ଆୟୋଜିତ କରିଥିଲା । ବରିଷ୍ଠ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଚିରାଚରିତ ଢ଼ଙ୍ଗରେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଆତ୍ମବିଶ୍ୱାସ ଚାଲିଯାଇଛି ଓ ଅମିତ ଶାହାଙ୍କ ହାତ ଥରୁଛି ବୋଲି ସେ କହିଛନ୍ତି । ସେମାନଙ୍କ ଚୋରି ଏବେ ଧରାପଡିଛି ଓ ଏ ନେଇ ସେମାନେ ଭଲ ଭାବେ ଅବଗତ ଅଛନ୍ତି ବୋଲି କହିଛନ୍ତି ।

ସେହିପରି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର, ଶୁଖବୀର ସିଂ ଓ ବିବେକ ଯୋଶୀ ବିଜେପି ସହ ସାଥୀ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଆମେ ଏହି ନିୟମରେ ପରିବର୍ତ୍ତନ ଆଣିବୁ ଓ ଏହି ଲୋକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ଏମାନେ ଭୁଲିଯିବା ଉଚିତ ନୁହେଁ ଯେ, ସେମାନେ ନିର୍ବାଚନ କମିସନର ଏବଂ ସେମାନେ ବିଜେପିର କର୍ମୀ ନୁହନ୍ତି ବୋଲି ସେ କହିଛନ୍ତି । ରାହୁଲଙ୍କ ପୂର୍ବରୁ କଂଗ୍ରେସ ନେତ୍ରୀ ତଥା ୱାଏନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଭୋଟ ଚୋରି ନେଇ ନିଜର ମତ ରଖିଥିଲେ । ଗୋଟିଏ ଭୋଟର ମୂଲ୍ୟ କ'ଣ ସମସ୍ତେ ବୁଝିବା ଆବଶ୍ୟକ ବୋଲି ପ୍ରିୟଙ୍କା କହିଛନ୍ତି । ଏବେ ଦେଶର ନ୍ୟାୟପାଳିକା ମଧ୍ୟ ଚାପରେ ରହିଛି । ସେହିପରି ଦେଶର ସବୁ ଗଣମାଧ୍ୟମ ଏବେ ଆଦାନୀ ଓ ଅମ୍ବାନୀଙ୍କର ଅକ୍ତିଆରରେ ଅଛି । କଂଗ୍ରେସ ନେତାମାନଙ୍କୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଗିରଫ କରି




ଜେଲ୍‌ରେ ଭର୍ତ୍ତି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । କିନ୍ତୁ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ସେମାନେ ୱାସିଂ ମେସିନ ଦ୍ୱାରା ସଫା ହେଇ ଯାଉଛନ୍ତି ବୋଲି ସେ କହିଛନ୍ତି । ଏହି ରାଲିରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ରାଲି ଆରମ୍ଭ ହେବା ପୂର୍ବରୁ ଆପତ୍ତିଜନକ ମୋଦୀ ବିରୋଧୀ ।।ସ୍ଲୋଗାନ ଦେଇଥିଲେ । ଏଥିପାଇଁ ବିଜେପିର ଏହାର ନିନ୍ଦା କରିଛି ।

## ବାଂଲାଦେଶ ଅଭିଯୋଗକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୧୪ ।୧୨(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନେଇ ଭାରତର ଆଭିମୁଖ୍ୟ ପାଇଁ ବାଂଲାଦେଶ ଚିନ୍ତା ପ୍ରକଟ କରିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ଭାରତରେ ରହୁଛନ୍ତି ଓ ସେଠାରୁ ଉସୁକାଇବା ଭଳି ମନ୍ତବ୍ୟ ଦେଉଛନ୍ତି । ହସିନା ବାଂଲାଦେଶରେ ହିଂସା ସୃଷ୍ଟି କରିବାକୁ ପ୍ରବର୍ତ୍ତାଉଛନ୍ତି । ଭାରତ ଏହି ଅଭିଯୋଗକୁ ଖଣ୍ଡନ କରିଛି ।

# ପାକିସ୍ତାନ ଓ ଉପସାଗରୀୟ ଦେଶରେ କାହିଁକି ନିଷିଦ୍ଧ ହୋଇଛି 'ଧୂରନ୍ଧର'

ନୂଆଦିଲ୍ଲୀ,୧୪ ।୧୨(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୂରନ୍ଦର' ବଲିଉଡ୍ ସିନେମା ଏବେ ଦେଶ ଓ ବିଦେଶରେ ହଇଚଇ ସୃଷ୍ଟି କରିଛି । ବକ୍ସ ଅଫିସରେ ଏହି ସିନେମା ଜବରଦସ୍ତ ବ୍ୟବସାୟ କରିବା ସହ ମୁକ୍ତିଲାଭ କରିବାର ମାତ୍ର ୧୦ ଦିନ ମଧ୍ୟରେ ସୁପରହିଟ୍ ସାବ୍ୟସ୍ତ ହୋଇଛି ଓ ଅନ୍ୟ ସିନେମାର ରେକର୍ଡଗୁଡିକୁ ପଛରେ ପକାଇଛି । ଭଲ ବ୍ୟବସାୟ କରିବା ସହ ଏହି ସିନେମାକୁ ନେଇ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିବାଦ ମଧ୍ୟ ସୃଷ୍ଟି ହୋଇଛି । ସବୁ ମହଲରୁ ଏହି ସିନେମାକୁ ପ୍ରଶଂସା କରାଯାଇଛି । ବଲିଉଡ୍‌ର ପୂର୍ବତନ ଓ ଏବେକାର ସୁପରଷ୍ଟାରମାନେ ଏହି ସିନେମାକୁ ଭୂୟସୀ ପ୍ରଶଂସା କରିଛନ୍ତି ଓ ସବୁ କଳାକାରମାନଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି ବୋଲି ଅମିତାଭ ବଚ୍ଚନଙ୍କଠାରୁ ରତିକ ରୋଶନଙ୍କ ପର୍ଯ୍ୟନ୍ତ କଳାକାରମାନେ କହିଛନ୍ତି । ଖାସ୍ କରି ଅକ୍ଷୟ ଖାନ୍ନା ରେହମାନ ଡକାଏତ ଭୂମିକାରେ ଜବରଦସ୍ତ ଅଭିନୟ କରିଛନ୍ତି । ସେ କରାଚୀର ଜଣେ ଗ୍ୟାଙ୍ଗଷ୍ଟର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଖଳନାୟକ ହୋଇଥିଲେ ମଧ୍ୟ ସେ ପ୍ରଶଂସକଙ୍କ ମନରେ ନାୟକ ଭାବେ ଉଭା ହୋଇଛନ୍ତି ।



କିନ୍ତୁ ଏହା ମୌଳିକ ଭାବେ ଏକ ସ୍ପାଏ ଅର୍ଥାତ ଗୁପ୍ତଚର ସମ୍ପର୍କିତ ସିନେମା । ଏଥିରେ ପଡୋଶୀ ଦେଶ ପାକିସ୍ତାନ ଓ ତା'ର ଅପରାଧୀ, ଡନ୍, ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସି (ଆଇଏସ୍‌ଆଇ) ଓ ଗ୍ୟାଙ୍ଗୱାରକୁ ପ୍ରଦର୍ଶିତ କରାଯାଇଛି । ମୋଟ ଉପରେ କହିବାକୁ ଗଲେ ପାକିସ୍ତାନ ହିଁ ଏହି ସିନେମାର ମୁଖ୍ୟ ଖଳନାୟକ ବୋଲି କହିଲେ ଭୁଲ ହେବ ନାହିଁ । ପାକିସ୍ତାନର କେତେକ କଳାସତ୍ୟକୁ ମଧ୍ୟ ଏଥିରେ ନିଖୁଣ ଭାବେ ଦେଖାଯାଇଛି । ତେଣୁ ଏହି ସିନେମାକୁ ପାକିସ୍ତାନରେ ବ୍ୟାନ୍ ଅର୍ଥାତ ନିଷିଦ୍ଧ କରାଯାଇଛି । କିନ୍ତୁ ଏହାକୁ ଉପସାଗରୀୟ ଓ ଆରବ ଦେଶଗୁଡିକ ନିଷିଦ୍ଧ କରିବା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଅଧିକାଂଶ ଆରବ ଦେଶ ଭାରତର ଭଲ ବନ୍ଧୁ ଭାବେ ଜଣାଶୁଣା । ଏହି ସିନେମାରେ ଇସ୍‌ଲାମୋ ଫୋବିଆ ଅର୍ଥାତ ଇସ୍‌ଲାମ ଧର୍ମ ପ୍ରତି ତର୍କହୀନ ଭୟ, ଘୃଣା ଓ ଶତ୍ରୁତାକୁ ଦେଖାଯାଇଛି ବୋଲି କେତେକ ଅଭିଯୋଗ କରିଛନ୍ତି । ନିକଟରେ ୬ଟି ଆରବ ଦେଶ ଏହି ସିନେମାର ସ୍କ୍ରିନିଂକୁ ନିଷିଦ୍ଧ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ଏହି ଦେଶଗୁଡିକ ହେଲା ବାହାରିନ, କତାର, କୁଏତ, ଓମାନ, ସାଉଦି ଆରବ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) । 'ଧୂରନ୍ଧର' ଏହି ଦେଶଗୁଡିକରେ ମୁକ୍ତିଲାଭ କରିବ ନାହିଁ ବୋଲି କୁହାଯାଇଛି । ଏହି ସିନେମାକୁ ଆନଟି ପାକିସ୍ତାନ ବା ପାକିସ୍ତାନ ବିରୋଧୀ ବୋଲି କହି ଏହି ଦେଶଗୁଡିକ ଏହାକୁ ନିଷିଦ୍ଧ କରିଛନ୍ତି । ଅବଶ୍ୟ ଏହା ହେବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା । ସିନେମାକୁ ପାକିସ୍ତାନରେ ନିଷିଦ୍ଧ ହେବା କଥା ବୁଝା ପଡୁଛି । କିନ୍ତୁ ଉପସାଗରୀୟ ଦେଶଗୁଡିକ କାହିଁକି ଏହାକୁ ନିଷିଦ୍ଧ କଲେ ତାହା ଅବଶ୍ୟ ବୁଝା ପଡୁନାହିଁ । ଏହି ଦେଶଗୁଡିକ 'ଧୂରନ୍ଧର'କୁ ଆଣ୍ଟି ପାକିସ୍ତାନ ସିନେମା ବୋଲି ବିବେଚନା କରୁଛନ୍ତି । ଏହାଦ୍ୱାରା ପାକିସ୍ତାନ ସହ ଏହି ଦେଶଗୁଡିକର କୂଟନୈତିକ ଓ ରାଜନୈତିକ ସମ୍ପର୍କ ଖରାପ ହେବ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ଏହା ସତ୍ତ୍ୱେ 'ଧୂରନ୍ଧର' ଶନିବାର ମୁକ୍ତିଲାଭ କରିବାର ୯ମ ଦିନ ସୁଦ୍ଧା ଘରୋଇ ବଜାରରେ ୨୯୨.୭୫ କୋଟି ଅର୍ଥାତ ୩୦୦ କୋଟି ଆୟ କରିଛି । କେବଳ ଶନିବାର ଏହା ୫୩ କୋଟି ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ଅର୍ଥାତ ଏହାର ବିଶ୍ୱବ୍ୟାପୀ ଆୟ ଆହୁରି ଅଧିକ ହେବ ଓ ଏହା ଏକ ଐତିହାସିକ ସିନେମା ବିବେଚିତ ହେବ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, 'ଧୂରନ୍ଧର'କୁ ଆଦିତ୍ୟ ଧର ନିର୍ଦ୍ଦେଶନା ଦେବା ସହ ଲୋକେଶ ଧର ଓ ଜ୍ୟୋତି ଦେଶପାଣ୍ଡେ ପ୍ରଯୋଜନା କରିଛନ୍ତି । ଆଦିତ୍ୟ ଧର ଏହାର ଲେଖକ । ଏଥିରେ ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି ।

# ନ୍ୟାୟ ସୁନିଶ୍ଚିତ କରିବାରେ ମଧ୍ୟସ୍ଥ ପ୍ରଭାବୀ ମାଧ୍ୟମ ହେଉ: ସିଜେଆଇ

କଟକ,୧୪।୧୨(ସମିସ): ନିର୍ଦ୍ଦିଷ୍ଟ ସମୟରେ ମାମଲାର ବିଚାର ହେବା ଦ୍ୱାରା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିହେବ। ସାମ୍ପ୍ରତିକ ପରିସ୍ଥିତିରେ ଅଦାଲତଗୁଡ଼ିକ ପାଇଁ ମାମଲା ବୋଝ ଆହ୍ୱାନ ହୋଇଥିଲେ ହେଁ ଏହାକୁ ପର୍ଯ୍ୟାୟକ୍ରମେ ହ୍ରାସ କରାଯାଇପାରିବ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବାକୁ ହେଲେ ମଧ୍ୟସ୍ଥତା ଏକ ଶକ୍ତିଶାଳୀ ତଥା ପ୍ରଭାବୀ ମାଧ୍ୟମ ହେଉ ବୋଲି କହିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ କଟକ ସହିଦଭବନଠାରେ ଆୟୋଜିତ 'ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଏବଂ ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ ପାଇଁ ରଣନୀତି' ଶୀର୍ଷକ ଆଲୋଚନାଚକ୍ର ବା ସମ୍ମାନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ମତ ପ୍ରକାଶ କରିଛନ୍ତି।

■ ହାଇକୋର୍ଟ ବାର୍ ପକ୍ଷରୁ ଆଲୋଚନାଚକ୍ର
■ ୫୦ ବର୍ଷ ଓକିଲାତି କରିଥିବା ୩୪ ବରିଷ୍ଠ ଆଇନଜୀବୀ ସମ୍ବର୍ଦ୍ଧିତ

ସେ କହିଥିଲେ ଯେ ବର୍ତ୍ତମାନ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ପଥରେ ମାମଲା ଖର୍ଚ୍ଚ ଓ ମାମଲା ଫଇସଲାରେ ହେଉଥିବା ବିଳମ୍ବ ପ୍ରମୁଖ ପ୍ରତିବନ୍ଧକ ହୋଇଛି। ଏବେ ମଧ୍ୟସ୍ଥତା ଭଳି ମାଧ୍ୟମ ପ୍ରଭାବଶାଳୀ ସମାଧାନର ପ୍ରତିଶ୍ରୁତି ଦେଉଥିବାରୁ ଏହା ଲୋକାଦୃତ ହୋଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତ କିଭଳି ମଧ୍ୟସ୍ଥତା ଜରିଆରେ ଦୀର୍ଘ ଦଶନ୍ଧିର ମାମଲା ଫଇସଲା ହୋଇପାରିଛି ତାହାର କେତେକ ଦୃଷ୍ଟାନ୍ତ ରଖିଥିଲେ। ଅପରପକ୍ଷରେ ପକ୍ଷ ମାନଙ୍କୁ ମଧ୍ୟସ୍ଥତାର ମୂଲ୍ୟ ଓ ବିଚାରଧାରା ସମ୍ପର୍କରେ ସୁନିଶ୍ଚିତ କରାଇବା ଉଭୟ ବାର ଏବଂ ବେଞ୍ଚର ଉତ୍ତରଦାୟିତ୍ୱ ବୋଲି କହିଛନ୍ତି ପ୍ରଧାନ ବିଚାରପତି। ସେହିଭଳି ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କଦାପି ମାନବ ସମ୍ବଳର ବିକଳ୍ପ ହୋଇପାରିବ ନାହିଁ ବରଂ ନ୍ୟାୟିକ ବ୍ୟବସ୍ଥାରେ ଏହାକୁ ଏକ ପ୍ରଭାବୀ ଉପକରଣ ଭାବେ ବ୍ୟବହାର କରାଯାଇପାରିବ ବୋଲି ସେ କହିବା ସହ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଓ ନ୍ୟାୟିକ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ସମାରୋହରେ ମୁଖ୍ୟଅତିଥି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ଚିନ୍ତାଜନକ। ଏହାକୁ ହ୍ରାସ ପାଇଁ ଉପଯୁକ୍ତ ପରିଚାଳନାର ଆବଶ୍ୟକତା ରହିଛି। ଅଧିକାଂଶ ମାମଲା ସରକାରଙ୍କ ବିରୋଧରେ ରହିଛି। ସେହିଭଳି ବିଭିନ୍ନ ସମୟରେ ଆବେଦନକାରୀଙ୍କ ଦାବିପତ୍ର ବିଚାର ନ ହେବା ଏକ ପ୍ରମୁଖ କାରଣ ହୋଇଛି। ଉଭୟ ଫୌଜଦାରୀ ଓ ଦେୱାନୀ ମାମଲା ସମାଧାନ ପାଇଁ ହାରାହାରି ୧୩୦୦ ଦିନ ସମୟ ଲାଗୁଥିବା ଆକଳନ କରାଯାଇଛି। ଅନେକ ମାମଲାରେ ବିଭିନ୍ନ କାରଣରୁ ବାରମ୍ବାର ଶୁଣାଣି ଘୁଞ୍ଚୁଛି। ବିଚାରପତିଙ୍କ ସଂଖ୍ୟା ଅନୁମୋଦିତ ସଂଖ୍ୟାରୁ ଢେର କମ ରହିଛି। ଏଥିପାଇଁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରଭାବିତ ମଧ ହେଉଛି। ଏହାର ସମାଧାନ ପାଇଁ ଉଭୟ ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ମିଳିତ ଉତ୍ତରଦାୟିତ୍ୱ ରହିଛି ବୋଲି କହିଥିଲେ ଜଷ୍ଟିସ ଟଣ୍ଡନ। ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ହାଇକୋର୍ଟ ବାର ସମ୍ପାଦକ ଅଭିଜିତ ପଟ୍ଟନାୟକ। ଉପସଭାପତି ଆଇନଜୀବୀ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦ବର୍ଷ ଓ ଅଧିକ ସମୟ ଧରି ଓକିଲାତି କରିଥିବା ବିଜୟକୃଷ୍ଣ ମହାନ୍ତି, ଭକ୍ତହରି ମହାନ୍ତି, ଗୁରୁପ୍ରସାଦ ମହାନ୍ତି, ଦୁର୍ଗାଚରଣ ମହାନ୍ତି, ବ୍ରଜସୁନ୍ଦର ଦାସ, ଜଗନ୍ନାଥ ପଟ୍ଟନାୟକ ଓ ବାସୁଦେବ ପଣ୍ଡାଙ୍କ ସମେତ ୩୪ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପଟେ, ସର୍ବଭାରତୀୟ ବିଚାରପତି ବ୍ୟାଡମିଣ୍ଟନରେ କୃତିତ୍ୱ ଅର୍ଜନ ପାଇଁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ପ୍ରଧାନ ବିଚାରପତି।




## ନାମ ନ ନେଇ ମୋକିମ୍‌ଙ୍କୁ ଭକ୍ତଙ୍କ ରୋକଠୋକ ଜବାବ

# ବିଜେପି ସମ୍ପର୍କରେ ଥିବା ନେତା ସେଠାକୁ ଯାଆନ୍ତୁ

ଭୁବନେଶ୍ୱର, ୧୪।୧୨(ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ପିସିସି ସଭାପତି ଭକ୍ତ ଦାସ । ମୋକିମ୍‌ଙ୍କ ନାମ ନ ନେଇ ସେ ବିଜେପି ସହ ସମ୍ପର୍କରେ ଥିବା ନେତା ବିଜେପିକୁ ଯାଆନ୍ତୁ ବୋଲି ରୋକଠୋକ୍ ଶୁଣାଇଛନ୍ତି। ସୋନିଆ ଗାନ୍ଧିଙ୍କୁ ମୋକିମ୍ ଲେଖାଥିବା ଚିଠିରେ ଖଡ୍‌ଗେଙ୍କ ବୟସକୁ ନେଇ ଉଠାଇଥିବା ପ୍ରଶ୍ନ ସମ୍ପର୍କରେ ମଧ ସେ ପ୍ରତିକ୍ରିୟା ରଖିଛନ୍ତି। ଖଡଗେଙ୍କୁ ୮୩ ବର୍ଷ ହେବା ପରେ ବି ଦଳର ସବୁ କାମରେ ତତ୍ପର ଅଛନ୍ତି। ପ୍ରଥମରୁ ଆଜି ପର୍ଯ୍ୟନ୍ତ ଦଳ ପାଇଁ ସମର୍ପଣ ଭାବ ସହ ସଂଘର୍ଷ କରି ଦଳକୁ ସୁଦୃଢ଼ କରିଛନ୍ତି। ଜଣେ ଯୁବକ ମଧ ତାଙ୍କ ପରି କାମ କରିପାରିବ ନାହିଁ। ଯିଏ ଏହାର ଏକ ପ୍ରତିଶତ ମଧ କାର୍ଯ୍ୟ କରି ନାହାନ୍ତି, ତାଙ୍କର କଣଅଧିକାରଅଛି ଯେ ଏହିବୟସରେ ମଧ ଦଳ ପାଇଁ ସମର୍ପିତ ବ୍ୟକ୍ତିଙ୍କ ବିଷୟରେ କହିବେ ବୋଲି ପିସିସି ସଭାପତି ପାଲଟା ପ୍ରଶ୍ନ କରିଛନ୍ତି। ଖଡଗେଙ୍କୁ ସମାଲୋଚନା କରିବା ଆଦୌ ଉଚିତ ନୁହେଁ ବୋଲି ମଧ ସେ କହିଛନ୍ତି। ଏହାରି ମଧ୍ୟରେ ମୋକିମଙ୍କ ବିରୋଧରେ ଦଳ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ପିସିସି ସଭାପତି ଭକ୍ତ ଦାସଙ୍କୁ ସିଧା ସମାଲୋଚନା କରିବା ସହ ମୋକିମ୍ ଏଆଇସିସି ସଭାପତି ଖଡଗେଙ୍କ ବୟସକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ସେ ସୋନିଆ ଗାନ୍ଧିଙ୍କୁ ଚିଠି ଲେଖିଥିଲେ ଓ ପ୍ରିୟଙ୍କାଙ୍କୁ ଦଳର ଦାୟିତ୍ୱ ଦେବାକୁ ଅନୁରୋଧ କରିଥିଲେ। ଖାଲି ଚିଠି ନୁହେଁ ଗଣମାଧ୍ୟମରେ ବି ସମାନ କଥାକୁ ଦୋହରାଇଥିଲେ। ଯାହାକୁ ନେଇ ଭକ୍ତ ଓ ମୋକିମଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି।



# ନାବାଳିକା ଝିଅକୁ ମା'ର ବଳି ଉଦ୍ୟମ!

ଜୟପୁର,୧୪।୧୨(ସମିସ): ଜୟପୁର ଇରିଗେସନ କଲୋନୀରେ ଜଣେ ମାନସିକ ବିକାରଗ୍ରସ୍ତ ମାଆ ନିଜ ନାବାଳିକା ଝିଅକୁ ବଳି ଦେବାକୁ ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକଙ୍କ ପାଇଁ ଝିଅର ଜୀବନ ବଞ୍ଚି ଯାଇଛି। ପ୍ରକାଶ ଯେ, ମାଆ ଅମ୍ବିକା ଖୋସଲା ଜଣେ ବିଧବା ଓ ସେ ଇରିଗେସନ କଲୋନୀ ସ୍ଥିତ ଏକ ବସ୍ତି ଅଞ୍ଚଳରେ ନିଜର ୨ ପୁଅ ଓ ଝିଅକୁ ନେଇ ରହୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ କିଛିଦିନ ହେଲା ୧୩ ବର୍ଷୀୟା ନାବାଳିକାଙ୍କ ମା' ନିଜ ଘରେ ତନ୍ତ୍ର ସାଧନ କରୁଥିଲେ। ସ୍ଥାନୀୟ ଲୋକେ ତାକୁ ବିରୋଧ କଲେ ମଧ ସେ ଶୁଣି ନଥିଲେ। ଅମ୍ବିକାଙ୍କ ଆଚରଣ ଅନେକ ସମୟରେ ଅସ୍ୱାଭାବିକ ରହୁଥିବା ଯୋଗୁଁ ସାହି ଲୋକେ ମଧ ତାଙ୍କୁ କିଛି କହିବାକୁ ଡରୁଥିଲେ। ତେବେ ମା' ଅମ୍ବିକା ଗୋଟିଏ ଧର୍ମକୁ ମାନୁଥିବା ବେଳେ ଝିଅ ନିକିତା ଅନ୍ୟ ଏକ ଧର୍ମକୁ ମାନୁଥିଲେ । ତେଣୁ ମା' ଏଥିପାଇଁ ଝିଅକୁ ବିରୋଧ କରୁଥିଲା। ଆଜି ସନ୍ଧ୍ୟା ୪ଟା ସମୟରେ ଝିଅ ନିକିତାଙ୍କ ଚିତ୍କାର ଶୁଣି ସାହି ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଝିଅ ନିକିତା ଅଚେତ ଥିବା ସହ ତାଙ୍କ ଗୋଡ଼ହାତ ମୋଡି ହୋଇ ରହିଥିବା ଦେଖିଥିଲେ। ସ୍ଥାନୀୟ ଲୋକେ ପୁଲିସକୁ ଫୋନ କରି ଝିଅ ନିକିତାକୁ ହସ୍ତାନ୍ତର କରିଥିଲେ। ମାଆ ନିଜ ଝିଅକୁ ବଳି ଦେବାକୁ ଉଦ୍ୟମ କରିଥିବା ଲୋକେ ଅନୁମାନ କରୁଛନ୍ତି। ମହିଳାଙ୍କ ଆଚରଣକୁ ନେଇ ସାହି ବାସିନ୍ଦା ଭୟଭୀତ ଅଛନ୍ତି। ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ କହିଛନ୍ତି, ଅମ୍ବିକା ଖୋସ୍ଲା ଅତ୍ୟଧିକ ମଦ୍ୟପାନ କରି ସାହି ବାସିନ୍ଦାଙ୍କୁ ଗାଳିଗୁଲଜ କରୁଥିଲେ। ଝିଅ ନିକିତାର ଦେହ ଖରାପ ହୋଇଥିବା ଯୋଗୁଁ ସେ ଅଚେତ ଅବସ୍ଥାରେ ଶୋଇଥିଲା। ବଳି ପାଇଁ ଉଦ୍ୟମ କରିବା କଥା ମିଥ୍ୟା। ତଥାପି ଝିଅ ନିକିତାର ଚେତା ଆସିବା ପରେ ପୁଲିସ ପ୍ରକୃତ ଘଟଣା କଣ ତାହା ସ୍ପଷ୍ଟ କରିବ ବୋଲି କହିଥିଲେ।

■ ସାହି ଲୋକଙ୍କ ପାଇଁ ବଞ୍ଚିଲା ଝିଅର ଜୀବନ
■ ଝିଅର ଚେତା ଫେରିବା ପରେ ସ୍ପଷ୍ଟ ହେବ: ପୁଲିସ

# ବିଜେଡି କର୍ମୀଙ୍କ ଉପରେ ବିଜେପି ଗୁଣ୍ଡାଙ୍କ ସଂଘବଦ୍ଧ ଆକ୍ରମଣ

ଜେନାପୁର,୧୪।୧୨(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ରାଜନୈତିକ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଶାସକ ବିଜେପି ଦଳର ଗୁଣ୍ଡାମାନଙ୍କ ଦ୍ୱାରା ବିଜେଡି କର୍ମୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଜଣାପଡିଛି। ଏ ନେଇ କୌଣସି ପକ୍ଷ ଥାନାର ଦ୍ୱାରସ୍ଥ ହୋଇନାହାନ୍ତି।

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମ ନିକଟରେ ଅବସ୍ଥିତ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ଗୀତାଞ୍ଜଳି ସାମଲଙ୍କ ଜନ୍ମଦିନ ପାଳନ ପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା। ଏହି ସମୟରେ ବିଜେପି କର୍ମୀମାନେ ଜୋର ଜବରଦସ୍ତ ସେଠାରେ ପଶି ଭଙ୍ଗାରୁଜା କରିବା ସହିତ ବିଜୁ ଜନତା ଦଳର ସାମାଜିକ ଗଣମାଧ୍ୟମର ମହିଳା ଏବଂ ଯୁବ କର୍ମକର୍ତ୍ତାଙ୍କୁ ମାଡ଼ ମାରିଥିଲେ। ଭୋଜିରେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ପାଇଁ ବସିଥିବା ବେଳେ କିଛି ଅସାମାଜିକ ଯୁବକ ପଶି ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବିଜୁ ଜନତା ଦଳର ପିଲାମାନେ ବିରୋଧ କରିଥିଲେ। ଏହାକୁ ନେଇ ବିଜେପି କର୍ମୀମାନେ ପୂର୍ବତନ ବିଧାୟକଙ୍କ ଆସବାପତ୍ରକୁ ଭଙ୍ଗାରୁଜା କରିବା ସହିତ ସେଠାରେ ଥିବା ଦୁଇ ତିନୋଟି ଗାଡ଼ି ଭାଙ୍ଗି ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଜେନାପୁର ପୁଲିସ ପହଞ୍ଚି ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଚାରିଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

# ପରିଚୟ ଖୋଜୁଛି ରାଣୀପୁର ଝରିଆଲ

ବଲାଙ୍ଗିର,୧୪।୧୨(ସମିସ): ପରିଚୟ ଖୋଜୁଛି ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ବଲାଙ୍ଗିର ରାଣୀପୁର ଝରିଆଲ ପର୍ଯ୍ୟଟନ ସ୍ଥଳ। ପର୍ଯ୍ୟଟନ କ୍ଷେତ୍ର ବିକାଶର ଅନେକ ସୁଯୋଗ ଥିବା ସତ୍ତ୍ୱେ ଏହି ପୀଠକୁ କେନ୍ଦ୍ର ସରକାର ଯେଉଁଭଳି ଭାବେ ଦୃଷ୍ଟି ଦେବା କଥା ଦେଇ ନ ଥିବା ଅଭିଯୋଗ ହୋଇଛି। ପ୍ରାଚୀନ ଐତିହ୍ୟ, ଶହ ଶହ ବର୍ଷ ଇତିହାସ, ତନ୍ତ୍ର ସାଧନାର ଇତିହାସକୁ ସାଉଁଟି ରଖିଥିବା ଏହି ପୀଠକୁ ସଂପୂର୍ଣ୍ଣ ଭାବେ ଅବହେଳା ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଛି। ପାହାଡ ଉପରେ ଜାତୀୟ ପତାକା ଉଡୁଛି ସତ; କିନ୍ତୁ ତାହା ଚିରି ଯାଇଛି। ପର୍ଯ୍ୟଟକଙ୍କ ପାଇଁ ବସିବା, ରହିବା କିମ୍ବା ପାନୀୟ ଜଳ ବୁନ୍ଦାଏ ପାଇଁ କୌଣସି ବ୍ୟବସ୍ଥା ନାହିଁ। ହାତ ଗଣତି କିଛି ସୁରକ୍ଷା କର୍ମୀ ଓ ଲାଇଟ ଲଗାଇ ସରକାର ନିଜ କାମ ସାରିଦେଇଛନ୍ତି। ସବୁଠାରୁ ଆର୍ଶ୍ଚଯ୍ୟର ବିଷୟ ହେଉଛି ଏହାର ବିକାଶ ପାଇଁ ଜନ ପ୍ରତିନିଧିମାନେ ମଧ ଦାବି କରୁନାହାନ୍ତି।

■ ପ୍ରାଚୀନ ଶିଳା ଚଉଷଠି ଯୋଗିନୀ
■ ସୋମେଶ୍ୱର ମନ୍ଦିର ପାଇଁ ପ୍ରସିଦ୍ଧ
■ ତନ୍ତ୍ରବିଦ୍ୟାର ପ୍ରାଚୀନ ବିଶ୍ୱବିଦ୍ୟାଳୟ
■ ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ରକ୍ଷଣାବେକ୍ଷଣ ବ୍ୟବସ୍ଥା
■ ଉଡୁଛି ଛିଣ୍ଡା ଜାତୀୟ ପତାକା
■ ପର୍ଯ୍ୟଟକ ପାଇଁ ପ୍ରାଥମିକ ସୁବିଧା ନାହିଁ

ରାଜ୍ୟରେ ଥିବା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ ବଲାଙ୍ଗିର ଜିଲ୍ଲାରେ ଥିବା ରାଣୀପୁର ଝରିଆଲ ପର୍ଯ୍ୟଟନ କ୍ଷେତ୍ର ଅନ୍ୟତମ। ଏହା କେବଳ ଏକ ପର୍ଯ୍ୟଟନସ୍ଥଳ ନୁହଁ; ଏହା ସମୃଦ୍ଧ ଓଡିଶାର ଏକ ଭବ୍ୟ ଇତିହାସର ମୂକସାକ୍ଷୀ। ଏହି ପୀଠରେ ତନ୍ତ୍ର, ଶୈବ, ଶାକ୍ତ, ବୌଦ୍ଧ ଓ ବୈଷ୍ଣବ ଧର୍ମର ସମନ୍ୱୟ ରହିଥିବାରୁ ଏହାର ନାମ ସୋମତୀର୍ଥ ମଧ ରଖାଯାଇଛି। ଏହା ଏକ ଧର୍ମ ସମନ୍ୱୟର ପୀଠ ହୋଇଥିବା ବେଳେ ଏହାର ଇତିହାସ ମଧ ବେଶ ପ୍ରାଚୁର୍ଯ୍ୟମୟ। ଐତିହାସିକମାନଙ୍କ ମତରେ ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶ ରାଜାମାନଙ୍କ ଦ୍ୱାରା ରାଣୀପୁର ଝରିଆଲରେ ସୋମେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ନିର୍ମାନ ଶୈଳୀ ଅନ୍ୟ ମନ୍ଦିର ନିର୍ମାଣ ଶୈଳୀରୁ ଭିନ୍ନ ରହିଛି। ସେହିପରି ଏକଦା ଏହି ପୀଠ ତନ୍ତ୍ର ବିଦ୍ୟାର ବିଶ୍ୱବିଦ୍ୟାଳୟ ରହିଥିଲା। ଓଡିଶା ତଥା ଅନ୍ୟ ରାଜ୍ୟରୁ ତନ୍ତ୍ର ସାଧକମାନେ ଏଠାକୁ ତନ୍ତ୍ର ସାଧନା ପାଇଁ ଆସୁଥିବା ଐତିହାସିକମାନେ ମତ ରଖିଛନ୍ତି। ତେବେ ଏହି ପୀଠର ମୁଖ୍ୟ ଆକର୍ଷଣ ହେଉଛି ପ୍ରାଚୀନ ଶିଳା ମନ୍ଦିର। ଭାରତରେ ଥିବା ୪ଟି ଛାତ ବିହୀନ ଗୋଲାକାର ଯୋଗିନୀ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ଏହାର କେନ୍ଦ୍ରରେ ଷଡଭୂଜ ଓ ତ୍ରିମୁଖ ବିଶିଷ୍ଟ ନୃତ୍ୟ ଭଙ୍ଗିରେ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଚାରିଆଡେ ମନ୍ଦିର କାନ୍ଥରେ ୬୪ ଜଣ ଯୋଗିନୀଙ୍କ ମୂର୍ତ୍ତି ରହିଛି। ଏହାଫଳରେ ଏହି ମନ୍ଦିରର ନାମ ଚଉଷଠି ଯୋଗନୀ ମନ୍ଦିର ଭାବେ ପରିଚୟ ରହିଛି। ଏହା ତନ୍ତ୍ର ସାଧନାର ଏକ ପ୍ରମାଣ। ସେହିପରି ସୋମେଶ୍ୱର ମନ୍ଦିର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ରହିଥିବା ବେଳେ ବିରାଟ ଶିଳାଖଣ୍ଡ ଉପରେ ପ୍ରାୟ ୫୦ରୁ ଅଧିକ ପ୍ରାଚୀନ ଶିଳା ମନ୍ଦିର ରହିଛି। ଏହି ମନ୍ଦିରଠାରୁ ମାତ୍ର କିଛି ଦୂରରେ ରହିଛି ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଇନ୍ଦ୍ରଲାଠ ମନ୍ଦିର। ରାଜ୍ୟରେ ଥିବା ଉଚ୍ଚ ଇଟା ତିଆରି ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ପ୍ରଥମେ ଏହା ବିଷ୍ଣୁ ମନ୍ଦିର ଥିବା ବେଳେ ପରେ ପରେ ଏହାକୁ ଶିବ ମନ୍ଦିରରେ ପରିଣତ କରାଯାଇଥିବା ବିଶ୍ୱାସ ରହିଛି। ତେବେ ସମୃଦ୍ଧ ପ୍ରାଚୀନ ଭାରତର ଐତିହ୍ୟର ମୂକସାକ୍ଷୀ ଥିବା ଏହି ପର୍ଯ୍ୟଟନ କ୍ଷେତ୍ର ଆଜି ପରିଚୟ ଖୋଜୁଛି। ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି ସତ; କିନ୍ତୁ ଏଠାରୁ ଗଲା ପରେ ଦ୍ୱିତୀୟ ଥର ଆସିବାକୁ ଆଉ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ପ୍ରାଥମିକ ସୁବିଧା ବା ବ୍ୟବସ୍ଥା ମଧ ନାହିଁ। ପିଇବା ପାଣି ବ୍ୟବସ୍ଥା ନାହିଁ କି ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶୌଚାଳୟ ମଧ ନାହିଁ। ଅବଶ୍ୟ ଏକ ବନ୍ଦ ଗେଷ୍ଟ ହାଉସ ରହିଛି। କିଛି ହାତ ଗଣତି ସୁରକ୍ଷା କର୍ମୀ ରହିଛନ୍ତି। କିଛି ଲାଇଟ୍ ଲାଗିଛି। ଏକ ସୁଉଚ୍ଚ ଜାତୀୟ ପତାକା ରହିଛି। ଆଉ କିଛି ପଥରରେ ତିଆରି ପିଣ୍ଡି ରହିଛି। କିଛି ପରିମାଣର ଟାଇଲ ଓ ରେଲିଂ କାମକୁ ଛାଡିଦେଲେ ଆଉ କୌଣସି ଉନ୍ନତିମୂଳକ କାମ କରାଯାଇନାହିଁ। ଜାତୀୟ ପତାକା ପୁରୁଣା ହୋଇ ତାହା ଚିରି ଯାଇଛି। ଚଉଷଠି ଯୋଗିନୀ ମନ୍ଦିର ବାହାରେ ବିଭିନ୍ନ ପ୍ରକାର ଆବର୍ଜନା ପଡିରହିଛି। ସେହିପରି ଇନ୍ଦ୍ରଲାଠ ମନ୍ଦିର ପରିସର ଅନାବନା ଘାସରେ ଭର୍ତ୍ତି ହୋଇଛି। ପାନୀୟ ଜଳ ପ୍ରକଳ୍ପ ଭାଙ୍ଗି ବର୍ଷ ବର୍ଷ ହେଲା ବନ୍ଦ ପଡିଛି। ଏମିତିରେ ପର୍ଯ୍ୟଟନ ବିକାଶର କଥା କହୁଥିବା ଡବଲ ଇଞ୍ଜିନ ସରକାର ଏହି ପର୍ଯ୍ୟଟନ ସ୍ଥଳକୁ କେମିତି ଅବହେଳା ପ୍ରଦର୍ଶନ କରିଛନ୍ତି ତାହା ସ୍ପଷ୍ଟ ହୋଇଛି। ୨୦୧୭ ମସିହାରେ ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ଏହି ପୀଠର ରକ୍ଷଣା ବେକ୍ଷଣ ଦାୟିତ୍ୱ ବର୍ତ୍ତମାନ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି; ଯାହାକି କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ବେଳେ ସ୍ଥାନୀୟ ବିଧାୟକ ମଧ ବିଜେପି ଦଳର; ହେଲେ ଏହି ପର୍ଯ୍ୟଟନ ସ୍ଥଳର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଦେଖିବାକୁ ମିଳୁନି।

# ଉଦ୍ଧାର ହାତୀଛୁଆ ନନ୍ଦନକାନନ ଗଲା



କେନ୍ଦୁଝର,୧୪।୧୨(ସମିସ): କିଛିଦିନ କେନ୍ଦୁଝର ବନଖଣ୍ଡ ତଳେ ଭୂୟାଁ ଜୁଆଙ୍ଗ ପିଢ଼ ଶୁକଡଳା ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଠଛଡ଼ା ହାତୀଛୁଆକୁ ଶେଷରେ ରବିବାର ନନ୍ଦନକାନନକୁ ପଠାଯାଇଛି। ସାଙ୍ଗରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ଯାଇଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ସୂଚନା ଦେଇଛନ୍ତି। ୧୨ଦିନ ତଳେ ଭୂୟାଁ ଜୁଆଙ୍ଗ ପିଢ ଶୁକଡଳା ଗାଁ ନିକଟରେ ଗୋଠରୁ ଅଲଗା ହୋଇ ଏକ ହାତୀଛୁଆ ଥିବା ବନ ବିଭାଗକୁ ସୂଚନା ମିଳିଥିଲା। ବନ ବିଭାଗ ଘଟଣାସ୍ଥଳକୁ ଯାଇ ହାତୀ ପଲରେ କିପରି ଛୁଆଟି ମିଶିବ ତାକୁ ନଜରରେ ରଖିଥିଲା। ହେଲ ହାତୀପଲ ଛୁଆଟିକୁ ନେଇ ନଥିଲେ। ବନବିଭାଗର ନିୟମ ଆଧାରରେ ଶେଷରେ ପଦ୍ମପୁରସ୍ଥିତ ଥଇଥାନ କେନ୍ଦ୍ରକୁ ଆଣି ରଖାଯାଇଥିଲା। ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ଉଦ୍ଧାର ହାତୀ ଛୁଆକୁ ନନ୍ଦନକାନନ ସ୍ଥିତ ହାତୀ ଯତ୍ନ କେନ୍ଦ୍ରକୁ ପଠାଇ ଦିଆଯାଇଛି। ହାତୀଟିକୁ ବନ ବିଭାଗର ସ୍ୱତନ୍ତ୍ର ଯାନରେ ସେଠାକୁ ନିଆଯାଇଛି। ସାଙ୍ଗରେ ବନ ବିଭାଗର ରକ୍ଷକ ଗାଡ଼ି ଥିବାବେଳେ ହାତୀଛୁଆକୁ ଯତ୍ନର ସହିତ ନାନ୍ଦନକାନନ ନେବା ନିମନ୍ତେ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜର ନୟନକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ପଶୁ ଡାକ୍ତରୀ ଟିମ ଯାଇଥିବା ଡ଼ିଏଫଓ କହିଛନ୍ତି।




# ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼

ରାଜନଗର,୧୪ା୧୨(ସମିସ):



ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଛି ଏବେ ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ଆଜି ରବିବାର ଛୁଟିଦିନ ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଆଜି ଗୋଟିଏ ଦିନରେ ୨୦୦୬ ପର୍ଯ୍ୟଟକ ୧୨୨ ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଇ ପଠାରେ ଖରା ପୁଉଁଥିବା ବିରାଟ କୁମ୍ଭୀର ଦେଖି ବିମୋହିତ ହୋଇଥିଲେ।

ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୮୮ ବୋଟରେ ୧୦୩୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୧ ବୋଟରେ ୨୨୧, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୩ ବୋଟରେ ୨୦୭ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୫୪୮ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀମାନଙ୍କ ସହିତ ଦେଶୀୟପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ ଭିତରକନିକାରେ ଥିବା ବିରଳ ବଉଳାକୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଛନ୍ତି।

## ଜିଲ୍ଲାପାଳଙ୍କ ଦ୍ୱାରା ଡେଷ୍ଟିନ କାଫେ ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,୧୪ା୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ହଳଦିଡିହ ପେଟ୍ରୋଲପମ୍ପ ସମ୍ମୁଖରେ ନବନିର୍ମିତ ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ରବିବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ଡେଷ୍ଟିନ୍‌ର ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟର ମାଲିକ ସୌମ୍ୟରଞ୍ଜନ ଦାସ କହିଛନ୍ତି ଯେ ଏଠାରେ ଗ୍ରାହକମାନେ ଉତ୍ତମ ଗୁଣବତ୍ତା ଯୁକ୍ତ ହାଇଜେନିକ ସୁସ୍ୱାଦ ଖାଦ୍ୟ ପାଇବା ସହ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ଯଥା ଭିତରକନିକା ଅଭୟାରଣ୍ୟ, ଡାଙ୍ଗମାଳ, ହୁକିଟୋଲା, ଲାଇଟ ହାଉସ, ଶ୍ରୀବଳଦେବଜୀଉଙ୍କ ଚିତ୍ରପଟ ମଧ୍ୟ ଦେଖିବାକୁ ପାଇପାରିବେ। ଏହି କାଫେକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିର୍ମାଣ କରାଯାଇଛି। ଏହି କାଫେରେ ଅତ୍ୟନ୍ତ ପ୍ରଫେସନାଲ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାଫଳରେ ସେମାନେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବେ ବୋଲି ଶ୍ରୀ ଦାସ କହିଛନ୍ତି।

## ଯୁବକବି ପ୍ରମୋଦ ସେଠୀଙ୍କ ପରଲୋକ



ରାଜନଗର,୧୪ା୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଯୁବକବି ପ୍ରମୋଦ କୁମାର ସେଠୀଙ୍କର ରବିବାର ଭୋର ୩ଟାରେ ହୃଦଘାତରେ ପରଲୋକ ହୋଇଛି। ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ କବି, ସାହିତ୍ୟିକ, ସଂଗଠକ, ଛାତ୍ରବତ୍ସଳ ଶିକ୍ଷକ, ଶିକ୍ଷକ ନେତା, ପରୋପକାରୀ ଓ ପରିବେଶପ୍ରେମୀ ଭାବେ ପରିଚିତ ଥିଲେ। ବିଳମ୍ବିତ ରାତିରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାଜନଗର ମେଡିକାଲ ଆଣିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଦେହାନ୍ତରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ଗଭୀର ଶୋକବ୍ୟକ୍ତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଗାଳ୍ପିକ ପ୍ରଦୀପ ନାୟକ, ପ୍ରାଧ୍ୟାପକ ଅତୁଲ ବଳ, କବି ଅଭିରାମ ସାହୁ, ବାଟୋଇର ସମ୍ପାଦକ ଶତ୍ରୁଘ୍ନ ତରାଇ, ବନଫୁଲର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଏଥର ପୁସ୍ତକମେଳାର ନୂଆ ଆକର୍ଷଣ ‘ଯୁବ ସ୍ପନ୍ଦନ’



କେନ୍ଦ୍ରାପଡ଼ା,୧୪ା୧୨(ସମିସ): ଆସନ୍ତା ଜାନୁୟାରୀ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୩ତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ନୂତନ ଆକର୍ଷଣ ‘ଯୁବ ସ୍ପନ୍ଦନ’ ହେବ ବୋଲି ଏହାର ଆୟୋଜକ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପ୍ରକାଶ କରିଛି। ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ଏବଂ ରାଜ୍ୟ ବାହାରର ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯିବ ବୋଲି ସଭାପତି ଅକ୍ଷୟ ପାଣି, ମୁଖ୍ୟ ସଂଯୋଜକ ବଂଶୀଧର ମହାନ୍ତି ଓ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି। ବିଶେଷ କରି ଯୁବବର୍ଗଙ୍କ ପଠନ ରୁଚିକୁ ଗୁରୁତ୍ୱ ଦିଆଯିବା ସହ ପୁସ୍ତକମେଳା ପରିସରରେ ଜାନୁୟାରୀ ୭ ଓ ୮ ତାରିଖ ଦୁଇ ଦିବସ ବ୍ୟାପୀ ଜିଲ୍ଲାସ୍ତରୀୟ କଳା, ସାଂସ୍କୃତିକ ଓ ବୌଦ୍ଧିକ ଯୁବ ମହୋତ୍ସବ “ଯୁବ ସ୍ପନ୍ଦନ”ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତ୍ୟେକ ଓ ଯୁବ ସାଂସ୍କୃତିକ ସଂଗଠନମାନଙ୍କୁ ଏଥିରେ ସାମିଲ ହେବାପାଇଁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯିବ। କ୍ଷୁଦ୍ର ନାଟକ, ଏକକକଳା ଅଭିନୟ, ବକ୍ତୃତା, ଦଳଗତ ଆଲୋଚନା, ସଙ୍ଗୀତ ଓ ନୃତ୍ୟ ପରି ବିବିଧ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଇ ସଫଳ ଯୁବ ଛାତ୍ର ଛାତ୍ରୀଙ୍କୁ ଯୁବ ସ୍ପନ୍ଦନର ପ୍ରଶସ୍ତିପତ୍ର ପ୍ରଦାନ କରାଯିବ ବୋଲି ସଂଯୋଜିକା ଅମ୍ରିନ୍ ସାହାଦ ପ୍ରକାଶ କରିଛନ୍ତି। ପୁସ୍ତକମେଳାର ଏହି ପ୍ରଗତି ବୈଠକରେ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ଉପସଭାପତି ପ୍ରତାପ ସ୍ୱାଇଁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶିବ ଚରଣ ସାମଲ, ଶୁଭଙ୍କର ନାୟକ, କ୍ଷୀରୋଦ କର, ଜ୍ୟୋତିରଞ୍ଜନ ନାୟକ, ସଞ୍ଜୟ ଜେନା, ଶେଷଦେବ ପ୍ରସାଦ ଦାସ ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ।

### ■ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଯାଜପୁର ଦଳ ଚାମ୍ପିଅନ

ଡେରାବିଶ,୧୪ା୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ଯାଜପୁର ଓ ମୟୂରଭଞ୍ଜ ମଧ୍ୟରେ ଖେଳାଯାଇଥିଲା। ଯାଜପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଭୟ ଦଳର ଖେଳାଳି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ଶେଷ ବେଳକୁ ଯାଜପୁର ଟିମ୍ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି। ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ସଭାପତି ନୃସିଂହ ନାୟକଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ସମ୍ମାନିତ ଅତିଥି ଭାବେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଞ୍ଜୁକ୍ତା ଜେନା, କ୍ରିୟା ଫାଉଣ୍ଡେସନ ଅଧ୍ୟକ୍ଷା ଲିଲି ଜେନାମଣି, ଅଭିନେତ୍ରୀ ମିଠି ଓ ସମାଜସେବୀ ସ୍ମାରକ ମହାନ୍ତି ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲୀପ ଦାସ, ଶରତ ବେହେରା, ଆଲେଖ ବେଜ, ଅଭିରାମ ମହାନ୍ତି, ସିଲୁ ସାହୁ, ଶତ୍ରୁଘନ ସାହୁ ସହଯୋଗ କରିଥିଲେ।

## ଚିକିତ୍ସାଧୀନ ବିବେକଙ୍କୁ ଭେଟିଲେ ଚିତ୍ତରଞ୍ଜନ



ମହାକାଳପଡ଼ା,୧୪ା୧୨(ସମିସ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ତାଳସଙ୍ଗା ପଞ୍ଚାୟତ ମାଣିକପୁର ଗ୍ରାମର ବିବେକାନନ୍ଦ ଜେନା ଏକ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ରାଜ୍ୟ ଯାଦବ ମହାସଭା ସାଧାରଣ ସମ୍ପାଦକ, ଯୁବନେତା ଆଇନଜୀବୀ ଚିତ୍ତରଞ୍ଜନ ଦାସ ବିବେକାନନ୍ଦଙ୍କୁ ମେଡିକାଲରେ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପଟ୍ଟାମୁଣ୍ଡାଇ ଠିକାଦାର ସଂଘର ସାଧାରଣ ବୈଠକ




ପଟ୍ଟାମୁଣ୍ଡାଇ,୧୪ା୧୨(ସମିସ): ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଠିକାଦାର ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ଠିକାଦାର ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗଦେଇ ସଂଘକୁ ଅଧିକ ଶକ୍ତିଶାଳୀ ଏବଂ ସୁସଙ୍ଗଠିତ କରିବା ନିମନ୍ତେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟତଃ ଟେଣ୍ଡର କାମରେ କେହି ଲେସ୍‌ରେ ଟେଣ୍ଡର ନ ପକାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। କୌଣସି ବିଭାଗରେ ଟେଣ୍ଡର ବି ସ୍ପେଶାଲ ଶ୍ରେଣୀଭୁକ୍ତ- ଏ, ବି, ସି, ଡିର ଠିକାଦାରମାନେ ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ମାସକୁ ଥରେ ବୈଠକ କରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ପ୍ରସ୍ତାବ ଗୃହୀତ କରାଗଲା। ଜିଲ୍ଲା ବାହର ଠିକାଦାରମାନେ ସିଡ୍ୟୁଲ ରେଟରେ ଟେଣ୍ଡର ପାକାଇବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ବରିଷ୍ଠ ଠିକାଦାର ରାଜେନ୍ଦ୍ର ସାହୁ, ଭୁବନମୋହନ ସିଂ, ଅଧୀର ସାହୁ, ପ୍ରମୋଦ ପତି, ସରୋଜ ସାମଲ, ରମାକାନ୍ତ ବିଶ୍ୱାଳ, ସୁବାସ ଭୋଳ, ବାପୁଜୀ ପାତ୍ର, ଦିଲୀପ ଜେନା, ମନମୋହନ ରାଉତ ସମେତ ୧୦୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗଦେଇଥିଲେ।

## ଅଚ୍ୟୁତପୁରରେ ମାତିଛନ୍ତି ଲୁଟେରା

ରାଜକନିକା,୧୪ା୧୨(ସମିସ): ଘରେ କେହି ନ ଥିବାର ସୁଯୋଗ ନେଇ ଅଚ୍ୟୁତପୁର ବିଶୁଭାଇ ଛକ ଟାୱାର ସାମ୍ନାରେ ଥିବା ଭାଗ୍ୟଧର ମହାନ୍ତିଙ୍କ ଘରୁ ଲୁଟ୍ ହୋଇଛି। ଲକର ଭାଙ୍ଗି ସୁନା ଚେନ, ଚୁଡ଼ି ନଗଦ ଟଙ୍କା ଚୋରି ହୋଇଥିବା ଭାଗ୍ୟଧରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏଭଳି ଲୁଟ କରୁଥିବା ଗ୍ରାମର ସମସ୍ତେ ଜାଣିଥିବା ବେଳେ ଠୋସ ପ୍ରମାଣ ନ ଥିବାରୁ ସେ ଖସିଯାଉଛନ୍ତି। ପୁଲିସ ଖୋଳତାଡ଼ କରି ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ଏଭଳି ଅସାମାଜିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଗୋପାଳଜୀୟୁ ମନ୍ଦିରରେ ବ୍ରାହ୍ମଣ ମହାସଭା

କେନ୍ଦ୍ରାପଡ଼ା,୧୪ା୧୨(ସମିସ): ଗୋପାଳଜୀୟୁ ମନ୍ଦିର ପରିସରରେ ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଛି। ପ୍ରଥମେ ପ୍ରାକ୍ତନ ସଭ୍ୟ ସ୍ୱର୍ଗତ ଦାମୋଦର ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ରାପଡ଼ା ବ୍ଲକ ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ବେଦପାଠ କରିବା ସହ ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବ୍ରାହ୍ମଣ ସମାଜ ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ ଓ ବ୍ରାହ୍ମଣ ସମାଜର ଉନ୍ନତି କଳ୍ପେ ଅନେକ ନୂତନ ପ୍ରସ୍ତାବ ଆଗତ କରିଥିଲେ। ବିଭିନ୍ନ ମଠ, ମନ୍ଦିରରେ ପୂଜା କରୁଥିବା ପୂଜକମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। କେନ୍ଦ୍ରାପଡ଼ା ନଗର ସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ ଔଷଧୀୟ ଚାରାରୋପଣ, ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ। ପଣ୍ଡିତ ସୁବାସ ପାଣି ସମସ୍ତ ବ୍ଲକରେ ବ୍ରାହ୍ମଣ ସମାଜ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଆଗାମୀ ଡିସେମ୍ବର ୨୧ ପୂର୍ବାହ୍ନ ୧୧ଟାରେ ଗୋପାଳଜୀୟୁ ମନ୍ଦିର ପରିସରରେ ପୁନଃ ବୈଠକ ଅନୁଷ୍ଠିତ ହେବ ଓ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ସଭାରେ ନିତ୍ୟାନନ୍ଦ ମିଶ୍ର, ଯୁଧିଷ୍ଠିର ପଣ୍ଡା, ରବିନାରାୟଣ ମହାପାତ୍ର, ଭୁବନ ମୋହନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବପ୍ରସାଦ ସାମନ୍ତରାୟ, ରାମଚନ୍ଦ୍ର ପତି, ରୁନୁବାଳା ଦାଶ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ନରେନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



## ଖୋଲା ବଜାରରେ ବିକ୍ରି ହେଉଛି ପିଡିଏସ୍ ଚାଉଳ !

ଡେରାବିଶ,୧୪ା୧୨(ସମିସ): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ବାଘିଲୋ ଗ୍ରାମ ନିକଟରେ ୧୧ନଂ କେନାଲ ବନ୍ଧରେ ଏକ ଟାଟା ଏସିଇ ଗାଡ଼ିରେ ପାଲ ଘୋଡ଼ାହୋଇ ଚାଉଳ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଯୁବକ ସନ୍ଦେହରେ ଗାଡ଼ି ଅଟକାଇଥିଲେ। ଗାଡ଼ିରେ ଚାଉଳ ଚାଲାଣ ହେଉଥିବା ଡ୍ରାଇଭର ଜଣକ ସଫେଇ ଦେଇଥିବା ବେଳେ ଟାଟା ଏସି ଡାଲା ପାଲ ଟେକିବାରୁ ଉପରେ ଅନ୍ୟ ଜରିଅଖାରେ ଚାଉଳ ଚାଲଣ ହେଉଥିବା ବେଳେ ଏହି ଚାଉଳ ଜରିଅଖା ତଳେ ସରକାରୀ ଭାବେ ଚାଲାଣ ହେଉଥିବା ପାଖାପାଖି ୨୦ ବସ୍ତା



ପିଡିଏସ୍ ଚାଉଳ ବସ୍ତା ଦେଖିବାକୁ ମିଳିଥିଲା। ଡ୍ରାଇଭର ବାଲିଆ ଅଞ୍ଚଳରୁ ଏକ ଦୋକାନରୁ ଏହି ଚାଉଳ ନେଇ ଓଲଡ଼ି ଛକ ଦେଇ ଫକିରାବାଦ ଅଞ୍ଚଳକୁ ଯାଉଥିବା ପ୍ରକାଶ କରିଥିଲେ। ତେବେ ବାରମ୍ବାର ଏ ସମ୍ପର୍କରେ ପଚାରିଥିଲେ ମଧ ଡ୍ରାଇଭର ସନ୍ତୋଷଜନକ ଉତ୍ତର ନ ଦେଇ କେବଳ ବାଲିଆ ଅଞ୍ଚଳର ଏକ ଦୋକାନରୁ ଓଲଡ଼ି ଅଞ୍ଚଳକୁ ଯାଉଛି ବୋଲି କହିଥିଲେ। ତେବେ କୌଣସି ପ୍ରକାର ଡ୍ରାଇଭର ଜଣକ କାକୁତି ମିନତି ହୋଇ ସମ୍ପୃକ୍ତ ଯୁବକଙ୍କଠାରୁ ବର୍ତ୍ତି ସେଠାରୁ ଗାଡ଼ି ସହ ଖସି ପଳାଇଥିଲେ। ଏତେ ପରିମାଣରେ ପିଡିଏସ୍ ଚାଉଳ କେଉଁ ଡିଲର ପାଖରୁ ଚୋରାରେ ସମ୍ପୃକ୍ତ ଦୋକାନୀ ପାଖରେ ବିକ୍ରି ହୋଉଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅପରପକ୍ଷରେ ବହୁ ଡିଲର ପଏଣ୍ଟରେ ଅସାଧୁ ଉପାୟରେ ରାଶନ କାର୍ଡ ହାତେଇଥିବା ହିତାଧିକାରୀ ଏପରିକି ବହୁ ଅନ୍ତ୍ୟୋଦୟ ହିତାଧିକାରୀ ମଧ ଡିଲର ପଏଣ୍ଟରେ ଚାଉଳ ନ ନେଇ ଚାଉଳ ବଦଳରେ ଟଙ୍କା ନେଇ ଯାଉଥିବା ଶୁଣିବାକୁ ମିଳିଛି। ଯଦି ଏପରି ହେଉଥାଏ ତେବେ ସମ୍ପୃକ୍ତ ଅସାଧୁ ହିତାଧିକାରୀଙ୍କ କାର୍ଡ କାଟି ତା’ ବଳରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀବଳଦେବଜୀଉ ମଣ୍ଡଳର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା,୧୪ା୧୨(ସମିସ): ଶ୍ରୀନିଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଶାଖା ଶ୍ରୀବଳଦେବଜୀଉ ମଣ୍ଡଳର ଏକ ବୈଠକ ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ଗାୟକ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡ଼ା



ଜିଲ୍ଲାର ପଟ୍ଟାମୁଣ୍ଡାଇ, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକର ସମସ୍ତ ଗାୟକ, ଗାୟିକା, ବାୟକ ଓ ସଂଗୀତକାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଶ୍ରୀବଳଦେବଜୀଉ ମଣ୍ଡଳର ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ମଣ୍ଡଳର ଉପଦେଷ୍ଟା ଭାବେ ଚିନ୍ମୟ ଦାଶ, ରମାକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଗଗନବିହାରୀ ସିଂହ, ପ୍ରଫୁଲ୍ଲ କୁମାର ପଣ୍ଡା ଓ ଗୋଲକ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିବା ବେଳେ ସ୍ଥାୟୀ ସଭାପତି ଭାବେ ଗୋଲକ ବିହାରୀ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆରତୀ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ, ସହସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ, ବାର୍ତ୍ତା ସମ୍ପାଦକ କୈଳାସ ଚନ୍ଦ୍ର ବଳ, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ନାଥ, ସାଂସ୍କୃତିକ ସମ୍ପାଦକ ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସାଂଗଠନିକ ସମ୍ପାଦକ ସଦାଶିବ ପଣ୍ଡିତ୍ରା ଓ ମଞ୍ଜୁବାଳା ପତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ମଣ୍ଡଳ ସ୍ତରରେ ସଂଗଠନର ଉନ୍ନତି କଳ୍ପେ କାମ କରିବେ ବୋଲି ଶ୍ରୀରାମଲାଲଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଆଳି,୧୪ା୧୨(ସମିସ): ଆଳି ବ୍ଲକ୍ ଦେମାଳ ପଞ୍ଚାୟତ ଦେମାଳ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଆଳି ନୂଆବଜାର ଲକ୍ଷ୍ମୀବରାହ ବସ୍ତ୍ରାଳୟ ମାଲିକ ବାସୁଦେବ ବେହେରାଙ୍କର ୭୦ ବର୍ଷ ବୟସରେ ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅରୁଣ ବେହେରା, କବିତା ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ନରେଶ ବେହେରା ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟ ସମୂହ ବିଚ୍ ଭଲିବଲ ପ୍ରତିଯୋଗିତା




ରାଜନଗର,୧୪ା୧୨(ସମିସ): ପେଣ୍ଠ ବେଳାଭୂମିରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବିଚ୍ ଭଲିବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ବନଖଣ୍ଡ ଅଧିକାରୀ ଭାରଦରାଜ ଗାଓଁକର, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ତିଳୋତ୍ତମା ପୃଷ୍ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଶାରରୀକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲ୍ଲା ପିଏଚଓ ସଚ୍ଚିଦାନନ୍ଦ ମିଶ୍ର, ରାଜନଗର ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ଏହାକୁ ଉଦଘାଟନ କରିଥିଲେ। ଏଥିରେ ୧୭ ବର୍ଷରୁ କମ ବୟସ୍କ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୨୪ ଜିଲ୍ଲାରୁ ୧୭୬ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ବରଦାକାନ୍ତ ଜେନା, ଅନ୍ନପୂର୍ଣ୍ଣା ଚୁଳି ମଞ୍ଚ ପରିଚାଳନା କରିଥିଲେ। ସମୀରଣ ମଣ୍ଡଳ ଓ ସୁଲତା ପ୍ରମୁଖ ମଞ୍ଚ ସହଯୋଗ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ପ୍ରମୁଖ ସ୍ମିତା ପ୍ରତିଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡିପିଇଓ ଅଜୟ ପ୍ରଧାନ, ରାମକୃଷ୍ଣ ବେହେରା, ଚନ୍ଦ୍ରକାନ୍ତ ଘଡ଼ାଇ, ଭାଗୀରଥି ମଲ୍ଲିକ, ସବିତା ନାୟକ, ବ୍ଲକ କ୍ରୀଡ଼ା ସମ୍ପାଦକ ରଞ୍ଜନ ରାଉଳ, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ ଓ ନୋଡାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ ସହଯୋଗ କରିଥିଲେ।


# ରାତିଅଧରେ କଲେଜ ଜମି ଜବରଦଖଲ ଉଦ୍ୟମ

କେନ୍ଦ୍ରାପଡ଼ା,୧୪ା୧୨(ସମିସ):

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଜମି ଜବରଦଖଲ ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଥିବା ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି। ଭୀଷଣ ଶୀତରେ ଲୋକେ

### ଜିଲ୍ଲା ପ୍ରଶାସନର ତତ୍କାଳ ହସ୍ତକ୍ଷେପରେ ଟଳିଲା ସଙ୍କଟ

ଘରେ ଥିବା ବେଳେ ୪୫ଟି ହାଇୱା ଓ ଏକ ଜେସିବି ମେସିନ ସହାୟତାରେ କଲେଜର ଖାଲ ଜମିରେ ବାଲି ଢାଳି ସମତଳ କରି ଦଖଲ ନେବା ପାଇଁ ଉଦ୍ୟମ କରାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନର ତତ୍କାଳ ହସ୍ତକ୍ଷେପ ଯୋଗୁଁ ଏହି ଉଦ୍ୟମ ଫସରଫାଟିଛି। ଏହି ଜମି କଟକ-ଚାନ୍ଦବାଲି ରାସ୍ତାର ଉଦୟନଗର ଛକରୁ କଲେଜ ପରିସରକୁ ଯାଇଥିବା ରାସ୍ତାର



ଡାହାଣ ପାଶ୍ୱର୍ରେ ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂ ମୌଜାରେ ଅବସ୍ଥିତ। ୧୯୫୮ରେ କେନ୍ଦ୍ରାପଡ଼ା କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ ଟ୍ରଷ୍ଟି କମିଟି ପକ୍ଷରୁ ଦିବଂଗତ ମହମ୍ମଦ ଫଜଲେ ରବି, ଦୀନବନ୍ଧୁ ସାହୁ ଓ ନିମାଇଁ ଚରଣ ଦାସଙ୍କ ନାମରେ ଏହି ଜମି କ୍ରୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଦାଖଲଖାରଜରେ ତଞ୍ଚକତା କରି ଅନ୍ୟ କିଛି ବ୍ୟକ୍ତି ଏହାକୁ ବାରମ୍ବାର ଦଖଲ କରିବାକୁ ଉଦ୍ୟମ କରିଆସୁଥିବା ଅଭିଯୋଗ ରହିଛି। ଏହି ଜମିର ସ୍ୱତ୍ତ୍ୱ ନିର୍ଦ୍ଧାରଣ ପାଇଁ କେନ୍ଦ୍ରାପଡ଼ା ଚକବନ୍ଦୀ ଉପନିର୍ଦ୍ଦେଶକଙ୍କ କୋର୍ଟରେ ଏକ ମାମଲା ବିଚାରାଧୀନ ଥିବା ବେଳେ ନ୍ୟାୟିକ ପ୍ରକ୍ରିୟାକୁ ଏଡ଼ାଇ ଏପରି ଜୋର ଜୁଲମ ଉଦ୍ୟମ କରାଯାଇଥିବାରୁ କଲେଜର ପୁରାତନ ଛାତ୍ରସଂସଦ ଗଭୀର ଉଦବେଗ ପ୍ରକାଶ କରିଛି। ଏନେଇ ଶନିବାର ପୁରାତନ ଛାତ୍ରସଂସଦର ଏକ ଜରୁରୀ ବୈଠକରେ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ସମ୍ପାଦକ ଡ. ପ୍ରମୋଦ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା, ପ୍ରାକ୍ତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି, ଅଧ୍ୟାପକ ଅଜୟ ସାମଲ, ଡ. ପ୍ରଦୀପ୍ତ କିଶୋର ଦାଶ, ଡ. ତ୍ରୈଲୋକ୍ୟନାଥ ସାମଲ, ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବିଶ୍ୱନାଥ ଆଚାର୍ଯ୍ୟ, ଡ. ପ୍ରଭାକର ମଲ୍ଲିକ, ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ସହ ବହୁ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କଲେଜ ଜମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## ଅସହାୟ ମହିଳାଙ୍କୁ କମ୍ବଳ ବଣ୍ଟନ



ପାରାଦୀପ,୧୪।୧୨(ସମିସ): ମହିଳା କଲ୍ୟାଣ ଟ୍ରଷ୍ଟ ଓ ଭରସା ଚାରିଟେବୁଲ ଟ୍ରଷ୍ଟ ମିଳିତ ସହାୟତାରେ ପାରାଦୀପର ବିଭିନ୍ନ ବସ୍ତି ଅଞ୍ଚଳରେ ବସବାସ କରୁଥିବା ୭୦ ଜଣ ଅସହାୟ ମହିଳାଙ୍କୁ ଆଜି କମ୍ବଳ ବଣ୍ଟନ କରାଯାଇଛି। ମହିଳା କଲ୍ୟାଣ ଟ୍ରଷ୍ଟର ସଭାପତି ଉର୍ମିଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବଣ୍ଟନ ଉତ୍ସବରେ ମୁଖ୍ୟଅତିଥି ଭାବରେ କଟକସ୍ଥିତ ଭରସା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭାତ କୁମାର ରାଉତ, ସମ୍ମାନିତଅତିଥିଭାବେସମ୍ପାଦକସନ୍ତୋଷକୁମାରସାମଲ, କୋଷାଧ୍ୟକ୍ଷଦେବେନ୍ଦ୍ରନାଥ କର ଓ ସଦସ୍ୟା ନମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସେବାକୁ ବ୍ୟାପକ କରାଯିବ ବୋଲି ଟ୍ରଷ୍ଟର କର୍ମକର୍ତ୍ତା ମାନେ ମତ ଦେଇଥିଲେ। ମହିଳା କଲ୍ୟାଣ ଟ୍ରଷ୍ଟର କାର୍ଯ୍ୟକାରୀ କମିଟି ମୁଖ୍ୟ ପ୍ରେମଲତା ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସଂଘମିତ୍ରା ସ୍ୱାଇଁ, ଉପସଭାପତି ତୁଳସୀ ବରାଳ, ସମ୍ପାଦିକା ନିଳିମା ପ୍ରିୟଦର୍ଶୀନୀ, ସହ ସମ୍ପାଦିକା ବସୁକା ମଲ୍ଲିକ, କୋଷାଧ୍ୟକ୍ଷ କୌଶଲ୍ୟା ମହାନ୍ତି, କାର୍ଯ୍ୟକାରୀ ସଦସ୍ୟା ସୁଚିତ୍ରା ପ୍ରିୟଦର୍ଶିନୀ ପଣ୍ଡା, ସାବିତ୍ରୀ ପଣ୍ଡା ପ୍ରତିମା ସାହୁ, ବସନ୍ତି ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୩୫ତମ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ସହାୟତାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଢଶର ଦେଉଳିର ଶକ୍ତିକ୍ଲବ୍‌ଆନୁକୂଲ୍ୟରେ୩୫ତମଜାତୀୟଶକ୍ତିସଂରକ୍ଷଣଦିବସପାଳିତହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ତା'ର ଉପଯୁକ୍ତ ଯତ୍ନ ନେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରଦୂତ ଭାବେ ଭବିଷ୍ୟତରେ ସ୍ଥାୟୀଶକ୍ତି ପାଇଁ ସଶକ୍ତ କରିବା' ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନନୀୟ ଅତିଥିଭାବେ ବାଲିକୁଦା ବିଜ୍ଞାନ ପ୍ରସାର ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଯୋଗଦେଇ ସ୍ଥାୟୀ ଶକ୍ତିର ଉତ୍ସ ସମୂହ, ଏହା ବ୍ୟବହାର କରିବାର କାରଣ, ପରିବେଶ ଓ ଅର୍ଥନୈତିକ ସୁବିଧା, ସାମାଜିକ ସୁରକ୍ଷାର ଉପାଦେୟତା ଏବଂ ଦୀର୍ଘକାଳୀନ ନିର୍ଭର ଯୋଗ୍ୟତା ସମ୍ପର୍କରେ ବିଶଦଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିଗଣ, ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସମବେତ ଭାବେ ଶକ୍ତି ସଂରକ୍ଷଣ ଶପଥ ଗ୍ରହଣ କରିଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷକ ବିଭୂତି ଭୂଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସରିତା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ଭୋଇ, ସୁଚିସ୍ମିତା ପରିମାଣବିକ, ସ୍ମିତା ପଣ୍ଡା, ମନ୍‌ସୁନ୍ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୁଜଙ୍ଗ,୧୪।୧୨(ସମିସ): ତଳପଡ଼ା ପଞ୍ଚାୟତର ଖୁଣ୍ଟଳସ୍ଥ ଆଖଣ୍ଡଳମଣି ବିଦ୍ୟାପୀଠର କୃତୀ ଶିକ୍ଷୟତ୍ରୀ ଅଞ୍ଜଳି ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଦାଳାଇଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷକ ବିନୋଦ ବିହାରୀ ମୁଦୁଲିଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଅଶୋକ ରାଉତ, ସମ୍ମାନିତ ଅତିଥି ରୂପେ ଏବିଇଓ ମନୋରଞ୍ଜନ ମଙ୍ଗରାଜ, ସ୍ତମ୍ଭକାର ନିମାଇଁ ଚରଣ ଲେଙ୍କା, ସ୍କୁଲର ପ୍ରମୁଖ ପ୍ରତିଷ୍ଠାତା ରମେଶ ପରିଜା, ପ୍ରାକ୍ତନ ସମ୍ପାଦକ ତ୍ରିପୁରାରୀ ସାହୁ, ମହେଶ୍ୱର ସାହୁ, ସରସ୍ୱତୀ ସାହୁ, ରବିନାରାୟଣ ସାହୁ, ବିଜୟ ସାହୁ, ଅଭୟ କୁମାର ସାହାଣୀ, ଆଲୁମିନି ସଭାପତି ବିକାଶ ସାହୁ, ଏସଏମସି ସଭାପତି ମନୋରଞ୍ଜନ ସାହୁ, ବ୍ରଜକିଶୋର ମହାରାଜ, ସିଆରସିସି ଗୋବିନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଅବସର ଜୀବନର କୁଶଳ କାମନା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

## ବିପର୍ଯ୍ୟସ୍ତ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ମହାକାଳପଡ଼ା,୧୪।୧୨(ସମିସ): ମହାକାଳପଡ଼ା ବ୍ଲକ୍ ଅଧୀନ ରାଜଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଛିପଡା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୁଣା ଲୁହାଖୁଣ୍ଟ ଗୁଡ଼ିକର ମୂଳ କଳଙ୍କି ଲାଗି କଣା ହୋଇଯାଇଥିବା ଦେଖିବାକୁ ମିଳିଛି। କେତେବେଳେ ଯେ କଣ ଅଘଟଣ ଘଟିବ ତାହାକୁ ନେଇ ଗ୍ରାମର ଲୋକମାନେ ଆଶଙ୍କାରେ ପଡିଛନ୍ତି। ଏନେଇ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ବିଦ୍ୟୁତ୍ କର୍ମଚାରୀମାନେ କର୍ଣ୍ଣପାତ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଯଦି କୌଣସି ଅଘଟଣ ଘଟିବ ସେଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଲୋକେ କହିଛନ୍ତି।



### ସାତକୋଶିଆ ମହୋତ୍ସବ ଉଦ୍‌ଯାପିତ

# ଓଡ଼ିଶୀ ଓ ଶାସ୍ତ୍ରୀୟ ସଙ୍ଗୀତରେ ବିଭୋର ଦର୍ଶକ



ଅନୁଗୋଳ,୧୪।୧୨(ସମିସ): ସଭାଘରଠାରେ ତ୍ରୟଦଶ ସାତକୋଶିଆ ମହୋତ୍ସବ ଉଦଯାପିତ ହୋଇଯାଇଛି। ଦୁଇଦିନିଆ ମହୋତ୍ସବର ଉଦଯାପନୀ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ନୃତ୍ୟ ନିଳୟର ପ୍ରତିଭା ଅନ୍ୱେଷଣ ଏବଂ କଳାସଂସ୍କୃତିର ପ୍ରସାର କ୍ଷେତ୍ରରେ ନିରଳସ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ରୂପେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇ ଓଡ଼ିଆ କଳା ସଂସ୍କୃତି ଇତିହାସରେ ଅନୁଗୋଳର ବିଶେଷ ଅବଦାନ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ବିଶିଷ୍ଟ ଅତିଥିଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ସଂଗଠନର ଉପଦେଷ୍ଟା ହେମନ୍ତ କୁମାର ଦାଶ, ସଭାପତି ଗୁରୁ ଅନିତା ସିଂହ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍ଥାର ସମ୍ପାଦିକା ଗୁରୁ ସ୍ୱପ୍ନାରାଣୀ ସିହ୍ନା ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଯଜ୍ଞ ନାରାୟଣ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାରୋହରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ସାତକୋଶିଆ ସମ୍ମାନ, ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ହିମାଂଶୁ ଶେଖର ସ୍ୱାଇଁଙ୍କୁ ପଦ୍ମଚରଣ ସିହ୍ନା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି କଳା ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କୁ ପଦ୍ମଚରଣ ସିହ୍ନା କଳା ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ ବିଚିତ୍ରା ଆରମ୍ଭ ହୋଇଥିଲା। ନୃତ୍ୟନିଳୟର ଛାତ୍ରଛାତ୍ରୀ ଓଡ଼ିଶୀରେ କୃଷ୍ଣ ଲୀଳା, ମାନ ଉଦ୍ଧାରଣ, ତ୍ରିବେଣୀ ସଙ୍ଗମ ଆଦି ପ୍ରଦର୍ଶନ କରିଥିଲେ। ସଚ୍ଚିଦାନନ୍ଦ ଦାସଙ୍କ ତାଳ ବାଦ୍ୟ ଓ ହିମାଂଶୁ ସ୍ୱାଇଁଙ୍କ ଓଡ଼ିଶୀ ସଙ୍ଗୀତ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ରୁଦ୍ରାକ୍ଷ ଫାଉଣ୍ଡେସନର ରୋଜି ସ୍ୱାଇଁ ଏକକ ଓଡ଼ିଶୀ ଏବଂ ରିତୁଶ୍ରୀ ବେହେରା ଓ ସୌମ୍ୟାଶ୍ରୀ ବେହେରା ଓଡ଼ିଶୀ ଯୁଗଳବନ୍ଦୀ। ପ୍ରଦର୍ଶନ କରିଥିଲେ। ମୃତ୍ୟୁଞ୍ଜୟ ରାୟ ଓ ଡା ଅଙ୍କିତା ରଥ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଯଜ୍ଞ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦୀପ,୧୪।୧୨(ସମିସ): ବାଲଦିଆ ଗ୍ରାମର ପୂର୍ବତନ ଛାତ୍ରଛାତ୍ରୀ ଓ ବନବିହାରୀ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଆଜି ବାଲଦିଆ ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଅଞ୍ଜଳି କୁମାରୀ ସ୍ୱାଇଁଙ୍କ ପାଇଁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଅନୁଷ୍ଠିତ ହୋଇଯାଇଛି। ବାଲଦିଆ ୟୁପି ସ୍କୁଲ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାରସ୍ୱତ ପରିକ୍ରମାର ସଭାନେତ୍ରୀ ଗୋଲାପରାଣୀ ସାହୁ, ବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଏରସମାର ଗୋପବନ୍ଧୁ ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଜେନା, ବାଲଡିଆର ପୂର୍ବତନ ଏସ୍‌ଆଇ ଅକ୍ଷୟ କୁମାର ସେଠୀ, କାଳିଆପାଟ ୟୁପି ସ୍କୁଲର ଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ ଓ ନୂଆଗଡ ପଞ୍ଚାୟତ ମୁଖ୍ୟ ପ୍ରଭାକର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ବିଝାରପୁର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅକ୍ଷୟ କୁମାର ସେଠୀ ଏହି ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିବା ବେଳେ ଚନ୍ଦାପାଟ ୟୁପି ସ୍କୁଲର ସହକାରୀ ଶିକ୍ଷକ ସୁବାସ ସେନାପତି ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଜଳୀ ଦିଦି ଏହି ବାଲଦିଆ ୟୁପି ସ୍କୁଲରେ ଦୀର୍ଘ ୧୦ ବର୍ଷ ଧରି ଶିକ୍ଷାଦାନ କରିଛନ୍ତି। ଯେହେତୁ ଏତେ ଲମ୍ବା ସମୟ ଧରି ଅଞ୍ଚଳର ବହୁ ପିଲାଙ୍କୁ ଶିକ୍ଷାଦାନ କରି ଭଲ ମଣିଷ ଭାବେ ଗଢି ତୋଳିଥିଲେ ତେଣୁ ତାଙ୍କ ଉଦ୍ଦେଶ୍ୟରେ ଏଭଳି ସଭାର ଆୟୋଜନ କରାଯାଇଥିଲା।

## ଶ୍ରୀକୃଷ୍ଣ ଏକାଡେମୀ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀର ପ୍ରତିଷ୍ଠା ଦିବସ ଏବଂ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଆସନ୍ତା ଜାନୁଆରୀ ୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଧାୟକ ଅମରେନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରି ଉତ୍ସବକୁ ଅଧିକ ଆକର୍ଷଣୀୟ ଓ ସରସସୁନ୍ଦର ଭାବେ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜଣେ ପୁରାତନ ଛାତ୍ର ତଥା ସ୍ଥାନୀୟ ବିଧାୟକ ଭାବରେ ଉତ୍ସବ ଆୟୋଜନ ପାଇଁ ତାଙ୍କର ପୁରା ସହଯୋଗ ରହିବ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ଖୁବଶୀଘ୍ର ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ଗୃହ ଏବଂ ଏକ ଅଡିଟୋରିୟମ ନିର୍ମାଣ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ବୈଠକରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଇଚରଣ ତ୍ରିପାଠୀ ଗତବର୍ଷର ଉତ୍ସବ ସମ୍ପର୍କରେ ସୂଚନା ଦେବା ସହିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାକୁ ଆଗେଇ ନେଇଥିଲେ। ସେହିପରି ପୁରାତନ ଛାତ୍ର ତଥା ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ବରିଷ୍ଠ ସାମାଜିକ ସଂଗଠକ ରଶ୍ମିକାନ୍ତ ସାହୁ ଏବଂ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ଉତ୍ସବ ପାଳନ ପାଇଁ ବିଭିନ୍ନ ଉପାଦେୟ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ର ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଦ୍ୟାଳୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦେଇଥିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୁରାତନ ଛାତ୍ର ବିଜୟ ରାଉତ, ବିଶ୍ୱନାଥ ପଣ୍ଡା, ଆଶିଷ ମାଣିଆ, ସୁଶାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ର, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପୁରାତନ ଛାତ୍ର ଶ୍ରୀକାନ୍ତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଦୋହଲି ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଡେରାବିଶ,୧୪।୧୨(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲିସ୍ଥ ଦୋହଲି ମଡ଼େଲ ହାଇସ୍କୁଲର ୧୯୭୧ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଶୋକ ତ୍ରିପାଠୀ, ଧିରେନ୍ଦ୍ର ପ୍ରତାପ, ନୀଳମଣି ଶତପଥୀ, ଉମେଶ ପଣ୍ଡା, ତାରିଣୀ ଶତପଥୀ ଓ ଶଶିଭୂଷଣ ନାୟକ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏହି ବ୍ୟାଚ୍‌ର ଦିବଂଗତ ୪୦ ଜଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ସାଥି ପ୍ରମୋଦ ପଣ୍ଡା, ସମର ନାୟକ, ପ୍ରେମାନନ୍ଦ ଆଚାର୍ଯ୍ୟ, ପ୍ରଭାତ ଜେନା, ଶୈଳ ବାରିକ, ରବୀନ୍ଦ୍ର ରଥ ପ୍ରମୁଖ ସେମାନଙ୍କର ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ଏ ଅବସରରେ ବୟସର ଅପରାହ୍ନରେ ପହଞ୍ଚିଥିବା ସାଥିଙ୍କୁ କଟକରେ ସେମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ଅଶୋକ ଓ ଧିରେନ୍ଦ୍ର କହିଥିଲେ। କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ଦାସ, ଭାଗବତ ସାହୁ ଓ ଅନ୍ୟ ସାଥି ପରିଚାଳନା କରିଥିଲେ।



## ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ପରଲୋକ

ଡେରାବିଶ,୧୪।୧୨(ସମିସ): ପଲେଇ ପଞ୍ଚାୟତର ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ପ୍ରଥମ ସଭାପତି ନରୋତ୍ତମ ପ୍ରସାଦ ପରିଡ଼ାଙ୍କ ପରଲୋକରେ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପଲେଇ ପଞ୍ଚାୟତ ସଭା କକ୍ଷରେ ଆୟୋଜିତ ଶୋକ ସଭାରେ ବରିଷ୍ଠ ସଦସ୍ୟ ମହେନ୍ଦ୍ର ଖଟୁଆ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରସନ୍ନ ସାମଲ ସଭା ସଂଯୋଜନା କରିଥିଲେ। ସ୍ୱର୍ଗତ ପରିଡ଼ାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପରିଡ଼ାଙ୍କ ସ୍ୱଚ୍ଛ ରାଜନୈତିକ ଜୀବନ, ନିଃସ୍ୱାର୍ଥପର ସେବା ସମ୍ପର୍କରେ ସଂଘର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ବିଜୟ ସ୍ୱାଇଁ, ଅନନ୍ତ ଦାସ, ରବୀନ୍ଦ୍ର ପରିଡ଼ା, ଧିରେନ ଶର୍ମା, କୋଷାଧ୍ୟକ୍ଷ ଭରତ ପ୍ରଧାନ, ଶାରଦା ପ୍ରସାଦ ନନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସରପଞ୍ଚ ଅକ୍ଷୟ ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, ପୂର୍ବତନ ସମିତିସଭ୍ୟ ଶାରଦା ନାଥଙ୍କ ସମେତ ହୃଷିକେଶ ବାରିକ, ରବୀନ୍ଦ୍ର ସୂତାର, ପ୍ରସନ୍ନ ପରିଡ଼ା, ନୃସିଂହ ସାମଲ, ବିଜୟ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିବା ସହ ସ୍ୱର୍ଗତ ପରିଡ଼ାଙ୍କ ପରିବାରବର୍ଗଙ୍କୁ ସାହସ ଓ ଧୈର୍ଯ୍ୟ ଦେବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## କୁନି ଝିଅର ଜନ୍ମଦିନରେ ରକ୍ତଦାନ ଶିବିର



କୁଜଙ୍ଗ,୧୪।୧୨(ସମିସ): କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ପଞ୍ଚାୟତ ଅନ୍ତର୍ଗତ ପିପ୍ପଳ ନିବାସୀ ଦିବଂଗତ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ଓ ସୁମିତ୍ରା ମହାପାତ୍ରଙ୍କ ନାତୁଣୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାପାତ୍ର ପାରିବାର ଓ ଗ୍ରାମ ପ୍ରମୁଖ ଯୁବକ ସଂଘ ବନବିହାରୀ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଛି। ବନବିହାରି ସାଂସ୍କୃତିକ ପରିଷଦର ସଭାପତି ସୁରେଶ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ସ୍ଥାନୀୟ ପାରାଦୀପ ଗଡ଼ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଭୁତମୁଣ୍ଡେଇ ସରପଞ୍ଚ ରୋହିତ କୁମାର ଜେନା, ପୂର୍ବତନ ସରପଞ୍ଚ ଇଂ. ସଞ୍ଜୟ କୁମାର ସ୍ୱାଇଁ, ସମାଜସେବୀ ପ୍ରମୋଦ କୁମାର ଜେନା, ସମିତିସଭ୍ୟ କେଦାର ମାଝୀ, ଚାଷୀ ନେତା ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବନବିହାରୀ ସାଂସ୍କୃତିକ ପରିଷଦର ସମ୍ପାଦକ ତଥା ବଶିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପଲାଇ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଏହି ଶିବିରକୁ ସନ୍ତୋଷ କୁମାର ମହାପାତ୍ର, ଅଶ୍ୱନି ସାମନ୍ତରାୟ, ସୋମନାଥ ସାମଲ, ବିଭୁ ରଞ୍ଜନ ଦାସ, ଭାଗ୍ୟଧର ଦାସ, ନିର୍ଭୟ ସାମଲ, ଚିତ୍ତରଞ୍ଜନ ଦାସ, ଉମେଶ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ପ୍ରମୋଦ ବେହେରାଙ୍କ ସହ ପରିଷଦର ସଦସ୍ୟ ପରିଚାଳନା କରିଥିଲେ। କଟକ କେନ୍ଦ୍ରୀୟ ରକ୍ତଭଣ୍ଡାରର ଡାକ୍ତର ଓ ଷ୍ଟାଫ୍ ମାନେ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ବିକେବି ଉଚ୍ଚବିଦ୍ୟାଳୟରେ ଗୁରୁପୂଜନ



ଓଲାଭର,୧୪।୧୨(ସମିସ): ରାଜକନିକା ବ୍ଲକ୍ ଅନ୍ତର୍ଗତ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତର ବିକେବି ଉଚ୍ଚବିଦ୍ୟାଳୟରେ ୨୦୦୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରତିକାନ୍ତ ଦାସଙ୍କ ସଂଯୋଜନା ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ରାହସ ବିହାରୀ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକେବି ବିଦ୍ୟାଳୟ ଓ ହାବଳଗଣ୍ଡପାଟଣାସ୍ଥ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଓ କାର୍ଯ୍ୟରତ ଶିକ୍ଷକଙ୍କୁ ଉପସ୍ଥିତ ଛାତ୍ରଛାତ୍ରୀ ପୂଜା କରିବା ସହ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ୪୫ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଉପସ୍ଥିତ ଗୁରୁଜୀ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଛାତ୍ରଛାତ୍ରୀ ବର୍ତ୍ତମାନର ବୃତ୍ତି ଓ ଅବସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଳ୍ପାରାଣୀ ଖଟୁଆ ମଞ୍ଚ ପରିଚାଳନା କରିଥିବାବେଳେ ମୃତ୍ୟୁଞ୍ଜୟ ଅରୁପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଲୀନା ସାମଲ, ରଶ୍ମିତା ପରିଡା, ରଶ୍ମିରଞ୍ଜନ ରାଉତ, ଜ୍ୟୋତି ମହାନ୍ତି, ରବୀନ୍ଦ୍ର ସେଠୀ, ମିହିର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ରାହାସ ମହାନ୍ତି ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ପ୍ରଦାନ କରି ଆଶୀର୍ବାଦ ପ୍ରଦାନ କରିଥିଲେ।

## ସାଂସଦଙ୍କ ରାଜନଗର ଗସ୍ତ



ରାଜନଗର,୧୪।୧୨(ସମିସ): ସାଂସଦ ବୈଜୟନ୍ତ ପଣ୍ଡା ଆଜି ଦିନିକିଆ ରାଜନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସାଂସଦ ଶ୍ରୀ ପଣ୍ଡା ପ୍ରଥମେ ମହୁଲିଆ ଗ୍ରାମର ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ସଫେଇ କରିବା ସହିତ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ପରେ ଚାନ୍ଦିବାଉଁଶମୂଳସ୍ଥ ମା' ମାଟିଆ ମଙ୍ଗଳା ପୀଠରେ ଟିଫିନ ବୈଠକରେ ଯୋଗଦେଇ ୩୧ନଂ ଜୋନସ୍ତରୀୟ କର୍ମକର୍ତ୍ତାଙ୍କୁ ଆଗାମୀ ସାଂଗଠନିକ କ୍ଷେତ୍ରରେ ଦଳୀୟ କାର୍ଯ୍ୟକ୍ରମ ରୂପରେଖ ଉପରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ଯୁବନେତା ଲଳିତ ବେହେରାଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଭଗବତୀ ମନ୍ଦିର ପୂଜକଙ୍କ ଦେହାନ୍ତ



ପଞ୍ଚୁପାଣ୍ଡବ,୧୪।୧୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ଆରାଧ୍ୟ ଦେବତା ଭଗବତୀ ମନ୍ଦିରର ପୂଜକ ଶ୍ୟାମସୁନ୍ଦର ପଣ୍ଡା (କାଳିଆ ନନା)ଙ୍କ ଦେହାନ୍ତ ହୋଇଯାଇଛି। ସେ କିଛିଦିନ ପୂର୍ବେ ଅସୁସ୍ଥ ଥିବାବେଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିଲେ। ଶୁକ୍ରବାର ରାତି ପ୍ରାୟ ସାଢେ ଦଶଟା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ନନା ଏହି ମନ୍ଦିରରେ ପ୍ରାୟ ୬୦ ବର୍ଷ ଧରି ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏକ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଆଶୁତୋଷ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ପାରାଦୀପରେ ସିଆଇଟିୟୁର ରାଜ୍ୟ ସମ୍ମିଳନୀ




ପାରାଦୀପ,୧୪।୧୨(ସମିସ)

ପାରାଦୀପରେ ସିଆଇଟିୟୁର ୩ ଦିନିଆ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ସଭାନେତ୍ରୀ ଡ. କେ. ହେମଲତା, ସର୍ବଭାରତୀୟ ସାଧାରଣ ସମ୍ପାଦକ ତପନ ସେନ, ସର୍ବଭାରତୀୟ ଉପସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଜ୍ୟ ଉପ ସଭାପତି ଓ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସମ୍ପାଦକ ଓ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଓ ୩ ଶହରୁ ଊର୍ଦ୍ଧ୍ୱ ଶିଳ୍ପାନୁଷ୍ଠାନର ନେତାମାନେ ଯୋଗଦେଇଥିଲେ। ଏହି ତିନିଦିନ ଧରି ଚାଲିଥିବା ଆଲୋଚନାରେ ଶ୍ରମିକ ନେତାମାନେ ଶ୍ରମକୋର୍ଡକୁ ନେଇ ସରକାରଙ୍କ ଉପରେ ବର୍ଷି ଥିଲେ। ଓଡ଼ିଶାରେ ସରକାର ଦିନ ମଜୁରିଆଙ୍କ ଦରମା ବୃଦ୍ଧିକୁ କର୍ଣ୍ଣପାତ କରୁନଥିବା ବେଳେ ନିଜେ ବିଧାୟକଙ୍କ ଦରମା ତିନିଗୁଣା ବର୍ଦ୍ଧିତ କରିଛନ୍ତି। ଯାହା ଅତି ନିନ୍ଦନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମକୋଡ୍‌କୁ ବିରୋଧ କରାଯାଇ ଆସନ୍ତା ଫେବୃଆରୀ ମାସରେ ମିଳିତ ଭାବେ ସବୁ ଟ୍ରେଡ୍ ୟୁନିୟନକୁ ନେଇ ଧର୍ମଘଟ ଡାକରା ଦିଆଯିବ ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରମିକ ନେତାମାନେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉପରେ ମଧ୍ୟ ବର୍ଷିଥିଲେ। ଏବେ ପାରାଦୀପ ବନ୍ଦରରେ ପାଖାପାଖି ୧ ହଜାର ଡିଏଲ୍‌ଆର କାମ କରୁଛନ୍ତି। ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଉ ନାହିଁ କିମ୍ବା ନିୟମିତ କର୍ମଚାରୀଙ୍କ ଭଳି ସୁବିଧା ସୁଯୋଗ ଦିଆଯାଉନାହିଁ। ଯଦି ଜଣେ ଠିକା ଶ୍ରମିକ କିମ୍ବା ଜଣେ ଡିଏଲଆର ଯଦି ଜଣେ ସ୍ଥାୟୀ ଶ୍ରମିକର କାମ କରୁଥିବା ତେବେ ତାକୁ ସ୍ଥାୟୀ ଶ୍ରମିକର ମଜୁରୀ ଏବଂ ଚାକିରିର ସୁବିଧା ସୁଯୋଗ ଦେବା କଥା, କିନ୍ତୁ ପାରାଦୀପ ବନ୍ଦରର ମ୍ୟାନେଜମେଣ୍ଟ ବେଆଇନ ଭାବେ ସେ ଆଇନକୁ କାର୍ଯ୍ୟକାରୀ କରୁ ନାହାନ୍ତି। ପାରାଦୀପ ବନ୍ଦରର ଏଭଳି ନିୟମ ଉପରେ ଶ୍ରମିକ ନେତା ମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଖେଳରେ ବଲ୍‌କୁ ମାରି ଧାଇଁବା ବେଳେ ମୁଁ ଭାବେ, ମୁଁ ହେଉଛି ପୃଥିବୀର ସର୍ବାଧିକ ଉଲ୍ଲସିତ ବ୍ୟକ୍ତି।
-ଡିଏଗୋ ମାରାଡୋନା

## ଶିକ୍ଷା-କର୍ତ୍ତୃତ୍ୱର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଏବେ ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହେବାର ସମ୍ଭାବନା ଅଛି। 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ନାମକ ଏହି ଚିଠା ପ୍ରସ୍ତାବ ଆଇନରେ ପରିଣତ ହେଲେ ଗୋଟିଏ ଛାତ ତଳେ ଦେଶର ସମସ୍ତ ଶିକ୍ଷା ଓ ତାଲିମ୍ ସମ୍ବନ୍ଧୀୟ କର୍ତ୍ତୃପକ୍ଷ ଓ ଅନୁଷ୍ଠାନଗୁଡ଼ିକ ରହିବେ। ଅର୍ଥାତ୍ ବହୁଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ। ଏପରିକି ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପରି ସଂସ୍ଥାମାନଙ୍କର ମଧ୍ୟ ବିଲୟ ଘଟିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଭାରତ ପରି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ଓ ବହୁଭାଷାଭାଷୀ ରାଷ୍ଟ୍ରରେ ଶିକ୍ଷା କ୍ଷେତ୍ରଟି ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତର ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।

ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦଶମାସର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକୃତ ନିୟାମକ ଗଠନ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ଜାତୀୟ ଶିକ୍ଷା ନୀତି ୨୦୨୦ରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ଗୋଟିଏ 'ଜାତୀୟ ଉଚ୍ଚ ଶିକ୍ଷା ନିୟାମକ ପରିଷଦ' ଅଧୀନରେ ଡାକ୍ତରୀ ଓ ଆଇନ ଶିକ୍ଷାକୁ ବାଦ୍ ଦେଇ ଚାରିଟି ସ୍ୱାଧୀନ ନିୟାମକ କାର୍ଯ୍ୟ କରିବେ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ('ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି' ଯୋଜନାର ନାମ ପରିବର୍ତ୍ତନ କରି 'ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର' ଯୋଜନା କରିବାକୁ ଯାଉଛନ୍ତି) ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା।

ପୂର୍ବରୁ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଉଦ୍ୟମ କରିଥିଲେ ହେଁ ତାହା ସାକାର ହୋଇପାରି ନ ଥିଲା। ୨୦୧୮ ରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ(ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଆଇନ ରଦ୍ଦ) ବିଲ୍' ସଂସଦରେ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ 'ୟୁଜିସି'କୁ ଉଚ୍ଛେଦ କରି 'ଭାରତୀୟ ଉଚ୍ଚ ଶିକ୍ଷା ପରିଷଦ' ନାମରେ ଏକ ଅନୁଷ୍ଠାନ ଗଠନ କରିବାର ପ୍ରସ୍ତାବ ଥିଲା। ସେଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷଙ୍କ ବ୍ୟତୀତ ୧୨ଜଣ ସଦସ୍ୟ ରହିବେ ବୋଲି ଉଲ୍ଲେଖ ଥିଲା। କିନ୍ତୁ ପ୍ରବଳ ବିରୋଧ ପରେ ଉକ୍ତ ବିଲ୍ ପ୍ରତ୍ୟାହୃତ ହୋଇଥିଲା। ଅର୍ଥାତ୍ ପୂର୍ବରୁ କେନ୍ଦ୍ର ସରକାର ଯେଉଁ ଯୋଜନା କରିଥିଲେ ତାହା ହିଁ ଜାତୀୟ ଶିକ୍ଷା ନୀତି-୨୦୨୦ରେ ସ୍ଥାନ ପାଇଲା ଏବଂ ସେହି ଆଧାରରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ବିଲ୍ ଏକ ଭିନ୍ନ ରୂପରେ ପ୍ରସ୍ତୁତ ହୋଇଛି।

ଉପରୋକ୍ତ ଚିଠା ପ୍ରସ୍ତାବ ବିରୋଧରେ ମତ ପ୍ରକାଶ ପାଇଛି ଯେ ୟୁଜିସିର ଅର୍ଥନୈତିକ କ୍ଷମତା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ହାତକୁ ଚାଲିଯିବ। ଏହାଛଡ଼ା ଏଥିରେ ସମାଜର ସବୁବର୍ଗର ପ୍ରତିନିଧିତ୍ୱର ସୁଯୋଗ ରହିବ ନାହିଁ। ସରକାର ନିଜକୁ ସୁହାଇବା ଭଳି(ଏବେ ନିର୍ବାଚନ ଆୟୋଗ ଭଳି) ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତ କରିବେ। ତେଣୁ ଶିକ୍ଷାର ସାର୍ବଜନିକ ଓ ମହତ୍ ଲକ୍ଷ୍ୟ ବ୍ୟାହତ ହେବ। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଲୋଡ଼ା। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ସଂସଦରେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ।

## ମଧ୍ୟବିତ୍ତର ରଜତ-ବିହଗ

**ଗୌରୀ ପ୍ରସାଦ ମହାପାତ୍ର**

ଭାରତର ବିମାନ ସେବା ଶିଳ୍ପରେ ସର୍ବାଧିକ ବଜାରଅଂଶ ଦଖଲ କରିଥିବା 'ଇଣ୍ଡିଗୋ'ରେ ଆକସ୍ମିକ ବିଭ୍ରାଟ ସୃଷ୍ଟି ହେବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ(ଡିଜିସିଏ)ର କର୍ତ୍ତବ୍ୟନିଷ୍ଠା, ସଂସ୍ଥାର ପରିଚାଳନା ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣର ସମୟୋଚିତତା, ବିମାନ ସେବାରେ ଏକଚାଟିଆ ସ୍ଥିତିର ବାଧ୍ୟବାଧକତା, ସରକାରୀ ନିଷ୍ପକ୍ଷତା ଆଦି ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏଥିସହିତ ଯୋଡ଼ି ହୋଇଯାଇଛି ଇଣ୍ଡିଗୋ-ବିଭ୍ରାଟରେ ସର୍ବାଧିକ ପ୍ରଭାବିତ, କ୍ଷତିଗ୍ରସ୍ତ ମଧ୍ୟବିତ୍ତ ବର୍ଗର ସ୍ୱପ୍ନ, ବାସ୍ତବତା, ଯନ୍ତ୍ରଣା, ଅଧିକାର ଭଳି କେତେକ ଜଟିଳ ପ୍ରସଙ୍ଗ। ଏହା ଅନସ୍ୱୀକାର୍ଯ୍ୟ ଯେ ଭାରତର ବିମାନସେବା ଶିଳ୍ପର ଉତ୍ଥାନରେ ମଧ୍ୟବିତ୍ତର ରଜତ-ବିହଗ(ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରରେ ବିମାନର ଆଲଙ୍କାରିକ ଉପାଧି) ବିଚରଣ ସ୍ୱପ୍ନ ହିଁ ନିର୍ଣ୍ଣାୟକ ହୋଇଛି। ଅପରପକ୍ଷରେ ମଧ୍ୟବିତ୍ତର ଏହି ଆକାଂକ୍ଷା ପୂରଣ କରିବାକୁ ଯାଇ ରଜତ-ବିହଗମାନେ ମଧ୍ୟ ଅଜସ୍ର ଜଟିଳ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। 'ସବଳ ହିଁ ତିଷ୍ଠିବ' - ଡାରୱିନ୍‌ଙ୍କ ଏହି ବିବର୍ତ୍ତନ ତତ୍ତ୍ୱକୁ ବଜାର ଅର୍ଥନୀତିରେ ସଫଳ ପ୍ରୟୋଗ କରି 'ଇଣ୍ଡିଗୋ' ଭଳି କେତେକ ସଂସ୍ଥା ମଧ୍ୟାକାଶରେ ସଦର୍ପେ ପକ୍ଷବିସ୍ତାର କରି ଉଡ଼ି ଚାଲିଛନ୍ତି। ଆଉ କେତେକ ଏହି ଦୁର୍ବାର ଆହ୍ୱାନର ମୁକାବିଲା କରି ନ ପାରି ଧରାଶାୟୀ ହୋଇଛନ୍ତି। ତେଣୁ ମଧ୍ୟବିତ୍ତ ବର୍ଗକୁ ବାଦ୍ ଦେଇ ଭାରତୀୟ ବିମାନ ଶିଳ୍ପର ଅତୀତ, ବର୍ତ୍ତମାନ କିମ୍ବା ଭବିଷ୍ୟତର ଆଲୋଚନା ଅସମ୍ପୂର୍ଣ୍ଣ।

ବିଗତ ଶତାବ୍ଦୀର ନବେଦଶକ ପର୍ଯ୍ୟନ୍ତ ଭାରତରେ ବିମାନ ସେବା କେବଳ ସମ୍ଭ୍ରାନ୍ତ ଓ ଧନାଢ଼୍ୟ ବର୍ଗର କ୍ଷେତ୍ରାଧିକାର ବୋଲି ବଦ୍ଧମୂଳ ଧାରଣା ରହି ଆସିଥିଲା। ନବେ ଦଶକର ପ୍ରାରମ୍ଭରେ ଐତିହାସିକ ଆର୍ଥିକ ସଂସ୍କାର ସହିତ ଏହି ଧାରଣାରେ ଧୀରେଧୀରେ ପରିବର୍ତ୍ତନ ଘଟିଲା। ଜଗତୀକରଣ ବ୍ୟବସ୍ଥାରେ ବହୁଦେଶୀୟ କମ୍ପାନୀମାନେ ମୁଖ୍ୟତଃ ଭାରତର ମଧ୍ୟବିତ୍ତ ଗୋଷ୍ଠୀକୁ ନେଇ ସେମାନଙ୍କର ବଜାର ରଣନୀତି ପ୍ରସ୍ତୁତ କଲେ। ଟେଲିଭିଜନ୍, କମ୍ପ୍ୟୁଟର, ଟେଲିଫୋନ୍, ୱାସିଂମେସିନ୍, ରେଫ୍ରିଜିରେଟର ଆଦି ଦାମିକା ଓ ଆଧୁନିକ ଉପଭୋକ୍ତା ସାମଗ୍ରୀମାନ ଧନୀମାନଙ୍କର ବ୍ୟବହାରିକ ପରିସୀମାରୁ ମୁକ୍ତ ହୋଇ ମଧ୍ୟବିତ୍ତବର୍ଗ ହାତକୁ ଆସିଲା। ତଥାପି ମଧ୍ୟବିତ୍ତ ବର୍ଗ ପାଇଁ ଅପହଞ୍ଚ ରହିଯାଇଥିଲା ବିମାନ ଯାତ୍ରା ବା ରଜତ-ବିହଗରେ ବିଚରଣର ସ୍ୱପ୍ନ।

ମଧ୍ୟବିତ୍ତମାନଙ୍କର ଏହି ସ୍ୱପ୍ନ ସାକାର କରିବାର ମଙ୍ଗ ଧରିଲେ କ୍ୟାପ୍‌ଟେନ୍ ଜି ଆର ଗୋପୀଚାନ୍ଦ। ୨୦୦୪ରେ ବହୁଦେଶୀୟ କମ୍ପାନୀଙ୍କ ବଜାର କୌଶଳ ପ୍ରୟୋଗରେ 'ନୋ ଫ୍ରିଲ୍' ଟିକେଟ୍ ଜରିଆରେ ଭାରତୀୟ ବିମାନ ସେବାରେ ଗୋପୀଚାନ୍ଦ ଆଣିଲେ ବୈପ୍ଳବିକ ପରିବର୍ତ୍ତନ। ଯେତେବେଳେ ଭାରତର ପ୍ରମୁଖ ବିମାନ ସେବା ସଂସ୍ଥା ଯେଉଁ ପଥ ପାଇଁ ୯ ହଜାରରୁ ୧୦ ହଜାର ଟଙ୍କା ନେଉଥିଲେ ଗୋପୀଚାନ୍ଦଙ୍କ 'ଏୟାର ଡେକାନ୍' ସେହି ସମୟରେ ଓ ସେହିପଥରେ ପ୍ରାୟ ୨ ହଜାରରୁ ୩ ହଜାର ଟଙ୍କାରେ ବିମାନ ଯାତ୍ରା ଉପଲବ୍ଧ କରାଇପାରିଲା। ବିମାନରେ ଆରାମଦାୟକ ସେବା ଅପେକ୍ଷା ବିମାନ ଯାତ୍ରା ହିଁ ସର୍ବାଧିକ ଇପ୍‌ସିତ - ମଧ୍ୟବିତ୍ତଙ୍କର ଏହି ମାନସିକତାକୁ ସଠିକ ପଢ଼ିପାରିଥିବା ଗୋପୀଚାନ୍ଦ ଇଣ୍ଡିଆନ୍ ଏୟାର ଲାଇନ୍‌ସ ଓ ଏୟାର ଇଣ୍ଡିଆର ରାଜକୀୟ ଜୀବନଶୈଳୀର ପ୍ରତୀକ(ମାସ୍କଟ) 'ମହାରାଜା' ସାମ୍ନାରେ ଠିଆ କରାଇଲେ ବିଖ୍ୟାତ୍ କାର୍ଟୁନିଷ୍ଟ ଆର କେ ଲକ୍ଷ୍ମଣଙ୍କ 'ସାଧାରଣ ମଣିଷ' ବା 'କମନ୍‌ମ୍ୟାନ୍'। 'କମନ୍‌ମ୍ୟାନ୍'ର ଜୀବନତତ୍ତ୍ୱ ମାଧ୍ୟମରେ ସେ ଦେଖାଇଲେ ମଧ୍ୟବିତ୍ତର ସ୍ୱପ୍ନ ସାକାର ହେବାର ରାସ୍ତା ଏବଂ ସୃଷ୍ଟି କରେ ଯୁଗାନ୍ତକାରୀ ଉଦାହରଣ।

'ଏୟାର ଡେକାନ୍'ର ବ୍ୟବସାୟିକ କୌଶଳର ସଫଳତାରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ଦୁଇ/ତିନି ବର୍ଷ ମଧ୍ୟରେ ଭାରତୀୟ ବିମାନ ସେବା ଶିଳ୍ପରେ 'ମଧ୍ୟବିତ୍ତର-ବିମାନ' ପରିଚୟ ନେଇ ଆତ୍ମପ୍ରକାଶ କଲେ 'ସ୍ପାଇସ୍ ଜେଟ୍', 'ଏୟାର ସାହାରା', 'ଇଣ୍ଡିଗୋ', 'ପାରାମାଉଣ୍ଟ ଏୟାରୱେଜ୍', 'ଗୋଏୟାର', 'କିଙ୍ଗ୍‌ଫିସର୍' ପରି ପ୍ରାୟ ଡଜନେ ସରିକି କମ୍ପାନୀ। କ୍ରମଶଃ ବଜାର ଅଂଶ ଦଖଲ ପାଇଁ ସେମାନଙ୍କ ଭିତରେ ଆରମ୍ଭ ହେଲା ପ୍ରତିଯୋଗିତା। ଭାରତର ଯେକୌଣସି ସ୍ଥାନକୁ ବିମାନଯାତ୍ରା ମାତ୍ର ୨ ହଜାରରୁ ୫ହଜାର ଟଙ୍କା ମଧ୍ୟରେ ଉପଲବ୍ଧ ହୋଇପାରୁଥିବାରୁ ଯାତ୍ରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ସହିତ ବଢ଼ିଚାଲିଲା ବିମାନ ସେବା ସଂସ୍ଥାମାନଙ୍କର ଲାଭାଂଶ।

୨୦୦୮ ପରେ କିନ୍ତୁ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳିଗଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରୁ ବିମାନ ସେବା ସଂସ୍ଥାମାନଙ୍କର ପରିଚାଳନା ପୁଞ୍ଜିର ୫୦% କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହେଲା। ଏଥିସହିତ ବିମାନ ବନ୍ଦର ଭଡ଼ା ମଧ୍ୟ ବୃଦ୍ଧି ପାଇଲା। ବନ୍ଦର ଆଧୁନିକୀକରଣ ନାମରେ ଯାତ୍ରୀମାନଙ୍କଠାରୁ ୟୁଜର୍ସ ଫି ଆଦାୟ କରାଗଲା। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଏବଂ ସର୍ବୋପରି ବିମାନ କର୍ମଚାରୀ ଓ ପାଇଲଟ୍‌ମାନଙ୍କ ବେତନ ବୃଦ୍ଧି ପରିଚାଳନା ଖର୍ଚ୍ଚକୁ ଆହୁରି ଊର୍ଦ୍ଧ୍ୱମୁଖୀ କଲା। ପାଇଲଟ୍‌ମାନଙ୍କ ଦରମା ହାରାହାରି ପ୍ରାୟ ୧.୫୦ ଲକ୍ଷରୁ ୪.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଲା।

ଏକପକ୍ଷରେ ପରିଚାଳନା ଖର୍ଚ୍ଚ ବୃଦ୍ଧି, ଅପରପକ୍ଷରେ ଭଡ଼ା ଜନିତ ରାଜସ୍ୱ ହ୍ରାସ ଯୋଗୁଁ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ୨୦୦୭ ସୁଦ୍ଧା ସାମଗ୍ରିକ ଭାବେ ୪୬, ୫୧୫ କୋଟି ଟଙ୍କାର କ୍ଷତି ସହିଲେ। ୨୦୧୩ ମାର୍ଚ୍ଚ ଶେଷ ସୁଦ୍ଧା ସେମାନଙ୍କର ମୋଟ ଋଣ ପରିମାଣ ୯୮, ୭୦୦ କୋଟି ଟଙ୍କା ଟପିଲା। ପରିଣାମ ସ୍ୱରୂପ କେତେକ ବିମାନ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହେଲା କିମ୍ବା ଅନ୍ୟ କମ୍ପାନୀ ଦ୍ୱରା ଅଧିଗୃହୀତ ହେଲା। ଆଉ କେତେକ ଉଡ଼ାଣରେ କାଣ୍ଟଛାଣ୍ଟ କଲେ। ବଜାର ଅଂଶ ଦଖଲର ତୀବ୍ର ପ୍ରତିଯୋଗିତାରେ 'ଏୟାର ସାହାରା'କୁ ଅଧିଗ୍ରହଣ କରିଥିବା 'ଜେଟ୍ ଏୟାରୱେଜ୍', 'ଇଣ୍ଡିଆନ୍ ଏୟାରଲାଇନ୍ସ'କୁ ଅଧିଗ୍ରହଣ କରିଥିବା 'ଏୟାର ଇଣ୍ଡିଆ' ଓ 'ଏୟାର ଡେକାନ୍'କୁ ଅଧିଗ୍ରହଣ କରିଥିବା 'କିଙ୍ଗ୍‌ଫିସର୍' ପରି ବିମାନ କମ୍ପାନୀମାନଙ୍କର ଆର୍ଥିକ ସ୍ଥିତି ଅଧିକ ବିପନ୍ନ ହେବାରେ ଲାଗିଲା। ୨୦୧୨ ଡିସେମ୍ବର ସୁଦ୍ଧା ଭାରତୀୟ ଆକାଶରେ ବେସାମରିକ ବିମାନ ଚଳାଚଳ ବାର୍ଷିକ ୧୯% ହାରରେ ହ୍ରାସ ପାଇଲା। ୨୦୧୦ରେ 'ପାରାମାଉଣ୍ଟ ଏୟାର ୱେଜ୍' ଓ ୨୦୧୨ରେ 'କିଙ୍ଗ୍‌ଫିସର୍' ବନ୍ଦ ହେବା ସହିତ 'ନୋ ଫ୍ରିଲ୍' କୌଶଳର ପ୍ରୟୋଗ ବିଫଳ ସାବ୍ୟସ୍ତ ହେଲା। ୨୦୧୪ରେ ଟାଟା ସନ୍‌ସ ଓ 'ଏୟାର ଏସିଆ'ର ଯୌଥ ଉଦ୍ୟୋଗରେ 'ଏୟାର ଏସିଆ ଇଣ୍ଡିଆ' ନାମରେ ପୁଣି ଏକ 'ମଧ୍ୟବିତ୍ତର-ବିମାନ' ନିଜ ଭାଗ୍ୟ ପରୀକ୍ଷା କରି ବିଫଳ ହେଲା।

ଶେଷରେ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ସ୍ଥିତିର ପୁନରୁଦ୍ଧାର ପାଇଁ ବିମାନ ସଂସ୍ଥାମାନଙ୍କ ପାଖରେ ଟିକେଟ୍ ବା ଯାତ୍ରୀ ଭଡ଼ା ବୃଦ୍ଧି ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା। ଏୟାର ଇଣ୍ଡିଆ ପ୍ରଥମେ ଏହି ଦୁଃସାହସିକ ପଦକ୍ଷେପ ନେବା ପରେ ଅନ୍ୟ ସଂସ୍ଥାମାନେ ତା'କୁ ଅନୁସରଣ କଲେ। ଆର୍ଥିକ ସ୍ଥିତିରେ ସୁଧାର ଏବଂ ବଜାର ସ୍ଥିତି ବଜାୟ ରଖିବା ଆଳରେ ଭାରତର ବିମାନ ସେବା କ୍ଷେତ୍ରରେ ଟିକେଟ୍ ଦର ବୃଦ୍ଧିର ଆଉ ଏକ ପ୍ରତିଯୋଗିତା ଆରମ୍ଭ ହେଲା। ଏହାକୁ ପ୍ରତିଯୋଗିତା ନ କହି ବରଂ ବ୍ୟବସାୟିକ ଅଭିସନ୍ଧି (କାର୍ଟେଲାଇଜେସନ୍) କହିବା ଅଧିକ ଉଚିତ ହେବ। କାର୍ଟେଲାଇଜେସନ୍ ପ୍ରଭାବରେ ବିମାନ ଯାତ୍ରୀ ଭଡ଼ା ହାରାହାରି ୨୫୦% ରୁ ୩୦୦% ବୃଦ୍ଧି ପାଇବାରୁ ବିମାନ ଯାତ୍ରୀ ସଂଖ୍ୟା ତଦନୁପାତରେ ହ୍ରାସ ପାଇଲା। ଅଧିକାଂଶ ବିମାନରେ ସିଟ୍ ଫାଙ୍କା ପଡ଼ିଲା। ତେଣୁ ଉଭୟ ଯୋଜନାରେ ଭରତୀୟ ବିମାନ ସେବା ସଂସ୍ଥାମାନେ ବିଫଳ ହେଲେ।

କ୍ରମଶଃ ଭାରତୀୟ ବିମାନ ଶିଳ୍ପର ଆର୍ଥିକ ପରିସ୍ଥିତି ଆହୁରି ଉତ୍କଟ ହେଲା। ପ୍ରତିକାର ସ୍ୱରୂପ କେତେକ ବିମାନ 'ଏକ୍‌ଜିକ୍ୟୁଟିଭ୍' ସିଟ୍‌କୁ 'ଇକନୋମି' ସିଟ୍‌ରେ ପରିବର୍ତ୍ତନ କଲେ। ପ୍ରଥମେ 'ସ୍ପାଇସ୍ ଜେଟ୍' ଓ ଏହାର ଦେଖାଦେଖି ଅନ୍ୟ କେତେକ ବିମାନ କମ୍ପାନୀ ଋତୁକାଳୀନ ଶସ୍ତା ଟିକେଟ୍ ଯୋଜନା ଘୋଷଣା କଲେ। ମଧ୍ୟବିତ୍ତ ଯାତ୍ରୀମାନଙ୍କୁ ଆକୃଷ୍ଟ କରିବାରେ ଏହି ଯୋଜନା କେତେକାଂଶରେ ସଫଳ ହେଲେ ହେଁ ରାଜସ୍ୱ କ୍ଷତି ଭରଣାରେ ବିଫଳ ହେଲା। ତେଣୁ ବିମାନସଂସ୍ଥାମାନେ ପ୍ରିମିୟମ୍ ଚାର୍ଜ ଭଳି ଆଉ ଏକ ବିକଳ୍ପ ଉପରେ ଗୁରୁତ୍ୱ ଦେଲେ। 'ଏୟାର ଇଣ୍ଡିଆ' ଫ୍ରି ଲଗେଜ୍ ନିୟମକୁ କଠୋର କଲା ଏବଂ 'ଇଣ୍ଡିଗୋ' ନିର୍ଦ୍ଦିଷ୍ଟ ସିଟ୍ ପାଇଁ ପ୍ରିମିୟମ୍ ଘୋଷଣା କଲା। ଏହାସହିତ ଖାଦ୍ୟପେୟ, ମନୋରଞ୍ଜନ ଓ ଅନ୍ୟାନ୍ୟ କେତେକ ସାମଗ୍ରୀରେ ଅଧିକ ଦେୟଆଦାୟ କରିବା ପାଇଁ ଡିଜିସିଏ ବିମାନ କମ୍ପାନୀମାନଙ୍କୁ ଅନୁମତି ଦେଲା। ଏହିକ୍ରମରେ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ଧୀରେ ଧୀରେ ଅଣ୍ଟା ସଳଖିବା ଆରମ୍ଭ କରୁଥିବା ବେଳେ ସରକାରଙ୍କ 'ଉଡ଼ାନ(ଉଡ଼େ ଦେଶ୍‌କେ ଆମ୍ ନାଗରିକ)' ଯୋଜନା ଭିଟାମିନ୍ ପରି କାର୍ଯ୍ୟକଲା। ଇଣ୍ଡିଗୋ, 'ଏୟାର ଇଣ୍ଡିଆ ଏକ୍ସପ୍ରେସ୍', 'ଆକାଶ ଏୟାର', 'ସ୍ପାଇସ୍ ଜେଟ୍' ସମେତ ଆହୁରି ୭ଟି ଆଞ୍ଚଳିକ ବିମାନ ସେବା ସଂସ୍ଥା ଜରିଆରେ ମଧ୍ୟବିତ୍ତର ରଜତ-ବିହଗ ବିଚରଣ ସ୍ୱପ୍ନ ପୁଣି ଥରେ ରଙ୍ଗୀନ ହେଲା।

ଏକଚାଟିଆ ଓ ଆଧିପତ୍ୟର ପ୍ରତିଯୋଗିତାରେ 'ଇଣ୍ଡିଗୋ'ର ପକ୍ଷଭଙ୍ଗ ସହିତ ମଧ୍ୟବିତ୍ତର ରଜତ-ବିହଗ ପୁଣି ଥରେ ଦିଗହରା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅର୍ଥନୀତିକୁ ସଙ୍କଟମୁକ୍ତ ରଖିବାକୁ ହେଲେ ରଜତ-ବିହଗମାନଙ୍କୁ 'ଇଣ୍ଡିଗୋ'ରୁ ସୃଷ୍ଟ ବ୍ୟାଧି ସଂକ୍ରମଣରୁ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ। ଏ କାର୍ଯ୍ୟଟି କାହାର ତାହା ଉଲ୍ଲେଖ ଅନାବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ହାୟରେ ପୁରସ୍କାର!

**ଧ୍ରୁବ ଚରଣ ଘିବେଲା**

ଏବେ କିଛି ଲେଖକଙ୍କ ପାଖରେ ଯେତୋଟି ପ୍ରକାଶିତ ଲେଖା ନାହିଁ, ତା'ଠୁ ଅଧିକ ପୁରସ୍କାର ରହିଲାଣି ସେମାନଙ୍କ ହାତରେ। ଏହି କରିତକର୍ମା ଲେଖକମାନେ ନାଁକରା ହୋଇସାରିଲେଣି କେବଳ ପୁରସ୍କାର ପାଇଁ। ସାହିତ୍ୟ କିନ୍ତୁ ତାଙ୍କର ନିଶା କିମ୍ବା ପେସା ନଥାଏ। କେବଳ ବାରମାସୀ ସାହିତ୍ୟ ପୁରସ୍କାର ହାତେଇବାରେ ସେମାନେ ଥା'ନ୍ତି ମସଗୁଲ୍। କେଉଁ ଦିନ କେବେ କେଉଁଠୁ ପୁରସ୍କାର ହାତେଇବେ ସେ ନେଇ ତିଆରି କରିଥା'ନ୍ତି ମାଷ୍ଟର ପ୍ଲାନ୍। ଏହି ପୁରସ୍କାରକାଙ୍ଗାଳଙ୍କ ପାଇଁ ପୁରସ୍କାରର ଚମକ ମହକ ଆଜି ଆଉ ଆଗ ଭଳି ରହିପାରୁ ନାହିଁ। ତେଣୁ ପୁରସ୍କାରକୁ ନେଇ ଆଜି ସବୁଠି ଚର୍ଚ୍ଚା ଚାଲିଛି।

କେତେକ ଲେଖକ ଆପଣଉଛନ୍ତି 'ଦିଆ-ନିଆ ଧାରା'। ଅର୍ଥାତ୍ 'ତୁମ୍ଭେ ଦେଲେ ଆମ୍ଭେ ଦେବୁ'। ସଫଳ ବି ହେଉଛନ୍ତି। ସେହି ସଫଳ ଉପଯୋଗିତା, ସେଇ ନିୟମ ଓ ସେଇ ଧାରା ପରେ ଏବେ ଆଉ ଆଉ ଗୋଟେ ଧାରା ଆରମ୍ଭ ହୋଇଛି - ଯାହାର ନାମ 'ବିକା-କିଣା ଧାରା।' ଯେଉଁ ସାହିତ୍ୟସଂସ୍ଥା ପୁରସ୍କାର ବିପଣି ଖୋଲିଥା'ନ୍ତି ସେମାନେ ପୁରସ୍କାରର ନିର୍ଦ୍ଧାରିତ ଦର ଅନୁସାରେ ବିକନ୍ତି। ପୁରସ୍କାର କିଣିବା ପାଇଁ ଲାଳାୟିତ ଦୁର୍ବଳ ଲେଖକ ପୁରସ୍କାର କିଣନ୍ତି ମୂଲଚାଲ କରି। ଉଡ଼ାଜାହାଜ ଉଡ଼ାଣ ଦର ଘଡ଼ିଘଡ଼ିକେ ବଦଳୁଥିବା ଭଳି ପୁରସ୍କାର ଦର କମ ବେଶି ହୋଇଥାଏ।



ପୁରସ୍କାର ଭଳି ଉପାଧି ବିକ୍ରି ହେବା କଥା ମଧ୍ୟ ଶୁଣାଗଲାଣି। ତା'ର ବି ସେମିତି ଦର ଥାଏ। ପୁରସ୍କାର / ଉପାଧି ବିପଣିରେ ମୂଲଚାଲ ବି କୁଆଡ଼େ ଚାଲେ। ଜଣକୁ ଦର ଅଧିକ ମନେ ହେଲେ ସେ କେମିତି କିଣିବେ! ଦର ନେଇ କ୍ରେତା-ବିକ୍ରେତା ଉଭୟ ପକ୍ଷ ରାଜି ହେଲେ ଯାଇ ପୁରସ୍କାର କିଣାବିକା ସମ୍ଭବ ହୁଏ। ପୁରସ୍କାର ମିଳୁ କି କିଣା ଯାଉ ପୁରସ୍କାର ପ୍ରହସନ ଥମୁ ନାହିଁ। କ୍ୱଚିତ କେଉଁ ଅନୁଷ୍ଠାନ ସ୍ୱଚ୍ଛ ପୁରସ୍କାର କେଉଁଠି ଦେଉ ଥାଇପାରନ୍ତି ଆଜିର ଦିନରେ।

ସାଧାରଣତଃ ପୁରସ୍କାର ପାଇବା ପାଇଁ ପୁରସ୍କାର ଆଣିବାକୁ ଯିବାକୁ ପଡ଼ିଥାଏ। ଏବେ ତହିଁରେ ବି ପରିବର୍ତ୍ତନର ଗନ୍ଧ ଜଣାପଡ଼ିଲାଣି। କେଉଁଠି କେଉଁଠି ବାରି ହେଲାଣି। ଯେଉଁଠି ବିବାହ ପାଇଁ ପୁଅ ବାହା ହୋଇ ଆସେନି ଝିଅ ଘରକୁ, ସେଇଠି ଝିଅ ଯାଏ ପୁଅ ଘର ପାଖକୁ। ସେଠି ହୁଏ ବିବାହ। ସେଇ ରୀତିରେ ପୁରସ୍କାର ଦେଉଥିବା ସଂସ୍ଥା ଆସିଲେଣି ପୁରସ୍କାର ପାଉଥିବା ପୁରସ୍କାରମନସ୍କ ଲେଖକର ସଂସ୍ଥା ପାଖକୁ। ପୁରସ୍କାରମନସ୍କ ସେଇ ଲେଖକର ନିଜ ସଂସ୍ଥାର ବାର୍ଷିକ ଉତ୍ସବରେ ନିଜେ ଭିଡ଼ିଥିବା ମଞ୍ଚରେ ପୁରସ୍କାର ଛିଡେ(ପାଏ) ପୁରସ୍କାର ଦେବାକୁ ଆସିଥିବା ସଂସ୍ଥା ନିକଟରୁ। ଏମିତି ହେଲାଣି ଆଜି ପୁରସ୍କାର ପାଇବାର (ହାତେଇବାର) ଗତି ଓ ରୀତି। ପୁରସ୍କାର ନେବାରେ ଆଉ ଲାଜସରମ ବି ରହୁ ନାହିଁ।

ବାର୍ଷିକ ଉତ୍ସବ ଆଗରୁ କିଏ କିଏ ସମ୍ବର୍ଦ୍ଧିତ ହେବେ ତାହା ବି ଘୋଷଣା ହୁଏ ନାହିଁ। ଆଜି କିଛି ସାହିତ୍ୟ ସଂସ୍ଥା ନିଜ ମଞ୍ଚରୁ ନିଜେ ଯେତେବେଳେ ପୁରସ୍କାର ନେବେ, କେମିତି ଆଗରୁ ଘୋଷଣା କରନ୍ତେ ଯେ ଇଏ ସିଏ ପୁରସ୍କାର ପାଇବେ? ଆଗରୁ ଘୋଷଣା କଲେ ଅଧିକ ଲଜ୍ଜିତ ହୋଇପାରନ୍ତି। ଧନ୍ୟ କହିବା ନିଶ୍ଚୟ ସେଇ ପୁରସ୍କାର କାଙ୍ଗାଳଙ୍କୁ, ତାଙ୍କର ମାନସିକତାକୁ। ଖାଲି ସେତିକି ନୁହେଁ, ଏମିତି ବ୍ୟକ୍ତିଙ୍କୁ ଅତିଥି କରନ୍ତି, ଯିଏ ରାଜ୍ୟସ୍ତରୀୟ କେଉଁ କମିଟିରେ ଜୁରି ସଦସ୍ୟ ହେଲେ ସେଇ ପୁରସ୍କାର କାଙ୍ଗାଳର ନାଁ ସୁପାରିସ କରିବେ ଆଉ କେଉଁ ପୁରସ୍କାର ହାତେଇବା ପାଇଁ ଆଗାମୀ ଦିନରେ ଯାହା ଯାହାଠୁ ଉପକୃତ ହୋଇପାରିବେ, ସେଇ ସେଇ ମୂର୍ଦ୍ଧନ୍ୟଙ୍କୁ ଅତିଥି ଆସନରେ ବସାଇଥା'ନ୍ତି। ଆଗକୁ ଆଉ କେଉଁ ପୁରସ୍କାର ଉପରେ ଆଖି ରଖାଯାଇ ଅତିଥି ଆଣନ୍ତି। ପରବର୍ତ୍ତୀ କାଳରେ କେବେ ବି ସେଇ ଅତିଥିଙ୍କ ଦ୍ୱାରା ଉପକୃତ ହେବାର ଆଶା ରଖନ୍ତି।

ମୋଟାମୋଟି ଭାବେ ଏମାନେ ସାରା ରାଜ୍ୟରେ ପୁରସ୍କାର ଲୁଟିବାର ଏକ ରାକେଟ ତିଆରି କରିଥିବାର ଅନୁମାନ କରାଯାଏ। ଏମାନେ ସାହିତ୍ୟ ସେବାରେ ନିଜକୁ ନିୟୋଜିତ ରଖନ୍ତି କମ, ଅନୁଷ୍ଠାନ ନାମକୁ ମାତ୍ର ଗଢ଼ି ନିଜେ ପ୍ରତିଷ୍ଠାତା ବୋଲାଇ ଅନୁଷ୍ଠାନକୁ ଢାଲ କରି ନିଜ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ କେବଳ ଚେଷ୍ଟିତ ଥା'ନ୍ତି। ଆଉ ପୁରସ୍କାର ଲୁଟେରା ସାଜି ନିଜ ପରିଚୟ ବଳୟ ତିଆରିବା କାମ ଅଧିକ କରନ୍ତି। ସେଭଳିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ଆକାଂକ୍ଷାକୁ ତାଙ୍କ ପଛଲିଆ ଦଳ ବୁଝିପାରନ୍ତି କି ନାହିଁ - ଏ କଥା ଯେ ଭାବିବ ସେ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ତଥାପି ଧନ୍ୟ କହିବା ସେଇ ପୁରସ୍କାର କାଙ୍ଗାଳ ପୁରସ୍କାର ହଡ଼ପକାରୀଙ୍କୁ।

ବଉଦରାଜ(ବୌଦ୍ଧ), ମୋ: ୯୪୩୭୪୭୮୪୬୬

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପାନ
(Betel-Piper betel)

**ସୌଭାଗ୍ୟସୁନ୍ଦର**

'ପାନ' ଦକ୍ଷିଣ-ପୂର୍ବ ଏସିଆ, ବିଶେଷକରି ଭାରତ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଆଦି ଦେଶମାନଙ୍କର ମୂଳ ଜାତ। ଉପନିବେଶ ଯୁଗରେ ଭାରତୀୟ ପ୍ରବାସୀମାନଙ୍କ ଦ୍ୱାରା ଏହା କାରିବିଆନ ଅଞ୍ଚଳକୁ ଯାଇଥିଲା। ବର୍ତ୍ତମାନ ଏହା ବିଶ୍ୱର ଅନେକ ଦେଶରେ ବହୁଳ ଉପଲବ୍ଧ। ପାନର ଅନେକ ଶ୍ରୁତିମଧୁର ନାମଗୁଡ଼ିକ ମଧ୍ୟରେ ତାମ୍ବୁଳ, ପୂର୍ଣ୍ଣତାମ୍ବୁଳ, ଭୂଜ୍ୟଲତା, ସପ୍ତଲତା, ନାଗବଲ୍ଲୀ ଅନ୍ୟତମ। ଭାରତ ଓ ଶ୍ରୀଲଙ୍କାରେ ପାରମ୍ପରିକ ଭାବରେ ସମ୍ମାନ ଓ ଶୁଭାରମ୍ଭର ଚିହ୍ନ ଭାବରେ ପାନ ପତ୍ରର ଏକ ବିଡ଼ା ପ୍ରଦାନ କରାଯାଏ। ଅଧିକାଂଶ ପୂଜା ଏବଂ ଶୁଭ ଅବସରରେ ଏବଂ ବିବାହ ପାଣି ଗ୍ରହଣ ଉତ୍ସବରେ ପାନ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ।

'ପାନ' ଏକ ଚିରହରିତ, ବହୁବର୍ଷୀୟ ଲତା, ଯାହାର କାଣ୍ଡ ସାମାନ୍ୟ କାଠିଆ ଏବଂ ପତ୍ର ଚକଚକିଆ ହୃଦୟ ଆକୃତିର। ଏହା ଗୋଟିଏ ବର୍ଷ ମଧ୍ୟରେ ୨-୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡର ଗଣ୍ଠିଗୁଡ଼ିକ ଫୁଲିଥାଏ ଏବଂ ସେଥିରୁ ଛୋଟ ଛୋଟ ଚେର ଉତ୍ପନ୍ନ ହୁଏ ଯାହା ଏହାକୁ ଆଶ୍ରୟ ଦେଉଥିବା ଗଛରେ ଆରୋହ କରିବାରେ ସାହାଯ୍ୟ କରେ। ପ୍ରତ୍ୟେକ ଗ୍ରନ୍ଥ ବା ଗଣ୍ଠିରେ ଗୋଟିଏ ଲେଖାଏଁ ପତ୍ର ଥାଏ। ପୁଷ୍ପୋଦଗମ ପତ୍ର କକ୍ଷରେ କାଣ୍ଡର ଗଣ୍ଠିରେ ବିକଶିତ ହୁଏ। ଫୁଲଗୁଡ଼ିକ ବହୁତ ଛୋଟ; ପୁଂକେଶ ୨ ଟି; ଗର୍ଭକେଶ ୪- ବା ୫ ଟି। ଫଳଗୁଡ଼ିକ ଯୌଗିକ ମାଂସଳ, ଲାଲ ବର୍ଣ୍ଣ। ବିହନଗୁଡ଼ିକ ମସୃଣ, ଆୟତାକାରରୁ ଲମ୍ବାଳିଆ। ଫୁଲ ଫୁଟିବାର ଋତୁ ହେଉଛି ମେ-ଜୁଲାଇ।

'ପାନ'ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ କବକ ବୃଦ୍ଧି, କର୍କଟ, ପାକସ୍ଥଳୀ ପ୍ରଦାହ, କୋଷ୍ଠକାଠିନ୍ୟ, ଆଲର୍ଜିକ୍ ପ୍ରତିକ୍ରିୟା, କ୍ଷତ, ରକ୍ତ ଶର୍କରା ନିୟନ୍ତ୍ରଣ, ବିଷମୁକ୍ତି ଆଦ ଉପଚାର ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଥିରେ ଥିବା ଆଲକାଲଏଡ୍, ଚାଭିବେଟୋଲ୍, ସାଫ୍ରୋଲ୍, ୟୁଜେନୋଲ୍, ଆଇସୋୟୁଜେନୋଲ୍, ଜର୍ମାକ୍ରେନ୍ ଡି, ହାଇଡ୍ରୋକ୍ସିଚାଭିକୋଲ୍, କାରିଓଫାଇଲିନ୍, ଫାଇଟୋଷ୍ଟେରୋଲ୍ (ବିଟା-ସିଟୋଷ୍ଟେରୋଲ୍, ବିଟା-ଡାଉକୋଷ୍ଟେରୋଲ୍, ଷ୍ଟିଗମାଷ୍ଟେରୋଲ୍ ଇତ୍ୟାଦି), ଆଲକାଲଏଡ୍ (ପାଇପେରିନ୍, ପେଲିଟୋରିନ୍, ପାଇପର୍ଡାର୍ଡିନ୍, ଗୁଇନିନ୍ସାଇନ୍ ଇତ୍ୟାଦି), ଲିଗନାନ୍ (ପିନୋରେସିନୋଲ୍), ଆରିଷ୍ଟୋଲୋଲାକ୍ଟାମ୍ ଏ-୨, ଏକ ଫିନାଇଲ୍ପ୍ରୋପେନ୍, ୪-ଆଲିଲ୍ ରିସୋର୍ସିନଲ୍ ଓ ଏକ ଡାଇକେଟୋଷ୍ଟେରୋଏଡ୍ ଷ୍ଟିଗମାଷ୍ଟ-୪-ଏନ-୩, ୬-ଡାୟୋନ୍ ଆଦି ଜୈବ ରସାୟନ ଭରପୂର ରହିଛି। ଏହାର ଅତ୍ୟାବଶ୍ୟକ ତେଲରେ ପ୍ରାୟ ୫୦ଟି ବିଭିନ୍ନ ଯୌଗିକ ଉପାଦାନ ଥାଏ, ଯାହା ମଧ୍ୟରୁ ମୁଖ୍ୟ ଉପାଦାନଗୁଡ଼ିକ ହେଉଛି ୟୁଜେନୋଲ୍, କାରିଓଫାଇଲିନ୍, ଟେର୍ପିନୋଲେନ୍, ଟେର୍ପିନେନ୍, କାଡିନେନ୍ ଏବଂ ୩-କାରେନ।

ପାନ ଲତା ମୁଖ୍ୟତଃ ମୌସୁମୀ ଋତୁର ଆରମ୍ଭରେ ଲଗାଯାଏ। ଏହାର କାଣ୍ଡ ଦୁର୍ବଳ ହୋଇଥିବାରୁ ଆଶ୍ରୟ ପାଇଁ ଏକ ସୁସଙ୍ଗତ ଗଛ କିମ୍ବା ଏକ ଲମ୍ବା ଖୁଣ୍ଟ ଆବଶ୍ୟକ ହୁଏ। ମାଟିକୁ ଖୋଳରେ ହଳ କରାଯାଏ। ତେଲ ପିଠା, ଖତ, କାଠ କୋଇଲା ପାଉଁଶ, ଗୋବର ଏବଂ ଶୁଖିଲା ପତ୍ରଗୁଡ଼ିକୁ ଖୋଳର ଉପର ମାଟି ସହିତ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦିଆଯାଏ। ଏହି ଫସଲର ସଫଳ ଚାଷ ପାଇଁ ଉପଯୁକ୍ତ ଛାଇ ଏବଂ ନିୟମିତ ଜଳସେଚନ ଜରୁରୀ। ପାନକୁ ନିରନ୍ତର ଆର୍ଦ୍ର ମାଟି ଆବଶ୍ୟକ, କିନ୍ତୁ ଅତ୍ୟଧିକ ଆର୍ଦ୍ରତା ରହିବା ଉଚିତ୍ ନୁହେଁ। ଜଳବନ୍ଦୀ, ଲୁଣିଆ ଏବଂ କ୍ଷାରୀୟ ମାଟି ଏହାର ଚାଷ ପାଇଁ ଅନୁପଯୁକ୍ତ। ତିନିରୁ ଛଅ ମାସ ମଧ୍ୟରେ, ଲତାଗୁଡ଼ିକ ୧୫୦ ରୁ ୧୮୦ ସେମି ଉଚ୍ଚତାରେ ପହଞ୍ଚିଥାଏ ଏବଂ ସେମାନେ ଶାଖା ସୃଷ୍ଟି କରନ୍ତି। ଅମଳ ୧୫ ଦିନରୁ ଗୋଟିଏ ମାସ ପର୍ଯ୍ୟନ୍ତ ରହିଥାଏ। ଅମଳ ହୋଇଥିବା ପତ୍ରଗୁଡ଼ିକୁ ସ୍ଥାନୀୟ ଭାବରେ ବ୍ୟବହାର କରାଯାଏ ଏବଂ ଏସିଆ, ମଧ୍ୟପ୍ରାଚ୍ୟ, ୟୁରୋପ, ଆମେରିକାର ଅନ୍ୟାନ୍ୟ ଅଞ୍ଚଳକୁ ରପ୍ତାନି ପାଇଁ ବିଡ଼ା ବାନ୍ଧି ପ୍ରସ୍ତୁତ ରଖାଯାଏ। ସହସ୍ରାଧିକ ପ୍ରକାରର ପାନ ଅଛି। ସେଥିମଧ୍ୟରୁ ବନାରସି ପାନ, ଦେଶୀ ପାନ, ମିଠା ପତ୍ର ପାନ, ମଘୀପାନ, ଚନ୍ଦ୍ରକଣା ପାନ, ବଙ୍ଗାଳି ପାନ ପ୍ରମୁଖ। ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଛାଚି ପାନ ବା ସାରୁଆ ପାନ ଚାଷ ହେଉଥିବା ବେଳେ ଅବଶିଷ୍ଟ ଅଞ୍ଚଳରେ ତିନି ପ୍ରକାର ମେଳକ ପାନ ଯଥା ନାଉଆ, ଆଳୁ ପତ୍ରିକା ଓ ରାଶି ମେଳକ ପାନ ଚାଷ ହୁଏ। ପାନ ଲତା ଚାଷ ଶିଳ୍ପ ପ୍ରାୟ ୪/୫ଲକ୍ଷ କୃଷି ପରିବାରକୁ ରୋଜଗାର ପ୍ରଦାନ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସଚେତନତା ଅଭାବରୁ ଦିଗହରା ପିଏମ୍ ବିଶ୍ୱକର୍ମା ଯୋଜନା

## ଜିଲ୍ଲାର ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଛନ୍ତି ହାତଗଣତି କାରିଗର

ବ୍ରହ୍ମପୁର,୧୪।୧୨(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା ଗଞ୍ଜାମ ଜିଲ୍ଲାରେ ଦିଗହରା ହେବାକୁ ବସିଛି। ତୃଣମୂଳସ୍ତରରେ ସଚେତନତା ଅଭାବରୁ ଏହି ଯୋଜନା କାରିଗରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ କାରିଗରଙ୍କୁ ଦକ୍ଷତା ପ୍ରଶିକ୍ଷଣ, ଦକ୍ଷତା ରୁପାନ୍ତରୀକରଣ ଓ ପ୍ରସ୍ତୁତ କରୁଥିବା ଉତ୍ପାଦର ବିକ୍ରିବଟା ପାଇଁ ବଜାର ସୃଷ୍ଟି କରିବା ଭଳି ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରୁନାହିଁ। କୁଶଳୀ କାରିଗରଙ୍କ ଦକ୍ଷତା ବିକାଶ ସହ କୌଳିକ ବୃତ୍ତିକୁ ଏକ ନୂତନ ପରିଚୟ ପ୍ରଦାନ ନିମନ୍ତେ ୨୦୨୩ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍-ବିଶ୍ୱକର୍ମା ଯୋଜନା ଲୋକାର୍ପିତ କରିଥିଲେ। ଏହି ଯୋଜନାରେ ୧୮ ପ୍ରକାର କୌଳିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ କୌଳିକ ବୃତ୍ତି ଉପରେ ନିର୍ଭର କରୁଥିବା କାରିଗରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଏ। ଏହାସହ ତାଲିମ କେନ୍ଦ୍ରରେ ମାର୍କେଟିଂ ଓ ଆନୁଷଙ୍ଗିକ ଭିତ୍ତିଭୂମି ପ୍ରଦାନ ସହ ମାନପତ୍ର ଏବଂ ଆର୍ଥିକ ସହାୟତା ଠାରୁ ଆରମ୍ଭ କରି ସରକାରୀସ୍ତରରେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀ ସ୍ତରରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏକ୍ଷେତ୍ରରେ ସଚେତନତାର ଅଭାବ ଥିବା ଅଭିଯୋଗ ହୋଇଛି।

ବ୍ରହ୍ମପୁର ସ୍ଥିତ ସିଟିସିସି ସମ୍ପ୍ରସାରଣ କେନ୍ଦ୍ରରେ କାରିଗରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଗତ ୩ମାସ ଧରି ପଥର ଶିଳ୍ପୀ, କୁମ୍ଭାର ଓ ବେତ କାରିଗରଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଦିଆଯାଉଛି। ୩ଟି ବ୍ୟାଚରେ ୭୮ଜଣ ପ୍ରଶିକ୍ଷଣ ନେଇଛନ୍ତି। ଗୋଟିଏ ବ୍ୟାଚରେ ସର୍ବାଧିକ ୪୦ଜଣ କାରିଗରକୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ଥିବାବେଳେ ମାତ୍ର ୧୨ରୁ ୧୫ଜଣ ହିଁ ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳିଛି। ଜଣେ ଆବେଦନକାରୀଙ୍କ ଆବେଦନର ଯାଞ୍ଚ ପଞ୍ଚାୟତରୁ ଆରମ୍ଭ କରି ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଓ ରାଜ୍ୟସ୍ତରୀୟ ଜିଲ୍ଲା ଫେଲିସିଟେସନ ଅଫିସରଙ୍କ ଅନୁମୋଦନ ସହ ତିନୋଟି ପର୍ଯ୍ୟାୟରେ ଆବେଦନକାରୀଙ୍କ ନିରୀକ୍ଷା କରାଯାଇଥାଏ। ଏହାପରେ ଆବେଦନକାରୀ ତଥା କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ସାପ୍ତାହିକ ପ୍ରଶିକ୍ଷଣ ଶିବିରରେ ପ୍ରଥମ ଦିନକୁ ଜିରୋ ଦିବସ ଏବଂ ଶେଷ ଦିନକୁ ଆସେସ୍‌ମେଣ୍ଟ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରଶିକ୍ଷଣ ନେଉଥିବା ଜଣେ କାରିଗର ପିଛା ୬ହଜାର ୨୫୦ଟଙ୍କାର ଆର୍ଥିକ ସହାୟତା ସହିତ ଅତ୍ୟାଧୁନିକ ଟୁଲ କିଟ୍ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ତାଲିମ ଗ୍ରହଣ ପରେ




କାରିଗର ନିକଟକୁ ଡ଼ାକବିଭାଗ ଜରିଆରେ ଟୁଲ୍ କିଟ୍ ଯୋଗାଇ ଦିଆଯାଇଥାଏ। ଏହା ବ୍ୟତିତ ତାଲିମପ୍ରାପ୍ତ କାରିଗରଙ୍କୁ ଋଣ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏହି ଯୋଜନାରେ ପ୍ରଶିକ୍ଷଣ ନେବା ପାଇଁ ଗଞ୍ଜାମ ଜିଲ୍ଲାରେ ମୋଟ ୭୨ହଜାର ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୧୬ହଜାର ୪୬୬ଜଣ କାରିଗରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନାରେ ସାମିଲ କରାଯାଇଛି। ଅନ୍ୟମାନଙ୍କୁ ବିଭିନ୍ନ କାରଣ ଦର୍ଶାଇ ବାଦ୍ ଦିଆଯାଇଛି। ସେହିଭଳି ତାଲିମପ୍ରାପ୍ତ କାରିଗରଙ୍କ ମଧ୍ୟରୁ କେବଳ ୨୦୮୫ଜଣଙ୍କୁ ଋଣ ମିଳିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ କିଛି ଘରୋଇ ସଂସ୍ଥାର ସହଭାଗିତାରେ ଜିଲ୍ଲାର ୨୩ଟି ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଥିଲା ଯାହା ବର୍ତ୍ତମାନ କେବଳ ବ୍ରହ୍ମପୁରର ଗୋଟିଏ କେନ୍ଦ୍ରରେ ହେଉଛି। କେନ୍ଦ୍ରରେ ରହିବା ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ବେଳେ ଦୂରଦୂରାନ୍ତରୁ ଆବେଦନକାରୀ ଏଠାକୁ ଆସି ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରୁନଥିବା ଦେଖିବାକୁ ମିଳୁଛି। ଏଭଳି ଭାବେ ସଚେତନତା ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମିର ଅଭାବ କାରଣରୁ ଜିଲ୍ଲାରେ ଥିବା ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ମଧ୍ୟ ପ୍ରତି ବ୍ୟାଚରେ ହାତଗଣତି କାରିଗର ପ୍ରଶିକ୍ଷଣ ନେଉଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ଏହି ଯୋଜନାର ପ୍ରଚାର ପ୍ରସାର କରିବା ସହ ତୃଣମୂଳ ସ୍ତରରେ କାରିଗରଙ୍କ ନିକଟରେ ଯୋଜନାର ଲାଭ ସମ୍ପର୍କରେ ଅବଗତ କରିବା ଜରୁରୀ ହୋଇପଡ଼ିଛି।

## ଦିଲ୍ଲୀ ପୁଲିସ ଦ୍ୱାରା ଭଦ୍ରକରୁ ୨ ଯୁବକ ଗିରଫ ଘଟଣା

# ବିସ୍ଫୋରଣରେ ହାତ ନାହିଁ; ମିଳିଛି ଅନ୍‌ଲାଇନ୍ ଠକେଇ ଲିଙ୍କ୍

ଭଦ୍ରକ,୧୪।୧୨(ସମିସ): ଦିଲ୍ଲୀ ପୁଲିସ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ୨ ଯୁବକଙ୍କୁ ଗିରଫ ଘଟଣାରେ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ଏହି ୨ଯୁବକଙ୍କର ଦିଲ୍ଲୀ କାର୍ ବିସ୍ଫୋରଣ ମାମଲା ସହ କୌଣସି ସମ୍ପର୍କ ନାହିଁ। ତେବେ ଏମାନେ ଅନ୍‌ଲାଇନ୍ ଠକେଇ ମାମଲାରେ ଗିରଫ ହୋଇଛନ୍ତି। ଡିଜିଟାଲ ଆରେଷ୍ଟ ମାମଲାରେ ବ୍ୟବହାର ମୋବାଇଲ୍ ନମ୍ବର୍ ଏମାନଙ୍କ ନିକଟରେ ଥିଲା। ଦିଲ୍ଲୀ ପୁଲିସ ଭଦ୍ରକ ପୁଲିସକୁ ସ୍ପଷ୍ଟ ତଥ୍ୟ ଦେଇଥିବା କହିଛନ୍ତି ଏସ୍‌ପି ଶ୍ରୀ ରାଉତ।

ସୂଚନାଯୋଗ୍ୟ, ବେଆଇନ ସିମ୍ ଏବଂ ନକଲି ଫୋନ୍ ବିକ୍ରି ଅଭିଯୋଗରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ବଜାରରେ ଥିବା ମୋବାଇଲ୍ ଦୋକାନୀ ସନ୍ତୋଷ ଖଣ୍ଡାଇକୁ ଦିଲ୍ଲୀ ପୁଲିସ୍ ଗିରଫ କରିଥିଲା। ସେହିଭଳି ବନ୍ତ ଅଞ୍ଚଳର ମହେଶ୍ୱର ଖୁଣ୍ଟିଆଙ୍କୁ ବି ଉଠାଇନେଇଥିଲା ଦିଲ୍ଲୀ ପୁଲିସ। ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ନକଲି ମୋବାଇଲ ଓ ସିମ୍ ବିକ୍ରି କରୁଥିବା ଜଣା ପଡ଼ିଥିଲା। ପରେ ଅଭିଯୁକ୍ତ ସନ୍ତୋଷ ଓ ମହେଶ୍ୱରଙ୍କୁ ଭଦ୍ରକ କୋର୍ଟରେ ଟ୍ରାନଜିଟ୍ ରିମାଣ୍ଡରେ ଦିଲ୍ଲୀ ନିଆଯାଇଥିବା ଜଣାପଡ଼ିଛି। ଦୁହେଁ ମିଶି ନୂଆ ସିମ୍ କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କର ଆଧାର କାର୍ଡ ଉପଯୋଗ କରି ଅଜଣାତରେ ଏକକାଳୀନ ବହୁ ସିମ୍‌କୁ ଆକ୍ଟିଭ କରୁଥିବା ସୂଚନା ମିଳିଛି। ଗ୍ରାହକଙ୍କୁ ଗୋଟିଏ ସିମ୍ କାର୍ଡ ଦେଇ ଅନ୍ୟଗୁଡ଼ିକ ଆକ୍ଟିଭ କରି ଚଢ଼ା ଦରରେ ଠକଙ୍କୁ ବିକ୍ରି କରୁଥିଲେ। ଏହି ସିମକାର୍ଡଗୁଡ଼ିକ ଅପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ଏ ନେଇ ରୁଜୁ ହୋଇଥିବା ମାମଲାରେ ଅଭିଯୁକ୍ତଙ୍କ ଠାରୁ ବେଆଇନ ସିମକାର୍ଡ ଜବତ ହେବା ପରେ ଏହି ଘଟଣାର ପର୍ଦ୍ଦାଫାସ ହୋଇଥିଲା।

## ବିଫଳ ପ୍ରେମିକଙ୍କ ଉନ୍ମତ୍ତ କାଣ୍ଡ

# ପ୍ରେମିକାର ତଣ୍ଟି କାଟିଲା ପରେ ନିଜ ତଣ୍ଟି କାଟିଲା

ଫୁଲବାଣୀ/ଫିରିଙ୍ଗିଆ,୧୪।୧୨(ସମିସ): ପ୍ରେମରେ ବିଫଳ ହେବାପରେ ପ୍ରେମିକ ଘଟାଇଛି ଉନ୍ମତ୍ତ କାଣ୍ଡ। ଛୁରୀରେ ପ୍ରେମିକାଙ୍କ ସହ ନିଜର ବେକ କାଟି ପକାଇଛି। ଉଭୟ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ଏଭଳି ଘଟଣା ଘଟିଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପିଅନପଡ଼ା ଅଞ୍ଚଳରେ।

ସୂଚନା ଅନୁଯାୟୀ, ଭଞ୍ଜନଗର ନିକଟ ଗୋବରା ବଣିପଲ୍ଲୀର ଶୁଭମ ସ୍ୱାଇଁଙ୍କ ପିଅନପଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କ ସହିତ ପ୍ରାୟ ତିନି ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ଉଭୟେ ବାହା ହେବାକୁ ପରସ୍ପରକୁ କଥା ଦେଇଥିଲେ। ମାତ୍ର ପ୍ରେମିକାଙ୍କ ଅନ୍ୟତ୍ର ବିବାହ ପ୍ରସ୍ତାବ ଆସିବାରୁ ସେ ରାଜି ହୋଇଯାଇଥିଲେ। ଏହା ଶୁଣି ପ୍ରେମିକର ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଶନିବାର ସନ୍ଧ୍ୟାରେ ଫୁଲବାଣୀରେ ପହଞ୍ଚି ପ୍ରେମିକାଙ୍କ ଘରେ କେହି ନ ଥିବା ବେଳେ ଘରକୁ ଯାଇ ପୁଣି ବାହା ହେବାକୁ ନେହୁରା ହୋଇଥିଲା। ମାତ୍ର ପ୍ରେମିକା ମନା କରିବାରୁ ଏକ ଛୁରୀରେ ତାଙ୍କ ବେକକୁ କାଟି ଦେଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସି ଯୁବକଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ଦେଖି ଶୁଭମ ଧରିଥିବା ଛୁରୀରେ ନିଜ ବେକକୁ ମଧ୍ୟ କାଟି ଦେଇଥିଲେ। ଉଭୟେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କହିଛନ୍ତି ଡାକ୍ତର। ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଟାଉନ ଥାନା ଅଧିକାରୀ ପି.ସ୍ୱରୂପ କିଶନ୍ କହିଛନ୍ତି।

# ସୁଟାଣୀ ଘାଟିରେ ଡକାୟତଙ୍କୁ ଧରି ନିର୍ଘୁମ୍ ଛେଚିଲେ ଗ୍ରାମବାସୀ

ଫିରିଙ୍ଗିଆ,୧୪।୧୨(ସମିସ): ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ୨ ଡକାୟତଙ୍କୁ ଧରି ଶନିବାର ରାତିରେ ଗ୍ରାମବାସୀ ନିର୍ଘୁମ ମାଡ଼ ମାରିବା ପରେ ଗୋଛାପଡ଼ା ପୁଲିସ ଜିମା ଦେଇଛନ୍ତି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ଜନମୁର ଗାଁର ହେମନ୍ତ କଉର(୨୫) ଓ ଇନ୍ଦ୍ରଜିତ ମହାନନ୍ଦ(୨୬)।




ପ୍ରକାଶ ଯେ, ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ନିୟମିତ ଲୁଟ୍‌ପାଟ କରୁଥିଲେ ଡକାୟତ। ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରି ସୁନା, ଟଙ୍କା, ମୋବାଇଲ ଏମିତି କି ବାଇକ, କାର ମଧ୍ୟ ଲୁଟି ନେଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ଲୋକେ ଡକାୟତଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନେ ଅସ୍ତ୍ରଶସ୍ତ୍ର ଦେଖାଇ ଭୟଭୀତ କରି ଫେରାର ହୋଇଯାଉଥିଲେ। କିଛିଦିନ ତଳେ ଏକ ବୋଲେରୋକୁ ଅଟକାଇ ଦୁର୍ବୃତ୍ତ ଲୁଟ୍‌ପାଟ୍ କରିଥିବାବେଳେ ଶନିବାର କୁଏରମାଣ୍ଡୁ ପଞ୍ଚାୟତର ତେତେଲ ପଡାଗାଁର ଜରନି କହଁର ପୁଅର ଦେହ ଅସୁସ୍ଥ ଥିବାରୁ ସ୍ତ୍ରୀ ଓ ପୁଅକୁ ଧରି ବାଇକ୍‌ରେ କନ୍ଧମାଳ ଯାଉଥିବାବେଳେ ସୁଟାଣୀ ଘାଟିରେ କିଛି ଡକାୟତ ସେମାନଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବାଇକ, ମୋବାଇଲ ଓ ୨୫ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପୂର୍ବରୁ ଅନ୍ୟକିଛି ଲୋକଙ୍କ ଠାରୁ ଲୁଟିବାକୁ ଉଦ୍ୟମ କରିଥିବାରୁ ସେମାନେ ନିକଟରେ ଥିବା ଗାଁରେ ସୂଚନା ଦେଇଥିଲେ। ଗ୍ରାମବାସୀ ଖବର ପାଇ ଘାଟିକୁ ଘେରିଯାଇ ହେମନ୍ତ ଓ ଇନ୍ଦ୍ରଜିତଙ୍କୁ କାବୁ କରି ନିର୍ଘୁମ ଚେଛିଥିବାବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଖବର ପାଇ ଗୋଛାପଡ଼ା ପୁଲିସ ପହଞ୍ଚିବା ପରେ ଅଟକ ଦୁଇ ଡକାୟତଙ୍କୁ ଗ୍ରାମବାସୀ ସେମାନଙ୍କ ଜିମା ଦେଇଥିଲେ। ପୁଲିସ ହେମନ୍ତ ଓ ଇନ୍ଦ୍ରଜିତ୍‌ଙ୍କ ଠାରୁ ୨୫ ଶହ ଟଙ୍କା, ମୋବାଇଲ ଓ ବାଇକ ଜବତ କରିଛି। ଏନେଇ ଗୋଛାପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁଟାଣୀ ଘାଟିରେ ବାରମ୍ବାର ଏଭଳି ଲୁଟପାଟ୍ ହେଉଥିବାରୁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଷ୍ଟ୍ରେଲିଆରେ ଆତଙ୍କୀ...

ଏପ୍ରିଲ ୨୮ରେ ଏକ ବଡ଼ ଧରଣର ଗୁଳିକାଣ୍ଡ ହୋଇଥିଲା ଓ ଏହାକୁ ପୋର୍ଟ ଆର୍ଥର ନରସଂହାର ବୋଲି କୁହାଯାଇଥିଲା। ଏଥିରେ ୩୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ ଜଣ ଆହତ ହୋଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସିଡନୀର ବଣ୍ଡି ବିଚ୍‌ରେ ରବିବାର ଲୋକମାନେ ଛୁଟି କାଟିବାକୁ ଯାଇ ସେଠାରେ ଉତ୍ସବ ମନାଉଥିବା ବେଳେ ଦୁଇଜଣ ଆତଙ୍କବାଦୀ ସେମାନଙ୍କ ଉପରେ ଗୁଳି ବର୍ଷା ଆରମ୍ଭ କରିଥିଲେ। ଇହୁଦୀମାନେ ହୁନକା ଉତ୍ସବ ପାଳନ କରିବା ବେଳେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସାମାଜିକ ଗଣମାଧ୍ୟରେ ପ୍ରସାରିତ ହେଉଥିବା ଭିଡିଓ ଫୁଟେଜରେ କଳା ପୋଷାକ ପିନ୍ଧିଥିବା ଦୁଇଜଣ ଯୁବକ ରାସ୍ତା ଉପରେ ଠିଆ ହୋଇ ବନ୍ଧୁକରୁ ଗୁଳି ଚଳାଉଥିବା ଲକ୍ଷ୍ୟ କରାଯାଉଛି। ପାଖରେ ଥିବା ଲୋକମାନେ ଚିତ୍କାର କରି ଜୀବନ ବଞ୍ଚାଇବା ପାଇଁ ଦୌଡ଼ୁଥିବା ଦେଖାଯାଇଛି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣକୁ ପୁଲିସ ଗୁଳି କରିଛି। ଅନ୍ୟଜଣକୁ ସାଧାରଣ ଲୋକେ କାବୁ କରି ନେଇଥିଲେ। ଏବେ ସେ ପୁଲିସ ହେପାଜତ୍‌ରେ ଅଛି। ସିଡନୀ ମର୍ଣ୍ଣିଂ ହେରାଲ୍ଡ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀମାନେ ପ୍ରାୟ ୫୦ ରାଉଣ୍ଡ ଗୁଳି ଚଳାଇଥିଲେ। ପୁଲିସ ଜବାବ ଦେବାକୁ ବାଧ୍ୟ ହୋଇଥିଲା।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନୀଜ ଏହି ଘଟଣା ନେଇ ଦୁଃଖ ବ୍ୟକ୍ତ କରି କହିଛନ୍ତି ଯେ, ବଣ୍ଡିର ଦୃଶ୍ୟଗୁଡିକ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ। ପୁଲିସ ଓ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରେ କାର୍ଯ୍ୟ କରୁଛନ୍ତି। ମୋର ଭାବନା ପ୍ରଭାବିତ ବ୍ୟକ୍ତିଙ୍କ ସହିତ ଅଛି। ମୁଁ ବର୍ତ୍ତମାନ ଏଏଫ୍‌ପି କମିଶନର ଓ ନ୍ୟୁ ସାଉଥୱେଲ୍ସ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଉଛି। ଆମେ ବର୍ତ୍ତମାନ ପୁଲିସ ସହିତ ମିଶି କାର୍ଯ୍ୟକରୁଛୁ। ପୁଲିସ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଖାପାଖ ଲୋକଙ୍କୁ ଅନୁରୋଧ କରୁଛି।

ଉଲ୍ଲେଖଥାଉ କି, ସିଡ୍‌ନୀର ପୂର୍ବ ଉପକୂଳରେ ବଣ୍ଡି ବେଳାଭୂମି ୩,୦୦୦ ମିଟର ପର୍ଯ୍ୟନ୍ତ ଲମ୍ବି ରହିଛି। ଏହା ସିଡନୀ ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳି। ଲୋକେ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି। ୧୧ ବର୍ଷ ତଳେ ସିଡନୀରେ ଏହଭଳି ଏକ ଘଟଣା ଘଟିଥିଲା। ସେତେବେଳେ ସିଡନୀର ଲଣ୍ଡ କାଫ୍‌ରେ ଜଣେ ବନ୍ଧୁକଧାରୀ ୧୮ ଜଣ ଲୋକଙ୍କୁ ପଣବନ୍ଦୀ ରଖିଥିଲା। ଏହି ଘଟଣାରେ ଦୁଇଜଣ ପଣବନ୍ଦୀ ଓ ଆକ୍ରମଣକାରୀ ମୃତ୍ୟୁବରଣ କରିଥିଲେ।

### ବନ ବିଭାଗରେ...

ରାଜକୋଷକୁ ଲୁଟିବାକୁ ଏପରି କାର୍ଯ୍ୟ କରାଯାଇଛି; ତାହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି ହୋଇଛି।

ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଉଠାଇଛନ୍ତି ପ୍ରଶ୍ନ। ସେ କହିଛନ୍ତି ଯେ ସରକାର କେବଳ ୫୧ଟି ଥର୍ କଥା ବିଧାନସଭାରେ ଉଲ୍ଲେଖ କରିଛନ୍ତି। ମାତ୍ର ମାତ୍ର ଆହୁରି କିଣାଯାଇଥିବା ୮୯ଟି ଇସୁଜୁ ଓ ଯୋଦ୍ଧା ଗାଡ଼ି କଥା ଏଠାରେ ଉଲ୍ଲେଖ କରାଯାଇ ନାହିଁ। ଏହି ଗାଡ଼ି କିଣାରେ ଅନେକ ଦୁର୍ନୀତି ହେଇଛି। ଗୋଟିଏ ଥର୍ ଗାଡ଼ି ପିଛା ପ୍ରାୟ ୨.୬୫ ଲକ୍ଷ ଟଙ୍କା ରିହାତି ଦିଆଯାଇଥିଲେ ବି ଏ କଥା କେଉଁଠି ଉଲ୍ଲେଖ କରାଯାଇ ନାହିଁ। ପୁଣି ଏକ କାଳୀନ ୧୦ଟି ଗାଡ଼ି କିଣିଲେ, ଗୋଟିଏ ଗାଡ଼ି କମ୍ପାନୀ ସମ୍ପୂର୍ଣ୍ଣ ମାଗଣା ଦେଉଥିଲା। ପୁଲିସ ବାହିନୀ ନିଜ ଗାଡ଼ି କିଣିବା ବେଳେ ମଧ୍ୟ ୧୦ ଗାଡ଼ିରେ ଗୋଟିଏ ଗାଡ଼ି ମାଗଣାରେ ପାଆନ୍ତି। ତାହେଲେ ବନ ବିଭାଗ ମାଗଣାରେ ପ୍ରତି ୧୦ଟି ଗାଡ଼ି ପିଛା ମାଗଣା ପାଇଥିବା ୫ଟି ଥର୍ ଗାଡ଼ି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ଗାଡ଼ି ୨୦୨୪ ମସିହା ନଭେମ୍ବରରେ କିଣା ଯାଇଥିବା ବେଳେ ଉଭୟ ଗାଡ଼ି କିଣା ଏବଂ ମୋଡିଫିକେସନ ବାବଦରେ କୋଟି କୋଟି ଟଙ୍କା କାହିଁକି ବ୍ୟୟ କରାଗଲା ଓ ମୋଡ଼ିଫିକସନ ପାଇଁ କେଉଁ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏପରିକି ଏହି ଗାଡ଼ି କିଣା ପାଇଁ ଅର୍ଥ ବିଭାଗର ଅନୁମତି ମିଳିଥିଲା କି ନାହିଁ ତାହା ମଧ୍ୟ ଏଯାଏ ସନ୍ଦେହାଚ୍ଛନ୍ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ମଧ୍ୟରେ ଏହି ଗାଡ଼ିର ଉପାଦେୟତା ଖୁବ କମ୍ ଥିବାବେଳେ କାହା ସ୍ୱାର୍ଥ ପୂରଣ ପାଇଁ ଏହି ଗାଡ଼ି କ୍ରୟ କରାଗଲା ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମୋଡିଫିକେସନ କରିବା ଆଗରୁ ପରିବହନ ବିଭାଗ ଏଥିପାଇଁ ଆବଶ୍ୟକୀୟ ଅନୁମୋଦନ ଦେଇଛି କି ନାହିଁ ମଧ୍ୟ ପ୍ରଶ୍ନ ଉଠିଛି।

### ନିତିନ ନବୀନ...

ସର୍ବକନିଷ୍ଠ ନେତା। ବିହାରରେ ନୀତୀଶ କୁମାରଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଥିବା ନିତିନଙ୍କୁ ରାଜ୍ୟ ସ୍ତରରେ ଦଳର ବିଚକ୍ଷଣ ରଣନୀତିକାର ବୋଲି କୁହାଯାଉଛି। ସ୍ୱର୍ଗତ ବି।।ଜେପି ନେତା ନବୀନ କିଶୋର ଶର୍ମାଙ୍କ ପୁଅ ନିତିନ ଆରମ୍ଭରୁ ଆରଏସଏସ୍ ସହ ସଂପୃକ୍ତ ରହି ଆସିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ୧୯୮୦ରେ ଜନ୍ମ ଗ୍ରହଣ କରିଥିବା ନିତିନ ତାଙ୍କ ପିତାଙ୍କ ମୃତ୍ୟୁ ପରେ ୨୦୦୬ରେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିଥିଲେ। ୨୦୦୬ ଠାରୁ ଆରମ୍ଭ କରି ୨୦୧୦, ୨୦୧୫, ୨୦୨୦ ଏବଂ ୨୦୨୫ରେ ମଧ୍ୟ କ୍ରମାଗତ ଭାବେ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି।

ସଭାପତି ଭାବେ ନିଯୁକ୍ତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ନିତିନ ଜଣେ ପରିଶ୍ରମୀ କର୍ମୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଜଣେ ଯୁବ ଓ ପରିଶ୍ରମୀ ନେତା। ତାଙ୍କ ପାଖରେ ବଳିଷ୍ଠ ସାଂଗଠନିକ କ୍ଷମତା ଓ ଏ ନେଇ ଯଥେଷ୍ଟ ଅନୁଭବ ରହିଛି। ବିହାରରେ ସେ ବିଧାୟକ ଓ ମନ୍ତ୍ରୀ ଭାବେ ସଫଳତାର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି। ବିଜେପିର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛି।

ଉଲ୍ଲେଖଥାଉ କି ବିଜେପିର ଅଧ୍ୟକ୍ଷ ପଦ ଦୌଡ଼ରେ ଶିବରାଜ ସିଂହ ଚୌହାନ, ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ରଘୁବର ଦାସ, ବାନତୀ ଶ୍ରୀନିବାସନ, ତାମିଲସାଇ ସୌନ୍ଦର୍ଯ୍ୟରାଜନ, ଡି ପୁରେନ୍ଦେଶ୍ୱରୀଙ୍କ ଭଳି ନେତାଙ୍କୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଚାଲିଥିଲା।

### ବିହାର ରାସ୍ତାରେ...

ବେଆଇନ୍ ବନ୍ଧୁକ କାରବାରକୁ ନେଇ ଉଦ୍‌ବେଗ ପ୍ରକାଶ କରି ଦୁଇ ବର୍ଷରେ କେତେ ବେଆଇନ୍ ବନ୍ଧୁକ ଜବତ ହୋଇଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ୭୧୬ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୪ ମସିହାରେ ୫୭୨ଟି ବନ୍ଧୁକ ଜବତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୪ ମସିହାରେ ଟୁଇନ୍‌ସିଟିରୁ ୭୧ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୫ ମସିହାରେ ଟୁଇନ୍ ସିଟିରେ ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ ମିଳିଲାଣି।

ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ ପ୍ରସ୍ତୁତ କରୁଥିଲେ। ହେଲେ ଏବେ ଉପକୂଳ ଜିଲ୍ଲା ଗୁଡ଼ିକରେ ଦେଶୀ ନୁହେଁ ବିଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଛି। ବର୍ଷ ବର୍ଷ ଧରି ଏହି ବନ୍ଧୁକ କାରଖାନା ଚାଲୁଥିଲେ ମଧ୍ୟ ସ୍ଥାନୀୟ ପୁଲିସକୁ ସାମାନ୍ୟତମ ସୁରାକ୍ ମିଳୁନି। କଟକ ଜିଲା ୪୨ ମୌଜା ଅଞ୍ଚଳରେ ଏକ ବନ୍ଧୁକ କାରଖାନା ୧ବର୍ଷ ଧରି ଚାଲୁଥିଲା। ହେଲେ ପୁଲିସକୁ ଖବର ବି ନଥିଲା। ଏସ୍‌ଟିଏଫ୍ ଚଢାଉ କଲାପରେ ବିପୁଳ ପରିମାଣରେ ବନ୍ଧୁକ ଜବତ କଲା। ଗତକିଛି ଦିନ ଧରି କମିଶନରେଟ୍ ପୁଲିସ ନିୟମିତ ଭାବେ ୫ରୁ ଅଧିକ ବନ୍ଧୁକ ଜବତ କରୁଛି। ଏହା ମଧ୍ୟରେ ମାରାତ୍ମକ କାରବାଇନ୍ ବନ୍ଧୁକ ରହୁଛି। ଯାହାକୁ ଦେଖିଲେ ଲାଗୁଛି ଯେ କେହିବି କିଣିବ ସେ ଯେପରି ଯୁଦ୍ଧ ଘୋଷଣା କରିବାକୁ ଯାଉଛି।

### ପ୍ରଦୂଷଣରେ ଦିଲ୍ଲୀ...

ସୃଷ୍ଟି ହେଲେ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଲକଡାଉନ୍ ଜାରି କରାଯାଇପାରେ। ରାଜଧାନୀରେ ଗତକାଲି ଠାରୁ ଗ୍ରାପ୍-୪ ବା ଗ୍ରେଡେଡ୍ ଆକ୍ସନ ରେସପନ୍ସ ପ୍ଲାନ୍ ଅନୁଯାୟୀ କଟକଣା ଜାରି କରାଯାଇଛି। ପ୍ରାଥମିକ ସ୍କୁଲ ପିଲାମାନଙ୍କୁ ସ୍କୁଲ ନଯିବା ଲାଗି ପରାମର୍ଶ ଦିଆଯାଇଛି। ଅଫିସଗୁଡ଼ିକ ୫୦ ପ୍ରତିଶତ କର୍ମଚାରରୀଙ୍କୁ ନେଇ କାମ କରିବେ ଏବଂ ପ୍ରଦୂଷଣକାରୀ ଜାନବାହନ ଉପରେ କଟକଣା ଜାରି କରାଯାଇଛି।

ରାଜଧାନୀର ଅନେକାଞ୍ଚଳରେ କୁହୁଡି ଯୋଗୁଁ ଦୃଶ୍ୟମାନ କମ୍ ରହିଛି। ପୂର୍ବଦିଲ୍ଲୀ ପାଟପରଗଞ୍ଜରେ ଏକ୍ୟୁଆଇ ସକାଳ ୬ଟାରେ ୪୮୮ ରହିଥିଲା। ସେଠାରେ ସ୍ପଷ୍ଟ କିଛି ଦେଖାଯାଉ ନଥିବା ବେଳେ ଦିନରେ ଗାଡି ଚାଳକ ହେଡ୍ ଲାଇଟ୍ ଜଳାଇ ଯାଉଛନ୍ତି। ଆଗାମୀ ସପ୍ତାହରେ ଉତ୍ତର ଭାରତ ସମେତ ଦେଶବ୍ୟାପୀ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ଆଶଙ୍କା କରାଯାଉଛି। ପଶ୍ଚିମାଝଡ଼ କାରଣରୁ ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟଗୁଡିକରେ ପ୍ରବଳ ଥଣ୍ଡା ଦେଖାଦେବ। ଫଳରେ ଡିସେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର, ଲଦାଖ ଓ ହିମାଚଳ ପ୍ରଦେଶରେ ପ୍ରବଳ ତୁଷାରପାତ ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

### ଅମଳ ବେଳରେ...

ବହୁ ଉଦ୍ୟମ କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ ଏବଂ ବିଲରେ ପଡ଼ିଯାଇଥିଲେ। ଫଳରେ ସେହି ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ତେବେ ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ରଙ୍କର ପୋଡ଼ିହୋଇ ମୃତ୍ୟୁ ହୋଇଥିବାର ଦେଖି ଡାକପକାଇଥିଲେ। ଡାକ ଶୁଣି ଗ୍ରାମର ତଥା ଆଖପାଖ ଗ୍ରାମର ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ପୁଲିସକୁ ଜଣାଇଥିଲେ। ଖବର ପାଇ ପିପିଲି ପୁଲିସ ଏବଂ ଅରିଶଳ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଜାରି ରଖିଛି।

### ୧୯ରେ ଚାଷୀଙ୍କ...

ବୋଲି 'ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ' ତରଫରୁ ବରେଇପାଲି ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀ ରାଜରାସ୍ତାକୁ ଦୁଇଦୁଇ ଥର ଓହ୍ଲାଇବା ଓ ଗିରଫଦାରୀ ଦେବା ସତ୍ତ୍ୱେ ମଣ୍ଡିରେ ଧାନ କିଣାବିକା ହେଇପାରୁନି କି ସମସ୍ତ ଚାଷୀଙ୍କୁ ଟୋକନ୍ ଦିଆଯାଇପାରୁନି। ହଜାର ହଜାର ଚାଷୀ ଏଯାଏଁ ତାଙ୍କର ପ୍ରଥମ ଟୋକନ୍ ପାଇନାହାଁନ୍ତି। ଗୋଟିଏମାସ ବିଳମ୍ବରେ ମଣ୍ଡି ଖୋଲିବା ସତ୍ତ୍ୱେ ମଣ୍ଡି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିନପାରିବା ଦୁର୍ଭାଗ୍ୟଜନକ। ଛତିଶଗଡ଼ ଓ ଓଡ଼ିଶାରେ ଗୋଟିଏ ଦଳର ସରକାର ଥିବା ବେଳେ ଛତିଶଗଡ଼ରେ ମଣ୍ଡି ବ୍ୟବସ୍ଥା ସୁରୁଖୁରୁରେ ଚାଲିଥିବା ବେଳେ ଓଡ଼ିଶାରେ ଏ ଅଚଳାବସ୍ଥା ଓଡ଼ିଶା ସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତିର ଅଭାବକୁ ସ୍ପଷ୍ଟ ସୂଚଉଛି ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି।

ଗତ ୧୨ ତାରିଖର ରାସ୍ତାରୋକ ପରେ ସମସ୍ୟା ସମାଧାନ ପାଇଁ ମିଳିଥିବା କାଳକ୍ଷେପଣ ନୀତିର ସାତଦିନିଆ ମହଲତକୁ ଚାଷୀ ସଂଗଠନ ପ୍ରଥମରୁ ଅଗ୍ରାହ୍ୟ କରିଆସିଛି ଓ ନ୍ୟାୟ ପାଇବା ଯାଏଁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନକୁ ଜାରି ରଖାଯିବ ବୋଲି ଆଜି ଚାଷୀମାନଙ୍କ ବୈଠକରେ ନିଷ୍ପତି ନିଆଯାଇଛି। ଆଗାମୀ ୧୬ ତାରିଖରେ ଟୋକନ୍ ଦାବିରେ ସହରର ବିଭିନ୍ନ ଜାଗାରେ ଅଭିନବ ଉପାୟରେ କାର୍ଯ୍ୟକ୍ରମ କରାଯିବ। ଆଗାମୀ ୧୯ ତାରିଖରେ ସମ୍ବଲପୁର ବନ୍ଦର ଡାକରା ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ସହଯୋଗ କରିବାକୁ ସହରବାସୀ, ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନଙ୍କୁ ଅନୁରୋଧ କରାଯାଇଛି। ପରବର୍ତ୍ତି ସମୟରେ ପଶ୍ଚିମ ଓଡ଼ିଶା ସଂଗଠନ ସମନ୍ୱୟ ସମିତି ତରଫରୁ ଏଇ ଚାଷୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡ଼ିଶା ସଂଗଠନ ସମନ୍ୱୟ ସମିତିର ଆବାହକ ଆଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜ, ସୁଶାନ୍ତ ପଣ୍ଡା, ତରଣୀସେନ ଭୋଇ, ଦୋଳଗୋବିନ୍ଦ ନାୟକ, ଉମେଶ ମିଶ୍ର, ଭୈରବ ପ୍ରଧାନ, ଦିଲୀପ ସାହୁ, ବିପିନ ଭୋଏ, ସଂଜୀବ ବାରିକ, ଜୟନାରାୟଣ ସାହୁ, ଦିଲ୍ଲୀପ ମହପାତ୍ର, ନନ୍ଦଲାଲ ତ୍ରିପାଠି, କାଶୀ ବିଶ୍ୱନାଥ, ସନ୍ତୋଷ ତେଲେଙ୍ଗା, ସରୋଜ ମହାପାତ୍ର, ଅଶ୍ୱିନୀ ହୋତା, ଅଶ୍ୱିନୀ ମହାପାତ୍ର, ଦାମୋଦର ପ୍ରଧାନ, ଯୋଗେଶ ଭୋଇ, ସୀତାକାନ୍ତ ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ବାଣପୁର ଥାନାରେ...

ନେବା ପରିବର୍ତ୍ତେ ପୁଲିସ ନିଜ ଭ୍ୟାନରେ କିପରି ସ୍ଥାନାନ୍ତର କରିଥିଲା, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଛବିନ୍ଦ୍ରଙ୍କୁ ପୁଲିସ ହାଜତରେ ହତ୍ୟା କରାଯାଇଥିବାର ସଂଗୀନ ଅଭିଯୋଗ ଆଣିଛନ୍ତି ଛବିନ୍ଦ୍ରଙ୍କ ପତ୍ନୀ।

ଛବିନ୍ଦ୍ରଙ୍କ ପତ୍ନୀଙ୍କ ଅଭିଯୋଗ ମୁତାବକ, ସେ କୌଣସି କାମରେ ନୟାଗଡ ଯାଇଥିବା ବେଳେ ଛବିନ୍ଦ୍ର ଏକୁଟିଆ ଘରେ ରହିଥିଲେ। ରାତିରେ ବାଣପୁର ପୁଲିସ ତାଙ୍କୁ ଉଠେଇ ନେଇ ହାଜତରେ ମାରି ଦେଇଛନ୍ତି। ଏପରିକି ସକାଳୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ନ ଜଣାଇ ଅସୁସ୍ଥ ଥିବା କହି ଡାକ୍ତରଖାନାକୁ ଆସିବା ପାଇଁ ପୁଲିସ ତାଙ୍କୁ ଖବର ଦେଇ ଥିଲେ। ମୋ ସ୍ୱାମୀ ସମ୍ପୂର୍ଣ୍ଣ ଭଲ ଥିଲେ ଥାନାରେ କ'ଣ ଘଟିଲା ଯେ ତାଙ୍କର ମୃତ୍ୟୁ ଘଟିଲା ବୋଲି ଛବିନ୍ଦ୍ରଙ୍କ ପତ୍ନୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଛବିନ୍ଦ୍ରଙ୍କ ମୃତ୍ୟୁ ସନ୍ଦେହ ଘେରରେ ଥିବାବେଳେ ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରମେଶ ଦେବତା ପ୍ରତିକ୍ରିୟାରେ କହିଛନ୍ତି ଯେ ଛବିନ୍ଦ୍ରଙ୍କ ରକ୍ତଚାପ ହ୍ରାସ ହୋଇ ଗୁରୁତର ହୋଇ ପଡିବାରୁ ବାଣପୁର ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ରେଫର କରିବା ପାଇଁ ପରାମର୍ଶ ଦେବାରୁ ଆମ୍ବୁଲାନ୍ସ ମିଳିବାରେ ବିଳମ୍ବ ହେବାରୁ ତତ୍କାଳ ଚିକିତ୍ସା ପାଇଁ ତାଙ୍କୁ ପୁଲିସ ଗାଡ଼ିରେ ଭୁବନେଶ୍ୱରକୁ ପଠା ଯାଇଥିଲା। ଅନ୍ୟପଟେ ଛବିନ୍ଦ୍ରଙ୍କ ସାଥିରେ ହଳନ୍ଦା ଗ୍ରାମର ବିଦ୍ୟାଧର ନାୟକ ନାମକ ଆଉ ଜଣେ ମଦ ବେପାରୀକୁ ମଧ୍ୟ ସେହି ରାତିରେ ଥାନାକୁ ଅଣା ଯାଇ ଛବିନ୍ଦ୍ରଙ୍କ ସାଥିରେ ରଖା ଯାଇଥିବା ବେଳେ ପୁଲିସ ସେମାନଙ୍କୁ କୌଣସି ନିର୍ଯାତନା ଦେଇ ନଥିବା ବିଦ୍ୟାଧର କହିଛନ୍ତି।

**AFFIDAVIT**

By virtue of an affidavit sworn before Notary public Bhubaneswar on dated 12.12.2025, I Dipuna Gouda permanent resident of At-Bharasa, Po-Mathura, Sub Dist-Khalikote, Dist-Ganjam, Odisha, Pin-761030 declare that I have changed my name from Dipun Kumar Gouda to Dipuna Gouda. Henceforth I shall be known as **DIPUNA GOUDA** for all purposes.
Dipuna Gouda

**AFFIDAVIT**

By virtue of an affidavit sworn before Notary public Bhubaneswar on dated 12.12.2025, I Kajala Parichha permanent resident of At-Dengapadar, Jayantigada, Po-G.Dengapadar, Sub Dist-Gangapur, Dist-Ganjam, Odisha, PIN-761124 declare that I have changed my name from Kajal Paricha to Kajala Parichha. Henceforth I shall be known as **KAJALA PARICHHA** for all purposes.
Kajala Parichha

**NOTICE**
(Above 18 years of age)

By Virtue of an Affidavit sworn before the Excutive Magistrate, Udala, Mayurbhanj, dated 13-11-2025 I, Sail Sethi, Address At- Jadurghera, Po-Balidiha, Ps- Khunta, Dist-Mayurbhanj, Pin- 757109 declare that I have changed my name Sail Dei to Sail Sethi. Henceforth I shall be known as Sail Sethi for all purposes.
Sail Sethi

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

## ବିଧାୟକଙ୍କ ଦରମା ବୃଦ୍ଧି; ଜନଶକ୍ତି ପାର୍ଟିର ତୀବ୍ର ପ୍ରତିକ୍ରିୟା

ଡେରାବିଶ,୧୪।୧୨(ସମିସ): ବିଜେଡି ସରକାରଙ୍କ ୨୪ ବର୍ଷର ଶାସନରେ ବିଭିନ୍ନ ବିଫଳତାର ଦ୍ୱାହି ଦେଇ ଏବଂ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେୟ ଛାଡ଼, ବେକାରୀଙ୍କୁ କର୍ମସଂସ୍ଥାନର ପ୍ରତିଶ୍ରୁତି ଦେଇ ଶାସନଗାଦିକୁ ଆସିଥିବା ବିଜେପି ଦଳର ବିଧାନସଭାରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିରେ ଦେଶରେ ପ୍ରଥମ ହୋଇଥିବା ନେଇ ଜନଶକ୍ତି ପାର୍ଟି ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଯେଉଁ ସମୟରେ ଜନସାଧାରଣଙ୍କର ମୌଳିକ ସମସ୍ୟାକୁ ଅଣଦେଖା କରି ଓଡ଼ିଶା ଭଳି ଗରିବ ରାଜ୍ୟର ଜନସାଧାରଣଙ୍କ ଟିକସ ଟଙ୍କାକୁ ରାଜାରାଜୁଡ଼ା ଭଳି ନିଜେ ନେଇଯାଇଥିବା ଘଟଣା ଜନସାଧାରଣଙ୍କ ପ୍ରତି ଏହା ଅନ୍ୟାୟ ନୁହଁ କି ବୋଲି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଯେଉଁ ସମୟରେ ନିଜର ନାର୍ଯ୍ୟ ଦାବି ପାଇଁ ବିଧାନସଭା ସମ୍ମୁଖରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପାଚିକାମାନେ ରାଜରାସ୍ତାରେ ଧାରଣାରେ ବସିଛନ୍ତି ସେ ସମୟରେ ସରକାର ବିଧାୟକଙ୍କ ଦରମା ବୃଦ୍ଧି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଦାଶ କହିଛନ୍ତି । ଯେଉଁ ଦଳର ସ୍ଲୋଗାନ୍ ଥିଲା ନୀତି ଭଲ, ନେତା ଭଲ, ବିଜେପି ଶାସନ ଦେଖିବା ଚାଲ, ସେହି ସ୍ଲୋଗାନ ପ୍ରତି ଏହା ଅବମାନନା ନୁହେଁ କି ବୋଲି ଦାଶ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ।

# ୫୩ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ



ଡେରାବିଶ,୧୪।୧୨(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ବର୍ଷାଧିକ କାଳ ହେବ ନାଁ କେଉଁଠି ଦୁର୍ଘଟଣା ଘଟିବା ଫଳରେ କେହି ନାଁ କେହି ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଛି । ଠିକା ସଂସ୍ଥା ପକ୍ଷରୁ ମନମାନୀ ଭାବେ ନିର୍ମାଣ ସ୍ଥାନରେ ଡାଇଭର୍ସନ ବଦଳିବା ସହ ବାଟବଣା ହୋଇ ଦୁର୍ଘଟଣା ହେବା ଥୟ। ଏଥିସହିତ ପୂର୍ବରୁ ବର୍ଷା ଋତୁରେ ଠିକାଦାର ଜଣକ

> ଧନଜୀବନ ହାନିର ଶିକାର ହେଉଛନ୍ତି ଅଞ୍ଚଳବାସୀ
> ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଚୁପ୍


ଚାଲୁ ରହିଛି । ତେବେ ଏହି ପ୍ରଶସ୍ତିକରଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମାନୀ ଯୋଗୁ ଦୈନିକ ଦୁର୍ଘଟଣାମାନ ଘଟି ଡେରାବିଶ ବ୍ଲକ ଅଞ୍ଚଳବାସୀଙ୍କ ଧନଜୀବନ ହାନି ହେଉଛି । ଏପରିକି ତ୍ରୁଟିପୂର୍ଣ୍ଣ ରାଜରାସ୍ତା ନିର୍ମାଣ ଯୋଗୁ ଡେରାବିଶ ବ୍ଲକର ପଞ୍ଚୁପାଣ୍ଡବ ଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟି ଚାଲିଛି। ଏପରିକି ପ୍ରତ୍ୟେକ ସପ୍ତାହରେ ଏହି ରାସ୍ତାରେ କେଉଁଠି କରାଯାଉଥିବା ବେଳେ ପ୍ରତ୍ୟେକ ଦିନ ନୂଆ ନୂଆ ସ୍ଥାନରେ ଡାଇଭର୍ସନ ନିର୍ମାଣ ଓ ରାସ୍ତାରେ ବଡ଼ ବଡ଼ ହମ୍ପସ୍ ମଧ୍ୟ ନିର୍ମାଣ କରାଯାଉଛି । ଏହି ଡାଇଭର୍ସନ ଓ ହମ୍ପସର କୌଣସି ପୂର୍ବ ସୂଚନା ଦିଆଯାଉ ନାହିଁ। ଯେଉଁଥିପାଇଁ ଏହି ରାସ୍ତାରେ ସାମାନ୍ୟ ଦ୍ରୁତିଗତିରେ ଗଲେ କଥା ସରିଲା। ଏପରିକି କୌଣସି ବ୍ୟକ୍ତି ପୂର୍ବାହ୍ନରେ ଏହି ରାସ୍ତାରେ ଯାଇଥିଲେ ସନ୍ଧ୍ୟାରେ ଫେରିବା ବେଳକୁ କୌଣସି ନାଁ ଏହି ଜାତୀୟ ରାଜପଥ ଅତିକ୍ରମ କରିଥିବା ସମସ୍ତ ନାଳ ଓ ଡ୍ରେନେଜ୍‌କଟ୍ ଗୁଡ଼ିକର ମୁହଁ ପୋତି କାର୍ଯ୍ୟ କରୁଥିବାରୁ ସେତେବେଳେ ଚାଷୀମାନେ ସେମାନଙ୍କ ଚାଷଜମିରୁ ଜଳ ନିଷ୍କାସନ ପାଇଁ ନାହଇଁନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଏ ସମସ୍ତ ବିଷୟରେ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଲୋକମାନଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି। ସେତେଯେପରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଠିକାଦାରଙ୍କ ଚାପରେ ଚାପି ହୋଇ କୌଣସି ପଦକ୍ଷେପ ନେଉନାହାନ୍ତି। ଗତ କିଛିଦିନ ତଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ମଧ୍ୟ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳ ମଧ୍ୟ ନିଜେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ଦେଖିବା ସହ ତୁରନ୍ତ ପ୍ରତିକାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଠିକାଦାର କାହାରି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ। ଯେଉଁଥିପାଇଁ ଏବେ ଦୁର୍ଦ୍ଦଶାରେ ଡେରାବିଶ ବ୍ଲକ ଅଞ୍ଚଳବାସୀ କାଳାତିପାତ କରୁଥିବା ବେଳେ ଏହି ମୃତ୍ୟୁଯନ୍ତା ରାଜପଥରେ ଯିବା ଆସିବା କରିବାକୁ ଭୟ କଲେଣି। ତୁରନ୍ତ ଉକ୍ତ କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଲ୍ଲୀ ମଙ୍ଗଳ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଗୋବିନ୍ଦପୁର,୧୪।୧୨(ସମିସ): ଆଳି ବ୍ଲକ ଗୋବିନ୍ଦପୁର ପଲ୍ଲୀମଙ୍ଗଳ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ହୃଷୀକେଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁଆଣିଆ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାଉତରାୟ, ମୁଖ୍ୟବକ୍ତା ପ୍ରାକ୍ତନ ସିଆରସିସି ମନୋରଞ୍ଜନ ଜେନା, ସମ୍ମାନିତ ଅତିଥି ପରିଚାଳନା କମିଟି ଅଧ୍ୟକ୍ଷ ମଣିଚରଣ ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ଧଳ, ଶାନ୍ତିଲତା ପଣ୍ଡା, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ପ୍ରମୁଖ ଯୋଗ ଦେଇ ବାର୍ଷିକ କ୍ରୀଡ଼ା ଉତ୍ସବ ର କୃତି ପ୍ରତିଯୋଗୀ ଛାତ୍ର, ଛାତ୍ରୀ ମାନକୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଶକ୍ତିରଞ୍ଜନ ପ୍ରଧାନ ଓ ଜ୍ୟୋସ୍ନାରାଣୀ ବାରିକ ଖେଳ ପରିଚାଳନା କରିଥିଲେ। ପ୍ରିୟଙ୍କା ଧଳ, ଅନ୍ନପୂର୍ଣ୍ଣା ଧଳ, ଶିକ୍ଷକ ସୁଶାନ୍ତ କୁମାର ନାୟକ, ବିକାଶ କୁମାର ଜେନା, ସ୍ମିତାରାଣୀ ବେହେରା, ମୋନାଲିସା ଜେନା ପ୍ରମୁଖ ପରିଚାଳନାର ସହଯୋଗ କରିଥିଲେ। ଅତିଥି ମାନେ ଉପସ୍ଥିତ ଛାତ୍ର, ଛାତ୍ରୀ ମାନକୁ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ମଣିଚରଣ ମହାନ୍ତି, ଅଭୟ କୁମାର ଦାସ, କାକଳି ଥାଟୋଇ, ଅନିତା ସୁନ୍ଦରୀ ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ବହୁ ଅଭିଭାବକ ଯୋଗଦେଇଥିଲେ।

## ଶିକ୍ଷାବିତ୍ ଦାମୋଦର ତ୍ରିପାଠୀଙ୍କ ପରଲୋକ



ଡେରାବିଶ,୧୪।୧୨(ସମିସ): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଆ ଗ୍ରାମର ଶିକ୍ଷାବିତ୍ ତଥା ଶିକ୍ଷା ସଂଗଠକ ଦାମୋଦର ତ୍ରିପାଠୀ (୯୨)ଙ୍କର ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି। ସେ ସ୍ଥାନୀୟ ଅଞ୍ଚଳରେ ସମ୍ମାନସ୍ପଦ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ଭାବରେ ସମସ୍ତଙ୍କ ପୂଜ୍ୟ ଥିବା ବେଳେ ତାଙ୍କ ପ୍ରଚେଷ୍ଟାରେ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା। ଯେଉଁଥିପାଇଁ ସେ ପ୍ରଥମ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେଇଥିଲେ। ନିଜେ ଜଣେ ଶିକ୍ଷକ ଭାବରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହିତ ନିଜ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ କରୁଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧ ବାଲିଆ ମେଳଣ, ମଧୁସାଗର ମହୋତ୍ସବ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସଙ୍ଗୀତ ବିଦ୍ୟାଳୟ, ବାଲିଆ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଆଦି ବିଭିନ୍ନ ସାମାଜିକ ସଂଗଠନରେ ନିଜର ସମ୍ପୃକ୍ତି ରଖିଥିଲେ। ତାଙ୍କ ମରଶରୀର ନିଜ ଗ୍ରାମକୁ ଅଣାଯିବା ପରେ ତାଙ୍କ ମୃତ୍ୟୁ ଖବର ପାଇ ବାଲିଆ ମହିଳା ମହାବିଦ୍ୟାଳୟ, ବାଲିଆ ହାଇସ୍କୁଲର କର୍ମଚାରୀ ଓ ବାଲିଆ ବଜାର କମିଟିର କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ହୋଇଥିବା ବେଳେ ବଡ଼ ପୁଅ ପିତାମ୍ବର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ଗିରିଜାଶଙ୍କର, ବୋହୂ, ନାତି ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ ସମାଜସେବୀ ରାଜେଶ ପଣ୍ଡା, ଶ୍ରମିକ ନେତା ତଥା ଆପ୍‌ର ପାଟକୁରା ବିଧାୟକ ପ୍ରାର୍ଥୀ ଅଶୋକ ତ୍ରିପାଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

● ଦେସାହି ସମିତିରେ ଚାଷୀ ପାଉନାହାନ୍ତି ଋଣ ଟଙ୍କା

## ଚାଷ କାର୍ଯ୍ୟରେ ଅଚଳାବସ୍ଥା, ଆନ୍ଦୋଳନ ପାଇଁ ସଜବାଜ

ଗୋବିନ୍ଦପୁର,୧୪।୧୨(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି କୃଷି ସେବା ସମବାୟ ସମିତିରୁ ଋଣ ମଞ୍ଜୁର ହୋଇ ଚାଷୀଙ୍କ ଜମା ଖାତାକୁ ଉଠିଛି। ତିନି ମାସରୁ ଊର୍ଦ୍ଧ୍ୱ ହେବ ଜମା ଖାତାରେ ଅର୍ଥ ଜମା ହେଇଥିଲେ ମଧ୍ୟ ଚାଷୀ ଜମା ଅର୍ଥ ପାଇପାରୁନାହିଁ। ଫଳରେ ଚାଷୀ ହୀନସ୍ତା ହେଉଛନ୍ତି। ଏହି ଅଭିଯୋଗ କରିଛନ୍ତି କେତୁଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିତା ଜେନାଙ୍କ ସମେତ ଚାଷୀ ସତ୍ୟରଞ୍ଜନ ସେଠୀ, ପୁଷ୍ପଲତା ମଲିକ, ଶୈଳବାଳା ଜେନା, ଶଶଧର ଜେନା, ପୁଷ୍ପଲତା ବିଶ୍ୱାଳ, ତନ୍ମୟ ଦାସ, ପ୍ରବୀର ସାମଲ, ନକୁଳ ଦାସ ଓ ସମିତି ଅଧୀନ ଶତାଧିକ ଚାଷୀ ।ସୂଚନା ମୁତାବକ, ଦେସାହି କୃଷି ସେବା ସମବାୟ ସମିତି ଅଧୀନସ୍ଥ ଦେସାହି, କେତୁଆପାଳ ପଞ୍ଚାୟତର ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି ଯେ, ଗତ ବର୍ଷାଋତୁରେ ଲଗାଣ ବର୍ଷା ଓ ୫ ଥର ବନ୍ୟା ଯୋଗୁଁ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ଯାହାକି ଚାଷୀଙ୍କ ବର୍ଷକର ଆହାର ବନ୍ୟା ଛଡ଼ାଇ ନେଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲା। ରବି, ଚିନାବାଦାମ ଓ ପନିପରିବା ଫସଲ ପାଇଁ ସେପ୍ଟେମ୍ବର ମାସରେ ଋଣ କରି ଜମା ଖାତାରେ ଅର୍ଥ ରହିଛି। ଅଥଚ ସେମାନେ ବ୍ୟାଙ୍କରୁ ଟଙ୍କା ଉଠାଇ ପାରୁନାହାନ୍ତି। ଫଳରେ ଚାଷ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବତନ ସରପଂଚ ରଶ୍ମିତା ଜେନାଙ୍କ ନେତୃତ୍ୱରେ ବହୁ ଚାଷୀ ଗତ ନଭେମ୍ବର ମାସ ୧୦ ତାରିଖ ଦିନ କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ସିଓଙ୍କୁ ଅବଗତ କରାଇଥିଲେ। ସପ୍ତାହେ ମଧ୍ୟରେ ଚାଷୀଙ୍କ ଖାତାକୁ ଟଙ୍କା ଯିବ ବୋଲି ଆଶ୍ୱାସନା ଦେଇଥିଲେ। ମାସେ ବିତିଯାଇଥିଲେ ମଧ୍ୟ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଚାଷୀ ନୟାନ୍ତ ହେଲେଣି। ଚାଷୀଙ୍କ ପ୍ରତି ସମିତିର ଏ ଅବ୍ୟବସ୍ଥାକୁ ନେଇ ବହୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଗାମୀ ଏକ ସପ୍ତାହ ମଧ୍ୟରେ ଅର୍ଥ ପ୍ରଦାନ ନ କଲେ କଟକ ନିମିଚୌଡିସ୍ଥ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବେ ବୋଲି ପୂର୍ବତନ ସରପଞ୍ଚ ଶ୍ରୀମତୀ ଜେନାଙ୍କ ସମେତ ସଂପୃକ୍ତ ଚାଷୀ ଚେତାବନୀ ଦେଇଛନ୍ତି।

## ବିଜ୍ଞାନମେଳାରେ ୮୫ ପ୍ରକଳ୍ପ ପ୍ରଦର୍ଶିତ

ମାର୍ଶାଘାଇ,୧୪।୧୨(ସମିସ): ମାର୍ଶାଘାଇ ବ୍ଲକ ଶାସନିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଯୁବବୈଜ୍ଞାନିକ ଭାବେ ଗଢ଼ି ତୋଳିବାକୁ କୁନି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଜ୍ଞାନମେଳା ସୁଯୋଗ ସୃଷ୍ଟି କରିପାରୁଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ.ପ୍ରଭାତ ରଞ୍ଜନ ଲେଙ୍କା ମତବ୍ୟକ୍ତ କରିଥିଲେ। ମାର୍ଶାଘାଇବ୍ଲକ ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ବିକ୍ରମାଦିତ୍ୟ ସାହୁ, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ଅନ୍ୟତମ ଏବିଇଓ ହିରଣ୍ୟ କୁମାର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା, ମାର୍ଶାଘାଇ ବ୍ଲକ ନୋଡାଲ ସିଆରସିସି କୈଳାସ ଚନ୍ଦ୍ର ଜେନା, ଶିକ୍ଷକ ପାର୍ଥସାରଥୀ ସାହୁ, ହିରଣ୍ୟ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାଥମିକ ଶିକ୍ଷକ ସଙ୍ଘ(ଏନପିଏସ) ସମ୍ପାଦକ ନିରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଅପରାହ୍ନରେ ଉଦଯାପନୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ପ୍ରସାଦ ଚୌଧୁରୀ, ସମାଜସେବୀ ରାଜକିଶୋର ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ୮୫ଟି ବିଦ୍ୟାଳୟର ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା, ସେଥିରୁ ୭ଟି ପ୍ରକଳ୍ପ ରାଜ୍ୟସ୍ତରକୁ, ୨ଟି ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଏବଂ ୧ଟି ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟକୁ ଉନ୍ନୀତ ହେବାକୁ ଚୟନ ହୋଇଛି। ବ୍ଲକ ପ୍ରାଥମିକ ଶିକ୍ଷକସଙ୍ଘ (ଏନପିଏସ) ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭଗବତୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ପଞ୍ଚୁପାଣ୍ଡବ,୧୪।୧୨(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳା କାନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ କାନନବାଳା ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଏବିଓ ଖଗେଶ୍ୱର ନାୟକ,ସଚ୍ଚିକାନ୍ତ ମିଶ୍ର,ଦେବଦତ୍ତ ଶତପଥୀ,ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ଦାସ ଯୋଗ ଦେଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତା ରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିଲେ ଏବଂ ଶେଷ ଦିନରେ ଉତ୍ତୀର୍ଣ୍ଣ ହୋଇଥିବା ପିଲା ମାନଙ୍କୁ ଅତିଥି ମାନଙ୍କ ଦ୍?ାରା ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି ।ଏହି ଉତ୍ସବରେ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ବାରିକ,ମୋ ସ୍କୁଲର ସଭାପତି ନିରଞ୍ଜନ ଦାସ,କ୍ରୀଡ଼ା ଶିକ୍ଷକ ମୁନା ମଲ୍ଲିକ ଓ ଶିକ୍ଷୟିତ୍ରୀ ରଶ୍ମିତା ସିଂ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସତ୍ୟସାଇ ବାବାଙ୍କ ସତ୍‌ସଙ୍ଗ

ପଟ୍ଟାମୁଣ୍ଡାଇ,୧୪।୧୨(ସମିସ): ଅଳପୁଆ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ଅଳପୁଆ ପାହାନ୍ତାସିଂ ସାହି ଦାମୋଦର ଧଳଙ୍କ ବାସଭବନରେ ଆଧ୍ୟାତ୍ମିକ ପରିବେଶରେ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଷୋଡ଼ଶ ଉପଚାର ପୂଜା, ତ୍ରୟିରୁଦ୍ରମ, ଭଜନ, ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭକ୍ତିମୟ ପରିବେଶରେ ଭଜନ ମଣ୍ଡଳୀର ଆବାହକ ଡମ୍ବରୁଧର ବିଶ୍ୱାଳ, ନାରାୟଣ ଦାଶ, ସୌଦାମିନୀ ପଣ୍ଡା, ସଞ୍ଜୁଲତା ବିଶ୍ୱାଳ, ବାସନ୍ତୀ ସାହୁ, ଭିକାରୀ ବାରିକ, ଆଶୋକ ସାହୁ, ଦୁର୍ଯ୍ୟୋଧନ ସାହୁ, ରତିକାନ୍ତ ଧଳ, ଅକ୍ଷୟ ଧଳ, ନିରଞ୍ଜନ ଧଳ, ସରୋଜ ଧଳ, ହିମାଂଶୁ ସାହୁ, ଅଂଶୁମାନ ଧଳ ପ୍ରମୁଖ ସହାୟତା କରିଥିଲେ। ଚଉଦକୁଲାଟ ସମିତି ଆବାହକ କାରୁଣାନିଧି କର, ମନୋରଞ୍ଜନ ଦାସ, ଭାରତ ସାହୁ, ନରହରି ରାଉଳ, ଇନ୍ଦୁପୁର ସମିତିର ଆବାହକ ବିକ୍ରମ ଜେନା, ସେବା ସଂଯୋଜକ ଦେବାଶିଷ ସାହୁ ଭାଗ ନେଇଥିଲେ।

## ନିଶା ନିବାରଣ ବୈଠକ



ରାଜନଗର,୧୪।୧୨(ସମିସ): ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ବ୍ଲକକୁ ସମ୍ପୂର୍ଣ୍ଣ ନିଶା ନିବାରଣ କରିବା ଲକ୍ଷ୍ୟ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଶା ନିବାରଣ ଅଭିଯାନର ଆବାହକ ଯୁବ ସମାଜସେବୀ ସମୀର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ, ସୈନିକ, ଶିକ୍ଷାବିତ୍, ଯୁବ ସଂଗଠକ, ଗଣମାଧ୍ୟମ ପ୍ରତିନିଧି, କବି, ଗାଳ୍ପିକ ପ୍ରମୁଖ ଯୋଗଦେଇ ନିଶା କବଳିତ ଆଜିର ସଭ୍ୟ ସମାଜ କିଭଳି ବାଟବଣା ହୋଇ ସୁନାର ସୁନ୍ଦର ସଂସାରକୁ ମଶାଣିରେ ପରିଣତ କରି ଅନାଗତ ଭବିଷ୍ୟତ ପିଢ଼ି ପାଇଁ କଳଙ୍କିତ ଅଧ୍ୟାୟ ରଚୁଛନ୍ତି, ଏହାର ମୂଳୋତ୍ପାଟନ କରିବା ପାଇଁ ରାଜନଗର ମାଟିରୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ । ସୁବେଦାର ଗଗନ ସ୍ୱାଇଁ, ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ, କବି ଅଭିରାମ ସାହୁ, ବରିଷ୍ଠ ନାଗରିକ ଦାଶରଥି ଲେଙ୍କା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ବସନ୍ତ ହାତି, ଜଗନ୍ନାଥ ଦାସ, ଶିକ୍ଷାବିତ୍ ମହେଶ୍ୱର ରାଉତ, ସୁରେଶ ଲେଙ୍କା, ଶିବାନନ୍ଦ ରାଉତ ପ୍ରମୁଖ ଯୋଗଦେଇଥିଲେ ।


## ସନାତନ ରାମଦାସଙ୍କ ବାର୍ଷିକ ମହୋତ୍ସବ

**ପଞ୍ଚୁପାଣ୍ଡବ,୧୪।୧୨(ସମିସ):**ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମର ନଣ୍ଡା ପଡ଼ିଆ ଆଶ୍ରମରେ ଗୁରୁ ଗାୟତ୍ରୀ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପୌଷ କୃଷ୍ଣ ଏକାଦଶୀ ଦିନ ସନ୍ଥ ମହାପୁରୁଷ ଶ୍ରୀଶ୍ରୀ ୧୦୮ ଶ୍ରୀସନାତନ ରାମଦାସଙ୍କ ୫ମ ବାର୍ଷିକ ମହୋତ୍ସବ ଉପଲକ୍ଷେ ତ୍ରିଦିନାବକ ଗୁରୁ ଗାୟତ୍ରୀ ମହାଯଜ୍ଞ ଓ ଚବିଶ ପ୍ରହର ନାମଯଜ୍ଞ ବାବା ଦୟାନିଧି ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ପ୍ରତି ସନ୍ଧ୍ୟାରେ ନାମଯଜ୍ଞ, ଯଜ୍ଞାଦି କର୍ମ, ସାଧୁମେଳା, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପ ପୂଜା ଓ ଅଗ୍ନି ସ୍ଥାପନ ଭଳି ବିଭିନ୍ନ କାର୍ଯ୍ୟ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି । ତିନି ଦିନ ଧରି ଆଶ୍ରମକୁ ଛୋଟି, ମଙ୍ଗଳପୁର, ବେଣୀପୁର, ରଘୁଦେଇପୁର, କୁରୁଜଙ୍ଗା ପଞ୍ଚାୟତର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଉତ୍ସବକୁ ଘଣ୍ଟପଦା ଗ୍ରାମବାସୀ ଓ ଗୁରୁକୃପା ଆଶ୍ରମବାସୀ ଭକ୍ତ ସହଯୋଗ କରିଥିଲେ ।

### ବେଣୀପୁର ଘାଟରୁ ଚାଲିଛି ବାଲି ଚୋରାଚାଲାଣ

## ବନ୍ୟା ସମୟରେ ଅଞ୍ଚଳବାସୀଙ୍କୁ ବିରୂପା ବନ୍ଧ ଭୟ

**ପଞ୍ଚୁପାଣ୍ଡବ,୧୪।୧୨(ସମିସ):**



ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବିରୂପା ବାଲିଘାଟରୁ ଚାଲିଛି ଚୋରା ବାଲି ଚାଲାଣ। ଏହି ଘାଟଟି କିଛିବର୍ଷ ହେଲା ନିଲାମ ହୋଇ ନ ଥିବାରୁ ବାଲି ମାଫିଆ ପ୍ରଶାସନ ସହ ଭିତିରିଆ ବୁଝାମଣା କରି ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ବେଣୀପୁର ଗ୍ରାମରେ ୨୦୨୦ ଅଗଷ୍ଟ ମାସରେ ବନ୍ୟା ହୋଇ ବିରୂପା ନଦୀ ବନ୍ଧର ଘାଇ ସୃଷ୍ଟି ହୋଇଥିବାବେଳେ ପାଞ୍ଚଟି ୱାର୍ଡର ପ୍ରାୟ ଦୁଇ ଶହ ଘର ଲୋକେ ପାଣି ଘେରରେ ରହିଥିଲେ। ନଦୀପଠାରୁ ବାଲି ନେଉଥିବାରୁ ବନ୍ଧ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ଏହାକୁ ଆଖି ଆଗରେ ରଖି ଏହି ବାଲିଘାଟରେ ଚୋରା ବାଲି ଚାଲାଣ ଅଭିଯୋଗରେ ଗ୍ରାମରେ ନଦୀକୂଳ ଖାଉଥିବାରୁ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଅବଗତ କରିଥିଲେ। ଏହାର ତଦନ୍ତ କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଡେରାବିଶ ତହସିଲଦାର, ନିକିରାଇ ଥାନା ଅଧିକାରୀ ଓ ବିଭିନ୍ନ ଅଧିକାରୀଙ୍କୁ ନେଇ ବେଣୀପୁର ବାଲିଘାଟକୁ ସିଲ୍ କରିଥିଲେ।

ପୁଣି କିଛିଦିନ ପରେ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ନେଇ ପୁଣି ବାଲି ଚାଲାଣ ଚାଲିଥିଲା। ପ୍ରଶାସନିକ ଅଧିକାରୀଙ୍କ ଦୋମୁହାଁ ନୀତିକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୨୫ ଦିନ ତଳେ ଚୋରା ବାଲି ଚାଲାଣ ହେଉଥିବାବେଳେ ନିକିରାଇ ଥାନା ପକ୍ଷରୁ ଚାରୋଟି ଟ୍ରାକ୍ଟର ସହ ଚାଳକକୁ ଜବତ କରି କୋର୍ଟ ଚାଲାଣ କରିଥିଲା । ଏ ପର୍ଯ୍ୟନ୍ତ ଟ୍ରାକ୍ଟର ମୁକୁଳି ନ ଥିବାବେଳେ ଅନ୍ୟ ଗାଡ଼ି ବାଲା ରାତି ଚାରିଟା ବେଳୁ ସକାଳ ଅଫିସ ଖୋଲିବା ପର୍ଯ୍ୟନ୍ତ ଏବଂ ଶନିବାର ଓ ରବିବାର ଛୁଟି ଦିନରେ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଚୋରା ବାଲି ଚାଲାଣ କରୁଥିବା ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ କର୍ମଶାଳା



ଡେରାବିଶ,୧୪।୧୨(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କୀତ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିଲା ବେଳେ ଅଧ୍ୟାପିକା ସୁକନ୍ୟା ମହାନ୍ତି ସଭା ସଂଯୋଜନା କରିଥିଲେ। ଅତିଥିଭାବରେ ଡେରାବିଶ ବ୍ଲକ ସିଡ଼ିପିଓ ହରପ୍ରିୟା ଦେବୀ, ଏଲପିଓ ବିବେକାନନ୍ଦ ଅତବୁଦ୍ଧି, ଆଇସିଡିଏସ୍ ସୁପରଭାଇଜର ମନୋରମା ଓଝା, ରୁନା ଓଝା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଶୁଙ୍କର ସୁରକ୍ଷା ସଠିକ୍ ଢ଼ଙ୍ଗରେ ହେଲେ ସମାଜକୁ ରକ୍ଷା କରାଯାଇପାରିବ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଶଶିଭୂଷଣ ଯେନା ଓ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ଶିଶୁ ସୁରକ୍ଷା ସମ୍ପର୍କୀତ ଏକ ନାଟିକା ପରିବେଶଣ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ଦିବ୍ୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରତାପ କୁମାର ଜେନା, ଅଧ୍ୟାପିକା ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ, ମନିଷା ମହାରଣା, ମନିଷା ଦାସ, ଶାଶ୍ୱତୀପ୍ରଜ୍ଞା ସାହୁ, ଲୋପାମୁଦ୍ରା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ମହାକାଳପଡ଼ା,୧୪।୧୨(ସମିସ): ମହାକାଳପଡ଼ା ବ୍ଲକ୍ ଅଧୀନ ରାଜଗଡ଼ ପଞ୍ଚାୟତ ଅନ୍ତର୍ଗତ ନଛିପଡ଼ା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୁଣା ଲୁହା ଖୁଣ୍ଟର ମୂଳ କଳଙ୍କି ଲାଗି କଣା ହୋଇଯାଇଥିବା ଦେଖିବାକୁ ମିଳିଛି। କେତେବେଳେ ଯେ ଅଘଟଣ ଘଟିବ, ତାହାକୁ ନେଇ ଗ୍ରାମର ଲୋକେ ଆଶଙ୍କାରେ ପଡିଛନ୍ତି। ଏ ନେଇ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ବିଦ୍ୟୁତ୍ କର୍ମଚାରୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଯଦି କୌଣସି ଅଘଟଣ ଘଟିବ, ସେଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଲୋକେ କହିଛନ୍ତି।

# ପାରାଦୀପ ଗଡ଼ରେ ଚକ୍ଷୁ ଚିକିତ୍ସା ଶିବିର



ପାରାଦୀପ,୧୪।୧୨(ସମିସ): ଜଗତସିଂହପୁର ଭୂମିକା ଚକ୍ଷୁ ଡାକ୍ତରଖାନା ସହାୟତାରେ ଆଜି ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଭୂମିକା ହସ୍ପିଟାଲ ଜଗତସିଂହପୁରକୁ ନିଆଯାଇଛି। ସେମାନଙ୍କର ଚକ୍ଷୁ ଅସ୍ତ୍ର ପ୍ରଚାର କରାଯିବା ସହିତ ରହିବା, ଖାଇବା ଓ ଯିବା ଆସିବା ଖର୍ଚ୍ଚ ଭୂମିକା ହସ୍ପିଟାଲ ବହନ କରିବ ବୋଲି ହସ୍ପିଟାଲର ମ୍ୟାନେଜ ବୈଲୋଚନ ସ୍ୱାଇଁ କହିଛନ୍ତି। ଏହି ଚକ୍ଷୁ ଚିକିତ୍ସା ଶିବିରକୁ ବିବେକାନନ୍ଦ ବେହେରା ଓ ଶିଳ୍ପା ବେହେରା ପ୍ରୋତ୍ସାହିତ କରିଥିଲା ବେଳେ ଶୁଭଜ୍ୟୋତି ସେଠୀ, ମୌସୁମୀ ମଲ୍ଲିକ, ମଧୁସ୍ମିତା କାଣ୍ଡି, ସୋନି ପ୍ରଧାନ, ପ୍ରଜ୍ଞାପରମିତା ଭୋଇ, ଅଜୟ କୁମାର ଦାସ ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ଚୌଧୁରୀ, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଅଧ୍ୟାପକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ଛାତ୍ରଛାତ୍ରୀଙ୍କ ଧାରଣା, ରାସ୍ତାରୋକ

କୁଜଙ୍ଗ,୧୪।୧୨(ସମିସ):



କୁଜଙ୍ଗ ମହାବିଦ୍ୟାଳୟର ଆଇଟି ଅଧ୍ୟାପକଙ୍କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖା ଦେବା ସହ ଛାତ୍ର ଛାତ୍ରୀ ଧାରଣା ଦେଇ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଗତକାଲି ପାରାଦୀପ ଜିରୋ ପଏଣ୍ଟ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲି ଯାଇଥିଲା କଲେଜ ଅଧ୍ୟାପକ ଅଜୟ ରାଉତଙ୍କ ଜୀବନ। ଆଜି କ୍ଷତିପୂରଣ ଦାବିରେ କୁଜଙ୍ଗ କଲେଜ ଛାତ୍ରଛାତ୍ରୀ ଓ ପରିବାର ପକ୍ଷରୁ କୁଜଙ୍ଗ ସନ୍ତରା ଛକରେ କଟକ ପାରାଦୀପ ରାସ୍ତା ଅବରୋଧ କରି ପ୍ରତିବାଦ କରାଯାଇଛି। ଅଜୟ ନିଜ ସ୍କୁଟିରେ ଘରୁ କୌଣସି କାର୍ଯ୍ୟ ବଶତଃ ପାରାଦୀପକୁ ଯାଉଥିବା ସମୟରେ ଜିରୋ ପଏଣ୍ଟ ନିକଟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ଠିକା ସଂସ୍ଥା ରାସ୍ତାକୁ ବ୍ଲକ କରି ଅନ୍ଧାରୁଆ ସ୍ଥାନ ଦେଇ ଗୋଟିଏ ପଟେ ଗାଡ଼ିକୁ ଯାତାୟାତ କରିବାକୁ ଛାଡିଥିବା ବେଳେ ବିପରୀତ ଦିଗରୁ ଅର୍ଥାତ୍ ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଏକ ଖାଲି ଟ୍ରକ୍ ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତା ସଙ୍କୁଚିତ ହୋଇଥିବାରୁ ଭାରସାମ୍ୟ ହରେଇ ସ୍କୁଟି ଚାଳକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସ୍କୁଟି ଚଳାଉଥିବା ଅଧ୍ୟାପକ ମୃତ୍ୟୁବରଣ କରିଥିଲେ। ଘଟଣାକୁ ନେଇ ଆଜି ସନ୍ତରା ଛକ ଠାରେ ଉତ୍ତେଜନା ଦେଖାଦେଇଛି। କଲେଜ ଛାତ୍ରଛାତ୍ରୀ କଟକ ପାରାଦୀପ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଥିବା ବେଳେ ଘଟଣାସ୍ଥଳରେ ଆଡସିନାଲ୍ ଏସପି, ତିର୍ତ୍ତୋଲ ଏସ୍‌ଡିପିଓ, ତହସିଲଦାରଙ୍କ ସମେତ କୁଜଙ୍ଗ ଥାନା ଅଧିକାରୀ ଓ ଲକ୍ ଥାନା ଅଧିକାରୀ ପହଞ୍ଚି ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

# ବକ୍ତୃତା ପ୍ରତିଯୋଗିତା ଓ କବିତା ପାଠ ଉତ୍ସବ



ବାଲିକୁଦା,୧୪।୧୨(ସମିସ): ବାଲିକୁଦା ବ୍ଲକ କରମଙ୍ଗସ୍ଥିତ ସାରଳା ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶୁଦ୍ରମୁନି ସାରଳା ଦାସଙ୍କ ୬୦୦ତମ ଜନ୍ମ ବାର୍ଷିକ ଅବସରରେ ବୁଦ୍ଧିଜୀବୀ ପରିଷଦ ଜାଗ୍ରତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅନ୍ୱେଷା ମହାନ୍ତି ପ୍ରଥମ ସ୍ଥାନ, ସୁପ୍ରଭା ରାଉତ ଦ୍ୱିତୀୟ ଓ ଅଙ୍କିତା ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠ ଉତ୍ସବରେ ଲକ୍ଷ୍ମୀପ୍ରିୟା ରାଉତ ପ୍ରଥମ, ପାୟଲ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠ ଉତ୍ସବର ସଂଯୋଜନା କବି ପୂର୍ଣ୍ଣାନନ୍ଦ ମହାନ୍ତି କରିଥିବା ବେଳେ କବି ରମେଶ ଚନ୍ଦ୍ର ବହିରା କବିତା ସମୀକ୍ଷା କରିଥିଲେ। ବିଚାରକ ଭାବେ ଅନନ୍ତ ମଲ୍ଲିକ ଓ ଗଙ୍ଗାଧର ଖଟୁଆ ଛାତ୍ରଛାତ୍ରୀଙ୍କ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟଅଧ୍ୟକ୍ଷ ଡ. ଅଜୟକୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ଡ. କବିତା ମିଶ୍ର, ମୁଖ୍ୟବକ୍ତା ଭାବେ ଡ. ସୁପ୍ରଭା ବାରିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଶିକ୍ଷାବିତ୍ ଡ. ବିଷ୍ଣୁ ଚରଣ ସ୍ୱାଇଁ, ମହେଶ କୁମାର ଚୌଧୁରୀ, ଗନ୍ଧର୍ବ ସାଉ, ହୃଷୀକେଶ ଚଇନି ପ୍ରମୁଖ ଯୋଗ ଦେଇ ସାରଳା ଦାସଙ୍କ ସ୍ମୃତିଚାରଣ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କବି କୃଷ୍ଣଚନ୍ଦ୍ର ଦାସ ଙ୍କ ଦ୍ୱାରା ରଚିତ "ଚେନାଏ ଚେତନା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବୁଦ୍ଧିଜୀବୀ ପରିଷଦ ଉପଦେଷ୍ଟା ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ପଦ୍ମଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବାବୁ ଚରଣ ଭୋଲ, ସରୋଜ ନଳିନୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଶୋକ କୁମାର ମହାନ୍ତି, ଆଲୋକ ମିଶ୍ର, ପ୍ରାଚୀତାରା ମୁଦୁଲି, ବୃନ୍ଦାବନ ମିଶ୍ର, ଡ. ବୈଷ୍ଣବ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ।

# ଦୁର୍ଘଟଣା ପୀଡ଼ିତଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ,୧୪।୧୨(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଗ୍ରାମର ରେଳ ଦୁର୍ଘଟଣା ପୀଡ଼ିତ ବିଶ୍ୱଭୂଷଣ ସାହୁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ବିଶ୍ୱଭୂଷଣ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। ଗତ କିଛି ଦିନ ତଳେ ତାଙ୍କର ରେଳ ଦୁର୍ଘଟଣାରେ ଦୁଇଟି ଗୋଡ କଟିଯାଇଛି। ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ। ଅର୍ଥାଭାବରୁ ନିଜର ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ସମ୍ବିତ ଦାସ ପ୍ରମୁଖ ବିଶ୍ୱଭୂଷଣଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ରାହାମାରେ ବାଲ୍ ଶିବିର ଓ ପ୍ରତିଭା ସମ୍ବର୍ଦ୍ଧନା

କୁଜଙ୍ଗ,୧୪।୧୨(ସମିସ): କୁଜଙ୍ଗ ମଣ୍ଡଳ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତାଳପଡା, ରାହାମା ପରିସରରେ ଏକ ବାଲଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ସ୍ମୃତିରଞ୍ଜନ ରାୟ ସାମୂହିକ ଯୋଗ ଓ ପ୍ରାଣାୟାମ କରାଇଥିଲେ। ଏହାପରେ ସମସ୍ତେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହିମାଂଶୁ ଭୂଷଣ ସାହୁଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ସଞ୍ଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥି ଶିବିରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ କୁମାର ଦାସ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଏହି ଶିବିରର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ଅବସର ପ୍ରାପ୍ତ ସେନା ଅଧିକାରୀ ନରୋତ୍ତମ ସେଠୀ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା ଅତିଥିମାନଙ୍କ ସହ ପୁରସ୍କାର ବିତରଣ କରିଥିଲେ। ଅଖା ଦୌଡ଼, ବାଇଗଣ ଦୌଡ଼, ଅମୃତ କଳସ, ସଙ୍ଗୀତ ସମାରୋହ ତଥା ସମାଜଧର୍ମୀ ନାଟକ ପ୍ରଦର୍ଶନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୪୪ ଜଣ ଶିଶୁ ଭାଇ,୧୭ ଜଣ ଗୁରୁଜୀ ଗୁରୁମା, ୪ଜଣ ସେବକ ସେବିକା ଅଂଶ ଗ୍ରହଣ କରିଥିଲେ।



# ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ପକ୍ଷରୁ କ୍ରିକେଟ ମ୍ୟାଚ୍

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗର ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସଂଘର ପୁରାତନ ଓ ନିୟମିତ ଖେଳାଳିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପୁରାତନ ଖେଳାଳି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭର୍ ମଧ୍ୟରେ ୪ ଗୋଟି ୱିକେଟ ବିନିମୟରେ ଦଳ ୧୩୭ ରନ୍ କରିଥିଲା। ଦଳପକ୍ଷରୁ ଦୁର୍ଗା ଦାସ ସର୍ବାଧିକ ୩୭ ରନ୍, ଅଶୋକ ଦାସ ୨୮ ରନ୍ ଓ ପ୍ରକାଶ ଦାଶ ୨୦ ରନ୍ କରିଥିଲେ। ଜୁନିଅର ଟିମ୍ ପକ୍ଷରୁ ରମାକାନ୍ତ ଚୌଧୁରୀ ୨ଟି ୱିକେଟ ନେଇଥିଲେ। ୧୩୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୧୨ ଓଭର୍‌ରେ ୩ ଗୋଟି ୱିକେଟ ହରାଇ ଜୁନିଅର ଟିମ୍ ମ୍ୟାଚ୍ ଟିକୁ ଜିତି ନେଇଥିଲା। ଦଳ ପକ୍ଷରୁ ସୁମିତ ବେହେରା ସର୍ବାଧିକ ୪୦ ରନ୍, ରମାକାନ୍ତ ଚୌଧୁରୀ ଅପରାଜିତ ୩୫ ରନ୍, ବିଶ୍ୱଜିତ୍ ପାଇକରାୟ ୧୫ ରନ୍ କରିଥିଲେ। ପୁରାତନ ଟିମ୍ ପକ୍ଷରୁ ତ୍ରିଲୋଚନ ବେହେରା ୨ଟି ୱିକେଟ ନେଇଥିଲେ। ମ୍ୟାଚ୍ ସରିବା ପରେ ପୁରାତନ ଖେଳାଳିମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀ ନାରାୟଣ ମିଶ୍ର, ଅକ୍ଷୟ ପାତ୍ର, ଅଶୋକ ଦାସ, ଅସୀମ ବାନାର୍ଜୀ, ବଦ୍ରି ମହାନ୍ତି, କୃଷ ବାନାର୍ଜୀ, ଶରତ ସାହୁ, ସିତେଶ ପାଲ ଓ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭାଟିକୁ ସଂଘର ଉପଦେଷ୍ଟା ଶାରଦା ରଣା ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ ରଜନୀକାନ୍ତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏଥିରେ ଅନେକ ପୁରୁଣା ଓ ବର୍ତ୍ତମାନ ଖେଳୁଥିବା କ୍ରିକେଟର ମାନେ ଯୋଗ ଦେଇଥିଲେ। ବିଶେଷକରି ନିଶା ସେବନ ଠାରୁ ଦୂରେଇ ରହି ନିଜକୁ ସୁସ୍ଥ ଓ ନିରୋଗ ରଖିବା ସହିତ ଜୀବନର ପ୍ରକତ ଲକ୍ଷ୍ୟସ୍ଥଳରେ କିପରି ପହଞ୍ଚି ହେବ ତାହାହିଁ ଜୟ ଦୁର୍ଗା ଯୁବ ଓ କ୍ରୀଡା ସଂଘ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବୋଲି ସମ୍ପାଦକ ରଜନୀକାନ୍ତ ଚୌଧୁରୀ କହିଥିଲେ। ଉକ୍ତ ମ୍ୟାଚ୍ ଟିକୁ କ୍ରିଶ ଗ୍ରହଚର୍ଯ୍ୟ, ସାଇକୃଷ୍ଣ ଦାଶ, ଜୟ ମିଶ୍ର, ଟୁଙ୍ଗୁ ଦାଶ, ଗଣେଶ ଦାଶ, କାର୍ତ୍ତିକ ଦାଶ, ଅଭିଜିତ ଚୌଧୁରୀ, ବଖଡ ଦାସ, ଶରତ ଦାସ, ନନ୍ଦ ଦାଶ, ସୌମ୍ୟ ରଂଜନ ସାହୁ, ବାସୁଆ ସାହୁ, ଗୁଡୁ ସାହୁ ,ସନ୍ତୋଷ ସାହୁ ଓ ଅରବିନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।



# ହୃଦ୍‌ଘାତରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ପାରାଦୀପ,୧୪।୧୨(ସମିସ): ପାରାଦୀପ ବନ୍ଦରକୁ ଲୁହାପଥର ଆଣି ଆସିଥିବା ଜଣେ ଟ୍ରକ୍ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ପୁଲିସର ସୂଚନା ଅନୁଯାୟୀ ଟ୍ରକ୍ ଡ୍ରାଇଭର ଗତକାଲି ରାତିରେ ପାରାଦୀପ ଆସି ଜେଏସ୍‌ଡବ୍ଲୁ ପାର୍କିଂରେ ରହିଥିଲା। ଆଜି ସକାଳୁ ପ୍ଲଟର କର୍ମଚାରୀମାନେ ସାଇଟରେ ମାଲ ଅନ୍‌ଲୋଡିଂ ପାଇଁ ଉକ୍ତ ଟ୍ରକ ଡ୍ରାଇଭରକୁ ଡାକିବା ସମୟରେ ଟ୍ରକର ଡୋର କେହି ଖୋଲି ନଥିଲେ। ତେବେ ସନ୍ଦେହରେ ପ୍ଲଟ କର୍ମଚାରୀମାନେ ଡୋର ଖୋଲି ଡ୍ରାଇଭର ଶୋଇଥିବାର ଦେଖିଥିଲେ। ପରେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରାଇଭର ଜଣଙ୍କ ପଶ୍ଚିମବଙ୍ଗର ମୁସାରଫ ହୁସେନ (୪୫) ବୋଲି ଜଣାପଡିଛି। ସେ ବଡ଼ବିଲ ଅଞ୍ଚଳରୁ ସନ୍ତୁକା ଟ୍ରାନ୍ସପୋର୍ଟରୁ ମାଲ ଲୋଡ୍ କରି ପାରାଦୀପ ଆସିଥିଲା। ଖବର ପାଇ ପରିବାର ଲୋକେ ଆସି ପାରାଦୀପରେ ପହଞ୍ଚିଥିଲେ। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦେଶୀ ମଦ ଜବତ; ଜଣେ ଗିରଫ

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ହାଟବଜାର ନିକଟରେ ଚଢ଼ାଉ କରି ୪୯ ବୋତଲ (୯.୮ ଲିଟର) ଦେଶୀ ମଦ ଜବତ କରିଛି ପୋଲିସ। ଏଥି ସହିତ ଚୋରା ମଦ ବେପାରୀ ଗାଲୁପଡାର ରଞ୍ଜନ ଦାସକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ପୂର୍ବତନ ମନ୍ତ୍ରୀଙ୍କ ଜୟନ୍ତୀ







ଏରସମା,୧୪।୧୨(ସମିସ):

ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ଉତ୍ସବ ଏରସମା ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଯଯାତି କେଶରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପୂଜ୍ୟପୂଜା ସଂସଦ ଏରସମାର ସଭାପତି ପଣ୍ଡିତ ନାଗୁଚରଣ ଦେବତା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱର୍ଗତ ରାଉତଙ୍କ କନ୍ୟା ପ୍ରୀତିନନ୍ଦା ରାଉତରାୟ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସଦର ସମ୍ପାଦକ ମହେଶ୍ୱର ସ୍ୱାଇଁ, ସମାଜସେବୀ ଧୀରେନ୍ଦ୍ର ଚୌଧୁରୀ, ପୂର୍ବତନ ସରପଞ୍ଚ ଦୀପ୍ତିରଞ୍ଜନ କୁଁଅର, ତପନ କୁମାର ଗୋଛାୟତ, ବିଜେଡି ଉପସଭାପତି ବିଜୟ ସ୍ୱାଇଁ, ସମାଜସେବୀ ଧ୍ୱଜରାଜ ଖଣ୍ଡୁଆଳ, ବରିଷ୍ଠ ନାଗରିକ ଅରୂପାନନ୍ଦ ସ୍ୱାଇଁ, ଶିକ୍ଷାବିତ୍ ନିମାଇଁ ଚରଣ ମଲ୍ଲିକ, ଅଭୟ କୁମାର ପ୍ରଧାନ, ତୁଷାର କୁମାର ଲେଙ୍କା, କାରୁବାକୀ ନାୟକ, ସୁଷମା ପାତ୍ର, ଦେବେନ୍ଦ୍ର କୁମାର ସେଠୀ, ସ୍ୱର୍ଣ୍ଣଲତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯିବା ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।

**କୁଜଙ୍ଗ:** ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ସମାରୋହ କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ ଷଣ୍ଢପୁର ସ୍ଥିତ ମୁକ୍ତେଶ୍ୱର ମଣ୍ଡପଠାରେ ପାଳିତ ହୋଇଯାଇଛି। ଡାକ୍ତର ଦାମୋଦରରାଉତ ଜୟନ୍ତୀ କମିଟି ପକ୍ଷରୁ ସଭାପତି ଇଂଜିନିୟର ବିକ୍ରମ କେଶରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଶ୍ରମିକ ନେତା ଅରିନ୍ଦମ ସାର୍ଖେଲ୍ (ବାପି) ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଏରସମା ବିଜେଡି ନେତା ପୀତବାସ ଗୋଛାୟତ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, ପୂର୍ବତନ ସରପଞ୍ଚ ସଞ୍ଜୟ ମହାନ୍ତି, ବିଜୟ ଖଟେଇ ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ଦୁଷ୍ମନ୍ତ ମାଝୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ନେତା ଅରୁପ୍ରସାଦ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ଦାମ ବାବୁଙ୍କ ଅନ୍ତରଙ୍ଗ ଓ ପ୍ରାୟ ଚାଳିଶି ବର୍ଷଧରି ତାଙ୍କ ସହଯୋଗୀ ଭାବେ କାମ କରିଥିବା ବିଭିନ୍ନ ପଞ୍ଚାୟତ ମୂରବୀ ହରେକୃଷ୍ଣ ସେଠୀ, ରାଜନ୍ ବେହେରା, ସଞ୍ଜୟ ମହାନ୍ତି, ବିଜୟ ଖଟେଇ ଓ ସମାଜସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରଭାତ ବେହେରା, ପଙ୍କଜ ତରାଇଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରଥମେ କୁଜଙ୍ଗ ବ୍ଲକ ବିଜେଡି ପ୍ରଚାର କମିଟିର ଡ. ରଘୁନାଥ ସାହୁ ନେତୃତ୍ୱରେ କୁଜଙ୍ଗ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପ୍ରଦାନ କରାଯିବା ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ମେଡ଼ିକାଲ ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସୁଧାଂଶୁ ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁଜଙ୍ଗ ପଞ୍ଚାୟତର କଲ୍ୟାଣ ମଣ୍ଡପ ଓ ବ୍ଲକର ଅନ୍ୟାନ୍ୟ ସ୍ଥାନରେ ମଧ ଡାକ୍ତର ଦାମୋଦର ରାଉତଙ୍କ ଜୟନ୍ତୀ ପାଳନ କରାଯାଇଛି।

**ପାରାଦୀପ:** ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ଆଜି ପାରାଦୀପ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ପାଳିତ ହୋଇଯାଇଛି। ଆଜି ପାରାଦୀପରେ ଡ. ରାଉତଙ୍କ ମଜୟନ୍ତୀ ଅବସରରେ ଦଳୀୟ ନେତୃବୃନ୍ଦ ତାଙ୍କର ରାଜନୀତି ଓ ତାଙ୍କର ବ୍ୟକ୍ତିତ୍ୱ ବିଷୟରେ ସ୍ମୃତିଚାରଣ କରିଥିଲେ। ଆଜିର ଏହି ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ବାପି ସର୍ଖେଲ, କୁମରବର ନାୟକ, ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ରଶ୍ମୀରଞ୍ଜନ ପରିଡା, ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର, ସମୀର ବିଶ୍ୱାଳ, ଆଇନଜୀବୀ କୈଳାଶ ସାହୁ, ଅନୁପ ସହାଣୀ, ଲପନ ପରିଡା, ପାରିଷଦ ମନୋଜ ନାୟକ ଓ ପ୍ରଭାତୀ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ତେବେ ଆଜି ଅଠରବାଙ୍କୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସମୟରେ ବିଜୁବାବୁଙ୍କୁ ସ୍ଥାନୀୟ ପ୍ରଶାସନର ଅଣଦେଖାକୁ ନେଇ ବର୍ଷୀଥିଲେ ବିଜେଡି ନେତା। ପାରାଦୀପ ବନ୍ଦରର ବିନ୍ଧାଣିଙ୍କ ପ୍ରତିମୂର୍ତ୍ତିକୁ ଜରାଜୀର୍ଣ୍ଣ ଭାବରେ ରଖାଯିବାକୁ ନାପସନ୍ଦ କରିବା ସହିତ ସ୍ଥାନୀୟ ବନ୍ଦର ଓ ପୌର ପ୍ରଶାସନ ଉପରେ ବର୍ଷୀଥିଲେ।

# ସମୁଦ୍ର ତଟ ସଫେଇ; ମିଳିଲା ବିରଳ ପ୍ରଜାତିର ମାଛ

ପାରାଦୀପ,୧୪।୧୨(ସମିସ): ପାରାଦୀପ କଲେଜ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ପାରାଦୀପ ସମୁଦ୍ର ତଟରେ ଆଜି ୭୬ତମ ସାପ୍ତାହିକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ କଲେଜର ଏନ୍‌ସିସି କ୍ୟାଡେଟ, ଏନସିସି ଆଲୁମିନି ସଦସ୍ୟ ମାନେ ଉତ୍ସାହିତ ଭାବେ ଯୋଗ ଦେଇ ସବୁ ସପ୍ତାହ ଭଳି ଆଜି ରବିବାର ଉପସ୍ଥିତ ହୋଇ ସମୁଦ୍ର ତଟକୁ ପରିଷ୍କାର କରିଥିଲେ।



ଯେହେତୁ ବର୍ତ୍ତମାନ ପର୍ଯ୍ୟଟକ ଋତୁର ଆଗମନ ହୋଇଛି। ତେଣୁ ଏହି ଅଭିଯାନ ସମୟରେ ବହୁ ପରିମାଣର ପ୍ଲାଷ୍ଟିକ ସହ ଅନାନ୍ୟ ସାମଗ୍ରୀ ସଂଗ୍ରହ କରାଯାଇ ଥିଲା। ଜଳଜୀବ ପ୍ରଦୂଷିତ ନହେବା ଲକ୍ଷ୍ୟରେ ସଙ୍ଗଠନ ପ୍ରତ୍ୟକ ସପ୍ତାହର ଗୋଟିଏ ଛୁଟି ଦିନ ରବିବାର ଏପରିକି କରାଯାଉଛି। ଏହି ଅଭିଯାନ ସମୟରେ ଏକ ଦୁର୍ଲଭ ବିରଳ ପ୍ରଜାତିର ପଫର୍ ମାଛ ମରି ପଡିଥିବା ସଦସ୍ୟ ମାନେ ଦେଖିବାକୁ ପାଇଥିଲେ।ଏହି ବିରଳ ପ୍ରଜାତିର ମାଛକୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ମାଟି ତଳେ ପୋତି ଦିଆଯାଇଛି। ନଚେତ ଏହି ସାମୁଦ୍ରିକ ଜୀବଙ୍କୁ ଅନ୍ୟ ପଶୁପକ୍ଷୀମାନେ ଭିଡି ଖାଇବା ସହିତ ପରିବେଶକୁ ଦୂଷିତ କରିଥାନ୍ତି। ଏହି ଘଟଣା ପରାଦୀପ ଉପକୂଳର ସମୃଦ୍ଧ ସାମୁଦ୍ରିକ ଜୀବଙ୍କ ପ୍ରତି ବିପଦକୁ ପ୍ରମାଣ କରେ।

ସକାଳ
THE SAKALA



www. sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୧
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୨,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୯୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



---

**ଅର୍ଥନୀତିକୁ ବିପଦ**

# କମୁଛି ଆୟ, ବଢୁଛି ପରିବାର ଖର୍ଚ୍ଚ

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଅର୍ଥନୀତି ଖୁବ୍ ଜୋରରେ ଆଗକୁ ବଢୁଛି। କ୍ରମାଗତ ଭାବେ ଦୁଇଟି ତ୍ରୈମାସିକରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସରକାରୀ ଆକଳନକୁ ଅତିକ୍ରମ କରିଯାଇଛି। କର୍ପୋରେଟ୍ ଆୟ ଦୃଢ଼ ରହିଥିବାବେଳେ ଆର୍ଥିକବର୍ଷ ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ୮.୨% ରହିବ ବୋଲି କୁହାଯାଉଛି। ହେଲେ ବାସ୍ତବ ଚିତ୍ର ଭିନ୍ନ। ଦେଶର ଅର୍ଥନୀତି ମାନ୍ଦା। ଲୋକଙ୍କ ପାଖରେ ଟଙ୍କା ନାହିଁ। ପକେଟ୍ ଖାଲି। ଗୋଟିଏ ପଟେ ଦରମା ବଢୁ ନାହିଁ, ଅନ୍ୟପଟେ ଦୀର୍ଘ ଦିନ ହେବ ବଜାର ଦର ସହ ଯୁଝି ଯୁଝି ଖାଉଟି ହତାଶ। ଯାହାର ଫଳସ୍ୱରୂପ ଭାରତୀୟ ପରିବାରଗୁଡିକରେ ଖର୍ଚ୍ଚ କରିବାର କ୍ଷମତା କମିବାରେ ଲାଗିଛି। ଏପରି ସ୍ଥିତିରେ ଲୋକେ ଖର୍ଚ୍ଚ କାଟ୍ କରିବାରେ ଲାଗିଛନ୍ତି। ଏମିତିକି ଖର୍ଚ୍ଚ କାଟ୍‌ର ଏହାର ଏକ ସିଧାସଳଖ ପ୍ରଭାବ ପୁରୁଷଙ୍କ ଅନ୍ତଃବସ୍ତ୍ର ବଜାର କ୍ଷେତ୍ରରେ ଦେଖିବାକୁ ମିଳିଛି। ଭାରତରେ ବର୍ତ୍ତମାନର ପ୍ରବଳ ଶୀତ ସମୟରେ ବି ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରି ହ୍ରାସ ଘଟିଛି। ସମ୍ପୂର୍ଣ୍ଣ ୨୦୨୫ରେ ମଧ ମାସ୍ ଓ ମିଡ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିରେ ବିକ୍ରିରେ ବଡ଼ ହ୍ରାସ ଘଟିଥିବା ଏକ ରିପୋର୍ଟରେ କୁହାଯାଇଛି।

ଭାରତୀୟ ମୁଦ୍ରା ଟଙ୍କା ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ତେବେ ଟଙ୍କା ମୂଲ୍ୟ କାହିଁକି ହ୍ରାସ ପାଉଛି ତାହା ଏବେ ପ୍ରଶ୍ନ। ବାସ୍ତବରେ ବଜାର ଚାହିଦା ଏବେ ବି ଦୁର୍ବଳ। ଯାହା ଫଳରେ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପେଉଛି। ଲକ୍ସ

## ଅନ୍ତଃବସ୍ତ୍ର ବିକ୍ରିରେ ବଡ଼ ହ୍ରାସ



ଏବଂ ପେଜ୍ ଇଣ୍ଡଷ୍ଟ୍ରି ଭଳି ଦେଶର ବଡ଼ ଅନ୍ତଃବସ୍ତ୍ର କମ୍ପାନୀଙ୍କ କହିବାନୁଯାୟୀ, ଦୁର୍ବଳ ଚାହିଦା ଯୋଗୁଁ ବିକ୍ରି ମନ୍ଥର ରହିଛି। ମୁଦ୍ରାସ୍ଫୀତି ଏବଂ ଲୋକଙ୍କ ସ୍ୱଳ୍ପ ଦରମା ବୃଦ୍ଧିଯୋଗୁ ବଜାର ଚାହିଦା ପ୍ରଭାବିତ। କରୁଛି। କମ୍ପାନୀଗୁଡ଼ିକର ସେୟାର ମଧ ହ୍ରାସ ପାଇଛି। ବିଶେଷକରି ନିମ୍ନ ଆୟକାରୀ ଗୋଷ୍ଠୀର ଲୋକମାନେ ବର୍ତ୍ତମାନ ସମୟରେ ପ୍ରବଳ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଏହା ମାସ୍ ଏବଂ ମିଡ୍ ପ୍ରିମିୟମ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ପ୍ରଭାବିତ କରିଛି। ଏଥିଯୋଗୁ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀଗୁଡିକ ପ୍ରଚୁର ରାଜସ୍ୱ ହାନୀର ଶିକାର ହୋଇଛନ୍ତି। ଲକ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜକିର ବିତରକ ପେଜ୍ ଇଣ୍ଡଷ୍ଟ୍ରିଜ୍ ଉଭୟ ଏହି ବର୍ଗରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ବିକ୍ରି ହ୍ରାସ ପାଇଥିବା ରିପୋର୍ଟ କରିଛନ୍ତି। ଏଥିଯୋଗୁ ଦେଶର ପ୍ରମୁଖ ଅନ୍ତଃବସ୍ତ୍ର କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ହ୍ରାସ ଘଟିଛି। ଏଠାରେ ସୂଚନାଯୋଗ୍ୟ ଯେ, ପୁରୁଷମାନଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ସାଧାରଣତଃ ଦେଶର ଆର୍ଥିକ ସ୍ୱାସ୍ଥ୍ୟର ସୂଚକ ଭାବରେ ବିବେଚନା କରାଯାଏ। କାରଣ ଅନ୍ତଃବସ୍ତ୍ର ପରି ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକର ପରିବର୍ତ୍ତନରେ ବିଳମ୍ବ ଲୋକଙ୍କ ଆର୍ଥିକ ସତର୍କତାକୁ ପ୍ରତିଫଳିତ କରେ।

ମହାମାରୀ ପରବର୍ତ୍ତୀ ବର୍ଷଗୁଡ଼ିକରେ ଶିଳ୍ପରେ ଅଭିବୃଦ୍ଧି ଦୁଇ ଅଙ୍କ ରହିଥିଲା। ପୂର୍ବରୁ ମୁଦ୍ରାସ୍ଫୀତି ଖୁବ୍ ଅଧିକ ରହିଥିବାବେଳେ ବିକ୍ରି ଭଲ ରହିଥିଲା। ହେଲେ ବର୍ତ୍ତମାନ ମୁଦ୍ରାସ୍ଫୀତି କମ୍ ରହିଥିଲେ ବି ଲୋକଙ୍କ ଆୟ ନ ଥିବାରୁ ବିକ୍ରି ମାନ୍ଦା। ପେଜ୍ ଇଣ୍ଡଷ୍ଟ୍ରିଜ୍ ସିଇଓ କାର୍ତ୍ତିକ ଯତୀନ୍ଦ୍ର କହିଛନ୍ତି ଯେ ଖର୍ଚ୍ଚ ହ୍ରାସ କରିବାକୁ ଲୋକଙ୍କ ଉପରେ ଚାପ ରହିଛି, ଯାହା ବିଶେଷ ଭାବରେ ଏଣ୍ଟ୍ରି ଲେବଲ ଗ୍ରାହକଙ୍କଠାରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଏହାର ଅର୍ଥ ହୋଇପାରେ ଯେ ନିମ୍ନ ବର୍ଗରୁ ନୂତନ ଗ୍ରାହକ ହାସଲ କରିବାର ଗତି ଆମ ଆଶା ଅପେକ୍ଷା ମନ୍ଥ ହୋଇଯାଇଛି। ଏହା ସ୍ପଷ୍ଟ ଭାବରେ ଆଉ ଏକ ସଙ୍କେତ ଦେଉଛି ଯେ, ଲୋକମାନେ ସେମାନଙ୍କ ପକେଟ୍‌ରୁ ଖର୍ଚ୍ଚ କରିବାରେ ଅଧିକ କଠୋର ହେଉଛନ୍ତି। ସେ କହିଛନ୍ତି ଯେ, ଆମେ ପ୍ରାୟ ୩.୫ ବର୍ଷ ଧରି ଆମର ଉତ୍ପାଦ ମୂଲ୍ୟରେ ପରିବର୍ତ୍ତନ କରିନାହୁଁ। ଏହାର ଅର୍ଥ ହେଉଛି ଏତେ ମୁଦ୍ରାସ୍ଫୀତି ସତ୍ତ୍ୱେ, ଆମର ଉତ୍ପାଦଗୁଡ଼ିକ କିଛି ବର୍ଷ ପୂର୍ବେ ଯେପରି ସୁଲଭ ଥିଲା ଆଜି ମଧ ସେହିପରି ଅଛି।

# ୨୦୨୫ରେ ଏଫ୍‌ଆଇଆଇ ବୁଡ଼ାଇଲେ ଷ୍ଟକ୍ ବଜାର

## ପ୍ରତି ଘଣ୍ଟାରେ ଉଠାଇନେଲେ ୧୫୨ କୋଟିର ପାଣ୍ଠି

ମୁମ୍ବଇ,୧୪।୧୨(ଏଜେନ୍ସି): ୨୦୨୫ ମସିହାରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫଆଇଆଇ)ମାନଙ୍କ ଦ୍ୱାରା ପ୍ରବଳ ବିକ୍ରି ସତ୍ତ୍ୱେ ଭାରତୀୟ ବଜାରଗୁଡ଼ିକ ମଜବୁତ ରହିଛି। ଘରୋଇ ନିବେଶକମାନଙ୍କ ଦ୍ୱାରା ଜାରି ରହିଥିବା ଏସଆଇପି ନିବେଶ ଚାପକୁ କମ୍ କରିଛି। ପ୍ରାଥମିକ ବଜାରରେ ବିଦେଶୀ ନିବେଶ ସହିତ ଦ୍ୱିତୀୟ ବଜାରରେ ବିକ୍ରୟ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧି ପ୍ରତି ବିଶ୍ୱାସକୁ ପ୍ରତିଫଳିତ କରେ। ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ସବୁଠାରୁ ଦ୍ରୁତ ଗତିରେ ଭାରତୀୟ ସେୟାର ବିକ୍ରି କରୁଛନ୍ତି। ୨୦୨୫ ମସିହାରେ ଏ ପର୍ଯ୍ୟନ୍ତ ଏଫଆଇଆଇମାନେ ପ୍ରତି ବ୍ୟବସାୟ ଘଣ୍ଟାରେ ହାରାହାରି ପ୍ରାୟ ୧୫୨ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ଏହା ସତ୍ତ୍ୱେ, ଘରୋଇ ସଂସ୍ଥାଗତ ନିବେଶକମାନେ (ଡିଆଇଆଇ) ଏସ୍‌ଆଇପି ମାଧ୍ୟମରେ ନିରନ୍ତର ପ୍ରବେଶ ସହିତ ଏହି ଚାପକୁ ପୂରଣ କରିଛନ୍ତି। ଏଫଆଇଆଇମାନେ ଚଳିତ ବର୍ଷେ ମାଧ୍ୟମିକ ବଜାର ମାଧ୍ୟମରେ ୨.୨୩ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭାରତୀୟ ସେୟାର ବିକ୍ରି କରିଛନ୍ତି। ବାଣିଜ୍ୟ କ୍ୟାଲେଣ୍ଡର ଉପରେ ଆଧାର କରି ଏହା ପ୍ରତି ବ୍ୟବସାୟ ଦିନ ପ୍ରାୟ ୯୦୦ କୋଟି ଟଙ୍କା କିମ୍ବା ଘଣ୍ଟା ପ୍ରତି ପ୍ରାୟ ୧୫୨ କୋଟି ଟଙ୍କା ନିଟ୍ ବିକ୍ରି ସହିତ ସମାନ। ଏହି ନିରନ୍ତର ବିକ୍ରି ସତ୍ତ୍ୱେ, ପ୍ରମୁଖ ସୂଚକାଙ୍କଗୁଡ଼ିକ ଦୃଢ଼ ରହିଛି। ଡିସେମ୍ବରରେ ସମାନ ଧାରା ପରିଲକ୍ଷିତ ହୋଇଥିଲା। ଚଳିତ ମାସ ଏ ପର୍ଯ୍ୟନ୍ତ ପ୍ରତ୍ୟେକ ବାଣିଜ୍ୟ ଦିବସରେ ଏଫଆଇଆଇମାନେ ବିନିମୟ ମାଧ୍ୟମରେ ପ୍ରାୟ ୧୫,୯୫୯ କୋଟି ଟଙ୍କା ମୂଲ୍ୟର ସେୟାର ବିକ୍ରି କରୁଛନ୍ତି। ଏହି ସମୟରେ, ଘରୋଇ ସଂସ୍ଥାଗତ ନିବେଶକମାନେ ଏହି ସମୟ ମଧ୍ୟରେ ପ୍ରାୟ ୩୯,୩୬୫ କୋଟି ଟଙ୍କା ମୂଲ୍ୟର ସେୟାର କିଣିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଭାରତୀୟ ବଜାରରେ ଏକ ସ୍ଥାୟୀ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହି ଶକ୍ତିର ଏକ ପ୍ରମୁଖ କାରଣ ହେଉଛି ଖୁଚୁରା ନିବେଶକଙ୍କଠାରୁ ମ୍ୟୁଚୁଆଲ୍ ଫଣ୍ଡକୁ ପାଣ୍ଠିର ନିରନ୍ତର ପ୍ରବେଶ, ବିଶେଷକରି ସିଷ୍ଟମେଟିକ୍ ନିବେଶ ଯୋଜନା (ଏସ୍‌ଆଇପି) ମାଧ୍ୟମରେ। ତଥାପି, ପ୍ରଶ୍ନ ହେଉଛି ବିଦେଶୀ ନିବେଶକମାନେ କେତେ ସମୟ ପର୍ଯ୍ୟନ୍ତ ବିକ୍ରୟ ଜାରି ରଖିବେ, ବିଶେଷକରି ଯେତେବେଳେ ଭାରତର ଅଭିବୃଦ୍ଧି ସମ୍ଭାବନା ଦୃଢ଼ ଦେଖାଯାଉଛି ଏବଂ ରୋଜଗାର ବୃଦ୍ଧି ପାଇବାର ଆଶା କରାଯାଉଛି।

ଏ ସମ୍ପର୍କରେ ଜିଓଜିତ ଇନଭେଷ୍ଟମେଣ୍ଟର ମୁଖ୍ୟ ନିବେଶ ରଣନୀତିଜ୍ଞ ଭିକେ ବିଜୟକୁମାରଙ୍କ ଅନୁଯାୟୀ, ଗତ ତିନି ମାସ ଧରି ପ୍ରତି ମାସରେ ଏସଆଇପି ନିବେଶ ୨୯,୦୦୦ କୋଟି ଟଙ୍କାରୁ ଅଧିକ ପାଉଛନ୍ତି।

---

# ଆଇଏମଆଇ ଭୁବନେଶ୍ୱରର ବାର୍ଷିକ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର, ୧୪।୧୨(ସମିସ): ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ଏହାର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ପିଜି ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଏବଂ ଫେଲୋ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ଏଫପିଏମ୍)ର ସ୍ନାତକ ଛାତ୍ରଛାତ୍ରୀଙ୍କ ସମେତ ୧୯୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନିଶାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ଭତ୍ସା ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଇଏମ୍‌ଆଇର ଡାଇରେକ୍ଟର ଜେନେରାଲ ଡ. ହିମାଦ୍ରି ଦାସ ଏଥିରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବ ପରଖଙ୍କୁ ତାଙ୍କ ଶିକ୍ଷାଗତ ରେକର୍ଡ ଏବଂ କ୍ୟାମ୍ପସ ଜୀବନର ଅବଦାନ ପାଇଁ ସ୍ୱର୍ଣ୍ଣ ପଦକ ସହିତ ଡଃ ରାମା ପ୍ରସାଦ ଗୋଏଙ୍କା ଶ୍ରେଷ୍ଠ ଛାତ୍ର ମେଡାଲ ପ୍ରଦାନ କରାଯାଇଥିଲା। ଦର୍ଶନା ମିଶ୍ରଙ୍କୁ ତାଙ୍କ ଶିକ୍ଷାଗତ ସଫଳତା ପାଇଁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଆଇଏମ୍‌ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡଃ. ପି ସି ବିଶ୍ୱାଳ ସମାବେଶକୁ ସମ୍ବୋଧିତ କରିବା ସହ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଉଦ୍ଦେଶ୍ୟବୋଧ ସହିତ ଉଦ୍ଭାସିତ ପ୍ରତିଭାବାନ ଯୁବ ବୃତ୍ତିଗତଙ୍କୁ ନେଇ ଗର୍ବ ଅନୁଭବ କରିଥିଲେ।

# ୧.୫୭ ବିଲିୟନ ୟୁନିଟ୍ ସବୁଜ ଶକ୍ତି ବ୍ୟବହାର କଲା ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର, ୧୪।୧୨(ସମିସ): ବେଦାନ୍ତ ଆର୍ଥିକବର୍ଷ ୨୫ରେ ୧.୫୭ ବିଲିୟନ ୟୁନିଟ୍ ନବୀକରଣୀୟ ଶକ୍ତି ବ୍ୟବହାର କରିଛି, ଯାହା ଏହାର ୨୦୩୦ ଡିକାର୍ବନାଇଜେସନ୍ ରୋଡମ୍ୟାପ୍ ରେ ଏକ ପ୍ରମୁଖ ପଦକ୍ଷେପ। ଏହାସହିତ, ବେଦାନ୍ତ ଆଲୁମିନିୟମ ଆର୍ଥିକବର୍ଷ ୨୧ ପରଠାରୁ ଜିଏଚଜି-ନିର୍ଗମନ ତୀବ୍ରତାରେ ୮.୯୬% ହ୍ରାସ ରିପୋର୍ଟ କରିଛି, ୧,୫୦୦ ଗଡ ନବୀକରଣୀୟ ଶକ୍ତି ଉତ୍ସ ପାଇଁ ଏହାର ଦୀର୍ଘକାଳୀନ ଯୋଜନାକୁ ସୁଦୃଢ଼ କରିଛି। ସମଗ୍ର କାର୍ଯ୍ୟରେ ଶକ୍ତି-ଦକ୍ଷତା ପ୍ରକଳ୍ପଗୁଡ଼ିକୁ ବୃଦ୍ଧି କରିବା ଜାରି ରଖିଛି, ଭାରତର କମ-କାର୍ବନ ଉତ୍ପାଦନ ପରିବର୍ତନରେ ଏହାର ନେତୃତ୍ୱକୁ ସ୍ପଷ୍ଟ କରିଛି। ଆର୍ଥିକବର୍ଷ୨୫ ରେ, ବେଦାନ୍ତ ଆଲୁମିନିୟମ ଦୀର୍ଘକାଳୀନ ନବୀକରଣୀୟ ଶକ୍ତି-କ୍ରୟ ଚୁକ୍ତିନାମା ମାଧ୍ୟମରେ ଏହାର ନବୀକରଣୀୟ-ଶକ୍ତି ପୋର୍ଟଫୋଲିଓକୁ ବିସ୍ତାର କରିଛି, ସ୍ୱଚ୍ଛ ଶକ୍ତିକୁ ଏହାର କାର୍ଯ୍ୟକ୍ଷମ ରଣନୀତିର ଏକ କେନ୍ଦ୍ରୀୟ ସ୍ତମ୍ଭ ଭାବରେ ସ୍ଥାନିତ କରିଛି। ବେଦାନ୍ତ ଆଲୁମିନିୟମ ଶକ୍ତି ସଂରକ୍ଷଣ, ପ୍ରକ୍ରିୟା ଅପ୍ଟିମାଇଜେସନ୍, ଡିଜିଟାଲ୍ ହସ୍ତକ୍ଷେପ ଏବଂ ସମ୍ବଳ ଦକ୍ଷତା କ୍ଷେତ୍ରରେ ମଧ ଯଥେଷ୍ଟ ଅଗ୍ରଗତି କରିଛି।

**ୟୁପିଆଇ ଟ୍ରାଞ୍ଜାକ୍ସନ୍ ତଥ୍ୟ**

# ୭୬% କାରବାର ୨୦୦ ଟଙ୍କାରୁ କମ୍

## ୭୪% ଯୁବବର୍ଗ ମାସିକ ୫୦ରୁ ଅଧିକ ଡିଜିଟାଲ ପେମେଣ୍ଟ କରୁଛନ୍ତି

ନୂଆଦିଲ୍ଲୀ,୧୪।୧୨(ଏଜେନ୍ସି): ପୂର୍ବରୁ ଯୁବ ବର୍ଗମାନେ ଗେଜେଟ୍ ଓ ଜୀବନଶୈଳୀ(ଲାଇଫ୍ ଷ୍ଟାଇଲ୍) ଉପରେ ବେଶ୍ ବ୍ୟୟ କରୁଥିଲେ। ଅର୍ଥାତ୍ ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଓ ଲାପ୍‌ଟପ୍ ଓ ଭଳି କି ଭଳି ପୋଷାକପତ୍ର ଭଳି ଗେଜେଟ୍‌ରେ ଅର୍ଥ ଖର୍ଚ୍ଚ। ହେଲେ ବର୍ତ୍ତମାନ ସମୟର ଯୁବ ବର୍ଗଙ୍କ ନିକଟରେ ଖର୍ଚ୍ଚ କରିବାର ଶୈଳୀ ବଦଳିଯାଇଛି। ହେଲେ ଏବେକାର ପିଲାମାନେ ଫୋନ, ପୋଷାକପତ୍ର, ମହଙ୍ଗା ଗେଜେଟ୍ କଥା ଭୁଲି ଯାଉଛନ୍ତି। ସେମାନେ ସେମାନଙ୍କ ପଇସାକୁ ପୁରା ଅଲଗା ଅଲଗା କ୍ଷେତ୍ରରେ ଖର୍ଚ୍ଚ କରୁଥିବା ଜଣାପଡିଛି। ବର୍ତ୍ତମାନର ଯୁବବର୍ଗ ଅଧିକାଂଶ ଅର୍ଥ ଖାଇବା ବାବଦରେ କରୁଥିବା ଜଣାପଡିଛି। ନିକଟରେ ଆସିଥିବା ଏକ ରିପୋର୍ଟରେ ୟୁପିଆଇ କାରବାର ସମ୍ପର୍କରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ମିଳିଛି।

ଏହି ରିପୋର୍ଟରେ ୩୦ ବର୍ଷରୁ କମ୍ ବୟସ୍କ ୭୨% ଯୁବବର୍ଗ ଦୈନିକ କେଉଁ ସବୁ ଖର୍ଚ୍ଚ କରୁଛନ୍ତି ତାର ସୂଚନା ମିଳିଛି। ରିପୋର୍ଟରୁ ଜଣାପଡିଛି ଯେ ୭୪% ଯୁବ ପିଢି ମାସିକ ୫୦ରୁ ଅଧିକ ଡିଜିଟାଲ ପେମେଣ୍ଟ କରୁଛନ୍ତି। ଏଥିରେ ଅନେକଙ୍କ ଡିଜିଟାଲ ପେମେଣ୍ଟ ସଂଖ୍ୟା ୨୦୦ ପାର କରିଯାଉଛି। ଏମାନଙ୍କ ଲାଗି ୟୁପିଆଇ ଏବେ ଜରୁରୀ ଆବଶ୍ୟକତା ପାଲଟିଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୭୬% ଟ୍ରାଞ୍ଜାକ୍ସନ ୨୦୦ ଟଙ୍କାରୁ କମ୍‌ର ହେଉଛି। ଆଜିକା ସମୟରେ ଯୁଥଙ୍କ ଅସଲି ଖର୍ଚ୍ଚ ଚା, ସମୋସା, ଗ୍ରୋସରୀ ସମ୍ପର୍କିତ ଛୋଟମୋଟ ସାମଗ୍ରୀ, ରିଚାର୍ଜ ଓ ଷ୍ଟ୍ରିଟ ଫୁଡରେ ହେଉଛି। ୟୁପିଆଇ କାରବାର ଇତିହାସରୁ ରାତି ୧୨ରୁ ସକାଳ ୬ଟା ମଧ୍ୟରେ ପ୍ରାୟ ଟ୍ରାଞ୍ଜାକ୍ସନ ଫୁଡ ଡେଲିଭରୀ ଲାଗି ହେଉଛି। ଏହା ପରେ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଗ୍ରୋସରୀ ଓ ସୁପରମାର୍କେଟରେ ଟ୍ରାଞ୍ଜାକ୍ସନ ପିକ୍ ରେ ରହୁଛି। ଖାସ କରି ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ସହରାଞ୍ଚଳମାନଙ୍କରେ ଲୋକେ ସକାଳୁ ସକାଳୁ ସପ୍ତାହକର ରାସନ କିଣି ନେଉଥିବାର ଜଣାପଡିଛି। ସବୁ ସପ୍ତାହରେ ସବୁଠୁ ଅଧିକ ୟୁପିଆଇ ପେମେଣ୍ଟ ଏହି ସମୟରେ ହେଉଛି। ଏହି ସମୟରେ ଯୁବବର୍ଗ ପିଜା, ବର୍ଗର, ମୁଭି ଟିକେଟ୍, ସାଙ୍ଗସାଥୀଙ୍କ ସହ ପାର୍ଟିରେ ସବୁଠୁ ଅଧିକ ଖର୍ଚ୍ଚ କରୁଛନ୍ତି। ରିପୋର୍ଟରୁ ଏହା ବି ଜଣାପଡିଛି ଯେ ୪୫% ଯୁଥ ପ୍ରଥମ ଥର କ୍ରେଡିଟ କାର୍ଡ ଜଗତରେ ପାଦ ଥାପିଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଏଫଡି ସିକ୍ୟୋର୍ଡ କାର୍ଡ ନେଉଛନ୍ତି। ଏହାର ଅର୍ଥ ହେଉଛି ପ୍ରଥମେ ଆପଣ ପଇସା ଜମା କରନ୍ତୁ ଓ ତା ପରେ ମନଇଛା ଖର୍ଚ୍ଚ କରନ୍ତୁ। ଏବେକା ଯୁଥ ବେଶ ବୁଝିବା ସୁଝିବାର ଓ ସେମାନେ ଋଣ ବା ଲୋନର ଝିନଝଟରେ ଫଶିବାକୁ ଚାହୁଁନାହାନ୍ତି। ଅର୍ଥାତ ଆଜିର ଯୁବ ବର୍ଗ ଛୋଟଛୋଟ ଖର୍ଚ୍ଚରେ ସେମାନଙ୍କ ଖୁସି ଖୋଜୁଛନ୍ତି। ଏମାନେ ରାତିରେ ବିରିୟାନୀ ଅର୍ଡର କରୁଛନ୍ତି ସକାଳେ ପରିବା କିଣୁଛନ୍ତି। ଏବେ ଗେଜେଟ ଓ ପୋଷାକ ଉପରେ ଯୁବବର୍ଗଙ୍କ ଖର୍ଚ୍ଚ ପୁରଣା କଥା ହୋଇଗଲାଣି।

**ରାତି ୧୨ରୁ-ସକାଳ ୬ଟା ଅଧିକାଂଶ କାରବାର ଫୁଡ ଡେଲିଭରୀ**

**୪୫% ପିଲା ପ୍ରଥମ ଥର କ୍ରେଡିଟ କାର୍ଡ ନେଇଛନ୍ତି**

---

# ଶ୍ୟାମ ମେଟାଲିକ୍ସର ଏସଇଏଲ ଟାଇଗର ରୁଫିଂ ଶୀଟ୍ସ ରେଞ୍ଜ



ଭୁବନେଶ୍ୱର,୧୪।୧୨(ସମିସ): ଭାରତର ଏକ ନେତୃତ୍ୱଶୀଳ ସଂଯୁକ୍ତ ଧାତୁ ଉତ୍ପାଦକ କମ୍ପାନୀ, ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍ (ଏସଏମଇଏଲ) ପକ୍ଷରୁ ଏହାର ପ୍ରିମିୟମ୍ ରୁଫିଂ ରେଞ୍ଜ ଏସଇଏଲ୍ ଟାଇଗର୍ ରୁଫିଂ ଶୀଟ୍ସ ର ଶୁଭାରମ୍ଭ କରାଯାଇଛି। ଏହାର ଫ୍ଲାଗଶିପ ବ୍ରାଣ୍ଡ ଏସଇଏଲ୍ ଟାଇଗର୍ ଅନ୍ତର୍ଗତ, କମ୍ପାନୀ ଓଡ଼ିଶାର ଆହ୍ୱାନପୂର୍ଣ୍ଣ ପାଣିପାଗ ଅବସ୍ଥାନୁସାରେ ତିନୋଟି ନୂତନ ଉତ୍ପାଦ ଯଥା ଏସଇଏଲ ଟାଇଗର ରୟାଲ, ଏସଇଏଲ ଟାଇଗର ଏଲିଟ, ଏବଂ ଏସଇଏଲ ଟାଇଗର ଆଲ୍ଟ୍ରାର ଶୁଭାରମ୍ଭ କରିଛି। ପ୍ରତ୍ୟେକ ଉତ୍ପାଦକୁ ଶକ୍ତି, ସ୍ଥାୟୀତ୍ୱ ଏବଂ ଷ୍ଟାଇଲର ମିଶ୍ରଣ କରି ପ୍ରସ୍ତୁତ କରାଯାଇଛି, ଯାହା ଘରମାଲିକ, ବିଲ୍ଡର ଏବଂ କଣ୍ଟ୍ରାକ୍ଟରମାନଙ୍କ ପାଇଁ ଉପଯୁକ୍ତ। ସେମାନେ ଏକ ଦୀର୍ଘସ୍ଥାୟୀ ରୁଫିଂ ସମାଧାନ ଖୋଜୁଥିବା ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡର ସିଓଓ ନିର୍ମଳ ଉଦୟ କହିଛନ୍ତି।

# ବଦଳିବ ଜିଡିପି ମାପିବାର ପଦ୍ଧତି

ନୂଆଦିଲ୍ଲୀ,୧୪।୧୨: ନୂଆ ବର୍ଷରେ ସକଳ ଘରୋଇ ଉତ୍ପାଦ (ଜିଡିପି, ଆଇଆଇପିଠାରୁ ଆରମ୍ଭ କରି ଖୁଚୁରା ମୁଦ୍ରାସ୍ଫୀତି ହାରର ମୂଳ ବର୍ଷ (ବେସ୍ ଇୟର) ବଦଳିବାକୁ ଯାଉଛି । ଚଳିତ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସ (ଅକ୍ଟୋବର-ଡିସେମ୍ବର) ର ଜିଡିପିର ଡାଟା ଆସନ୍ତା ଫେବୃଆରୀ ୨୭ରେ ଜାରି ହେବ, ଯାହା ନୂଆ ମୂଳ ବର୍ଷ ଉପରେ ଆଧାରିତ ହେବ। ବର୍ତ୍ତମାନ ଜିଡିପି ଓ ଆଇଆଇପିର ଡାଟାର ମୂଳ ବର୍ଷ ୨୦୧୧-୧୨ ରହିଛି, ଯାହାକୁ ବଦଳାଇ ୨୦୨୨-୨୩ କରାଯାଉଛି। ଅନ୍ୟପଟେ ଖୁଚୁରା ମୁଦ୍ରାସ୍ଫୀତି ସୂଚକାଙ୍କ ବା ହାର (ସିପିଆଇ) ଯାହାର ମୂଳ ବର୍ଷ ବର୍ତ୍ତମାନ ୨୦୧୨ ରହିଛି, ତାକୁ ବଦଳାଇ ୨୦୨୪ କରାଯାଉଛି। ସିପିଆଇ ଏଥିପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଆରବିଆଇର ରେପୋ ରେଟ୍ ପରିବର୍ତ୍ତନରେ ଏହାର ଭୂମିକା ଅଧିକ ରହିଥାଏ। ଖୁଚୁରା ମୁଦ୍ରାସ୍ଫୀତି ହାରକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ଆରବିଆଇ ପାଖରେ ରହିଥାଏ। ଗତ ୧୦ ବର୍ଷରେ ଖର୍ଚ୍ଚର ପ୍ୟାଟର୍ଣ୍ଣକୁ ନେଇ ଉତ୍ପାଦନ ଓ ସେବା ସୃଜନରେ ବଡ଼ ପରିବର୍ତ୍ତନକୁ ଦେଖି ସରକାର ଜିଡିପି, ଆଇଆଇପି ଏବଂ ସିବିଆଇର ମୂଳ ବର୍ଷରେ ପରିବର୍ତ୍ତନ କରୁଛନ୍ତି। ସରକାରୀ ଡାଟା ଅନୁସାରେ ଗତ କିଛି ବର୍ଷରେ ଲୋକଙ୍କ ଖର୍ଚ୍ଚର ପ୍ୟାଟର୍ଣ୍ଣରେ ପରିବର୍ତ୍ତନ ହୋଇଛି। ଶସ୍ୟ କିଣିବାରେ ହ୍ରାସ ଘଟିଥିବା ବେଳେ ପ୍ରକ୍ରିୟାକରଣ ଖାଦ୍ୟ, ଫଳ ଓ ପରିବା କ୍ରୟ ବଢିଛି ।

## ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

# ଡାଟା ସୁରକ୍ଷା ଆଇନ, ଆଇଟି ନିୟମକୁ ନେଇ ଚିନ୍ତା ପ୍ରକଟ

ୱାଶିଂଟନ୍, ୧୪।୧୨(ଏଜେନ୍ସି): ଆମେରିକାର ଉପ ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ରିକ୍ ସ୍ୱିଜରଙ୍କ ନେତୃତ୍ୱରେ ଆମେରିକାର ବାଣିଜ୍ୟ ଦଳ ଭାରତର ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା (ଡିପିଡିପି) ଆଇନ ଏବଂ ୨୦୨୧ର ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ ଅନୁଯାୟୀ କାର୍ଯ୍ୟନିର୍ବାହୀ ନିୟମ ଉପରେ ଚିନ୍ତା ପ୍ରକଟ କରିଛି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଏବଂ ଭାରତୀୟ ପକ୍ଷର ମୁଖ୍ୟ ଆଲୋଚନାକାରୀ ଦର୍ପଣ ଜୈନଙ୍କ ସହିତ ବୁଧବାର ଏବଂ ଗୁରୁବାର ନୂଆଦିଲ୍ଲୀରେ ବୈଠକ ସମୟରେ ଆମେରିକୀୟ ପ୍ରତିନିଧି ଦଳ ଡିପିଡିପି ଆଇନ ଏବଂ ଆଇଟି ନିୟମର କିଛି ବ୍ୟବସ୍ଥାକୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଅଣ-ଶୁଳ୍କ ବାଧା ଭାବରେ ଚିହ୍ନଟ କରିଥିଲେ। ସେମାନଙ୍କର ଚିନ୍ତା ମଧ୍ୟରୁ ଗୋଟିଏ ଥିଲା ଡିପିଡିପି ଆଇନର କାର୍ଯ୍ୟନିର୍ବାହୀ ନିୟମ ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଡାଟା ସ୍ଥାନୀୟକରଣ ମାନଦଣ୍ଡ। ଏହି ନିୟମଗୁଡ଼ିକ ଉଲ୍ଲେଖ କରେ ଯେ ତଥ୍ୟର ସୀମାପାର ସ୍ଥାନାନ୍ତରକୁ ଅନୁମତି ଦିଆଯିବ, କିନ୍ତୁ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ କମିଟି ଯେ କୌଣସି ସମୟରେ ନିଷ୍ପତ୍ତି ନେଇପାରିବ ଯେ ନିର୍ଦ୍ଦିଷ୍ଟ ତଥ୍ୟ ଭାରତ ବାହାରେ ସ୍ଥାନାନ୍ତର କରିବାକୁ ଅନୁମତି ଦିଆଯିବନାହିଁ।




ଆମେରିକା ପକ୍ଷରୁ ଉଠାଯାଇଥିବା ଆଉ ଏକ ପ୍ରସଙ୍ଗ ହେଉଛି, ସାମାଜିକ ଗଣମାଧ୍ୟମ ଏବଂ ଇଣ୍ଟରନେଟ୍ ମଧ୍ୟସ୍ଥତା ପାଇଁ ୨୦୨୧ ଆଇଟି ନିୟମ ଅନୁଯାୟୀ ସ୍ଥିର କରାଯାଇଥିବା କଠୋର ଅନୁପାଳନ ମାନଦଣ୍ଡ। ଏହି ନିୟମ ଅନୁଯାୟୀ ସମସ୍ତ କମ୍ପାନୀଗୁଡ଼ିକୁ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହିତ ଦିନରାତି ସମନ୍ୱୟ ରକ୍ଷା କରିବା ଏବଂ ବ୍ୟବହାରକାରୀଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଜଣେ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପଡିବ। ବିଷୟ ବସ୍ତୁକୁ ତୁରନ୍ତ ଅପସାରଣ କରିବା ଭଳି ଅନ୍ୟାନ୍ୟ ବ୍ୟବସ୍ଥା ସହିତ ଏହି ମାନଦଣ୍ଡଗୁଡ଼ିକୁ ପାଳନ କରିବାରେ ବିଫଳତା, ଇଣ୍ଟରନେଟ୍ ମଧ୍ୟସ୍ଥତା କର୍ମଚାରୀଙ୍କ ପାଇଁ ଜେଲ୍ ଏବଂ ଜରିମାନା ହୋଇପାରେ। ଏହି ପ୍ରସଙ୍ଗ ସହିତ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ଡିଜିଟାଲ୍ ବାଣିଜ୍ୟ କ୍ଷେତ୍ରରେ ଆମେରିକାର ଚିନ୍ତା ରହିଛି। ସେମାନେ ଅନୁଭବ କରନ୍ତି ଯେ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନର କିଛି ଦିଗ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଅଣ-ଶୁଳ୍କ ପ୍ରତିବନ୍ଧକ। ଏହା ମଧ ବୁଝାଯାଉଛି ଯେ ଭାରତୀୟ ପକ୍ଷ ଅକ୍ଟୋବରରେ ଅନୁଷ୍ଠିତ ଆଲୋଚନା ସମୟରେ ଏହାର ପ୍ରସ୍ତାବ ଦେଇଥିଲା। ଅକ୍ଟୋବର ଶେଷ ପରଠାରୁ ଭାରତୀୟ ପକ୍ଷ ନିରନ୍ତର ଭାବରେ ବଜାୟ ରଖିଛି ଯେ ଅଧିକାଂଶ ପ୍ରସଙ୍ଗରେ ସହମତ ହୋଇଛି ଏବଂ ଏକ ନୂତନ ପର୍ଯ୍ୟାୟ ଆଲୋଚନା ଆବଶ୍ୟକ ନୁହେଁ। ଅନ୍ୟପକ୍ଷରେ, ଆମେରିକାର ଟିମ୍ ଜୋର ଦେଇ କହିଛି ଯେ କୃଷି ବଜାର ପ୍ରବେଶ, ଡିଜିଟାଲ୍ ବାଣିଜ୍ୟ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକ ଭଳି କିଛି ପ୍ରସଙ୍ଗର ସମାଧାନ ବାକି ରହିଛି। ଏହା ବ୍ୟତୀତ, କିଛି ଆଇନଗତ ଦିଗ ଉପରେ ମଧ କାର୍ଯ୍ୟ କରିବାକୁ ପଡିବ। ଭାରତ ଏହି କ୍ୟାଲେଣ୍ଡର ବର୍ଷ ଶେଷ ହେବା ପୂର୍ବରୁ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ)ର ପ୍ରଥମ ପର୍ଯ୍ୟାୟକୁ ଚୂଡ଼ାନ୍ତ କରିବାକୁ ଚାହୁଁଛି। ତଥାପି, ନୂଆଦିଲ୍ଲୀରେ ବୈଠକ ଏବଂ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପ ସତ୍ତ୍ୱେ, ବାଣିଜ୍ୟ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ବିଷୟରେ ବର୍ତ୍ତମାନ କୌଣସି ସ୍ପଷ୍ଟତା ନାହିଁ।

ଗୋୟଲ ଗୁରୁବାର କହିଥିଲେ ଯେ ଭାରତ ଏକ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତିନାମା ଆଲୋଚନା କରୁନାହିଁ। ଯଦି ଆମେରିକା ଭାରତର ପ୍ରସ୍ତାବରେ ସନ୍ତୁଷ୍ଟ, ତେବେ ସେ ଚୁକ୍ତିନାମାରେ ସ୍ୱାକ୍ଷର କରିବା ଉଚିତ। ଗୋୟଲ ୟୁଏସ୍‌ଟିଆର୍‌ଜେମିସନ ଗ୍ରୀୟରଙ୍କ ମନ୍ତବ୍ୟ ଉପରେ ଏକ ପ୍ରଶ୍ନର ଉତ୍ତର ଦେଉଥିଲେ ଯେ ଆମେରିକା ଭାରତଠାରୁ ଏ ପର୍ଯ୍ୟନ୍ତ ସର୍ବୋତ୍ତମ ପ୍ରସ୍ତାବ ପାଇଛି, କିନ୍ତୁ ଭାରତ କିଛି କୃଷି ସାମଗ୍ରୀର ବଜାର ପ୍ରବେଶକୁ ବିରୋଧ କରୁଛି।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟ କ୍ଷେତ୍ରରେ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି। ଉଚ୍ଚ ଅଧିକାରୀଙ୍କ ପ୍ରଶଂସା ପାଇବେ। ବ୍ୟବସାୟୀଙ୍କୁ ଭାଗ୍ୟର ପୂରା ସହଯୋଗ ମିଳିବ। ଆର୍ଥିକ ଚିନ୍ତା ଦୂର ହେବ।

**ବୃଷ:** ପାରିବାରିକ ଶାନ୍ତି ବଜାୟ ରହିବ। କର୍ମକ୍ଷେତ୍ରରେ ପଦୋନ୍ନତିର ଅବସର ମିଳିପାରେ। ଆଧ୍ୟାତ୍ମିକତା ପ୍ରତି ରୁଚି ବଢ଼ିବ। ବେପାରୀଙ୍କ ଆମଦାନି ବଢ଼ିପାରେ। ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ।

**ମିଥୁନ:** ଗୁରୁଜନଙ୍କ ଆଶିର୍ବାଦ ପାଇବେ। ମହିଳାମାନଙ୍କ ପାଇଁ ଦିନଟି ସୁଖ ଓ ଶାନ୍ତିପୂର୍ବକ ବିତିବ। ଆକସ୍ମିକ ଧନଲାଭର ଯୋଗ ଅଛି। ବୈବାହିକ ଜୀବନରେ ସୁଖମୟ ହେବ।

**କର୍କଟ:** ଏକାଗ୍ରତା ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ସନ୍ତାନଙ୍କ ସୁଖ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବ୍ୟବସାୟ ବୃଦ୍ଧି ପାଇବା ସହ ଖ୍ୟାତି ବଢ଼ିବ।

**ସିଂହ:** ଜୀବନରେ ପରିବର୍ତ୍ତନ ଦେଖାଦେବ। କର୍ମକ୍ଷେତ୍ରରେ ସଫଳତା ପାଇବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି। ପରୀକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ ରହିବ।

**କନ୍ୟା:** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଆର୍ଥିକ ସ୍ଥିତି ଭଲ ରହିବ। ପରିବାରବର୍ଗଙ୍କ ପୂରା ସହଯୋଗ ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଭିନ୍ନ ଯୋଜନା ପ୍ରସ୍ତୁତ କରିବେ।

**ତୁଳା:** ନିଜ ଆଚରଣରେ ମଧୁରତା ଆଣିବେ। ଆର୍ଥିକ ମାମଲାରେ ଲାଭ ମିଳିବ। ପରିବାର ସହ ତୀର୍ଥଯାତ୍ରା ପାଇଁ ଯୋଜନା କରିବେ। ବନ୍ଧୁମାନଙ୍କ ସହ ମିଳାମିଶା ବଢ଼ିବ।

**ବିଛା:** ଅନୁଭବୀ ବ୍ୟକ୍ତିଙ୍କଠାରୁ ପରାମର୍ଶ ନେଇ ନୂତନ ନିବେଶ କରିବେ। ସନ୍ତୋଷଜନକ ଫଳ ପାଇବେ। ପ୍ରେମ ଓ ବୈବାହିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ବିଚାରକୁ ମାନ୍ୟତା ମିଳିବ। ମହିଳାଙ୍କ ଦାୟିତ୍ୱ ବିକଶିତ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ।

**ମକର:** କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ମିଳିପାରେ। ହଠାତ୍ କୌଣସି ନିଷ୍ପତ୍ତି ନେବାକୁ ପଡ଼ିପାରେ। ଜମି ଓ ଭିତ୍ତିଭୂମିରେ ନିବେଶ ପାଇଁ ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିବେ।

**କୁମ୍ଭ:** ମହିଳାମାନେ ଅଯଥା କଥାରେ ପଡ଼ି ମାନସିକ ଶାନ୍ତି ହରାଇବେ। ଅନ୍ୟଠାରୁ ସାହାଯ୍ୟ ଆଶା କରି ଦୁଃଖ ପାଇବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ।

**ମୀନ:** ନୂତନ କାର୍ଯ୍ୟରେ ଯୋଗଦେଇ ପାରନ୍ତି। ମହିଳାମାନଙ୍କୁ ପରିଶ୍ରମ ଅନୁସାରେ ଲାଭ ମିଳିବ। ସନ୍ତାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ।

## ଆଜିର ଇତିହାସ

- ୧୮୦୩- ଇଷ୍ଟ ଇଣ୍ଡିଆ କମ୍ପାନି ଓଡ଼ିଶା ଉପରେ କବ୍‌ଜା କଲା।
- ୧୯୧୧- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସୋସାଇଟିର ସ୍ଥାପନା।
- ୧୯୫୦- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେହାନ୍ତ।
- ୧୯୯୭- ଅରୁନ୍ଧତୀ ରାୟ ତାଙ୍କ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପାଇଁ ବୁକର୍ ପୁରସ୍କାର ଜିତିଲେ।
- ୨୦୧୦- ଅଷ୍ଟ୍ରେଲିଆର କ୍ରିସ୍‌ମାସ୍ ଦ୍ୱୀପ ନିକଟରେ ୮୯ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ନୌକା ଦୁର୍ଘଟଣାଗ୍ରସ୍ତ ହେବାରୁ ୫୦ ଜଣକ ପ୍ରାଣହାନି।

## 'ଗୋଲମାଲ ୫'
# ଏକାଠି ଆସିବେ କରିନା-ସାରା

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏବେ 'ଗୋଲମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି। ଦର୍ଶକେ ଅନେକ ଦିନରୁ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ରୋହିତ୍ 'ଗୋଲମାଲ୍ ୫' ନିର୍ମାଣ କରୁଥିବା ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏହାକୁ ରୋହିତ୍ ଲାଇକ୍ କରିଥିଲେ। ଏଥିରୁ ସେ ଏହି ଫିଲ୍ମ ସମ୍ପର୍କରେ ଖୁବ୍‌ଶୀଘ୍ର ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରୋହିତ୍ ଏବେ ଏହାର କଳାକାର ଫାଇନାଲ କରୁଥିବା କଥା ଏଥିରେ ଉଲ୍ଲେଖ ଥିଲା। ଏହାସହ ଏହି ଫିଲ୍ମ ପାଇଁ ସେ କରିନା କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ଅଫର୍ ଦେଇଥିବା ଉଲ୍ଲେଖ ଥିଲା। କୁନାଲ ଖେମୁ ଏଥିରେ କ୍ରିଏଟିଭ୍ ଆଡଭାଇଜର ଭାବେ କାମ କରୁଛନ୍ତି। ତେବେ ଏଥିରେ ଅଜୟ ଦେବଗନ୍‌ଙ୍କ ବିପକ୍ଷରେ କରିନାଙ୍କୁ କାଷ୍ଟ କରିବା ପାଇଁ ଫିଲ୍ମ ନିର୍ମାତା ଭାବୁଛନ୍ତି। ଯଦି ସବୁ କିଛି ଫାଇନାଲ ହୁଏ, ପ୍ରଥମ ଥର ପାଇଁ ସାରା ଓ କରିନା ଏକାଠି ଗୋଟିଏ ଫିଲ୍ମରେ ନଜର ଆସିବେ। ଏହାସହ ଏଥିରେ କୁନାଲ ଖେମୁ ମଧ୍ୟ ଦେଖାଯିବେ। ପ୍ରଥମ ଥର ପାଇଁ ପରଦାରେ ଖାନ୍ ପରିବାରର ସଦସ୍ୟମାନଙ୍କୁ ଏକାଠି ଦେଖିବାକୁ ମିଳିବ।



## କ୍ଷେତରେ କ୍ୟାଟ୍‌ୱାକ୍
# ବାଦାମ ଚୋପା, ମକାରେ ପୋଷାକ

ଚୀନ୍‌ର ଜଣେ ଯୁବତୀ ନିଆରା ପୋଷାକରେ କ୍ୟାଟ୍‌ୱାକ୍ କରି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ପେସାରେ ସେ ଜଣେ ବ୍ଲଗର୍। ସାମାଜିକ ଗଣମାଧ୍ୟମରେ ସେ 'ଭିଲେଜ ମ୍ୟାଜିକାଲ ଟ୍ରେଜର' ନାଁରେ ପରିଚିତ। ସେ ଦକ୍ଷିଣ ଚୀନ୍‌ର ଗୁଆଙ୍ଗସି ଅଞ୍ଚଳର ହେଙ୍ଗଝୋଉର ନିବାସୀ। ମୁଖ୍ୟତଃ ସେ ଚାଷ ଜମିଗୁଡ଼ିକରେ କ୍ୟାଟ୍‌ୱାକ୍ କରନ୍ତି। ବାଦାମ ଚୋପା, ମକା ଦାନା, ଶୁଖିଲା ଘାସ, ଡାଳିମ୍ବ ଦାନା, ପତ୍ର ଫୁଲ ଆଦିରେ ସେ ପୋଷାକ ତିଆରି କରନ୍ତି। ସେହିପରି ସେ ତିଆରି କରିଥିବା ପୋଷାକକୁ ପିନ୍ଧି ବେଶ୍ ସୁନ୍ଦର ଭାବେ ଚାଷଜମି ମଧ୍ୟରେ କ୍ୟାଟ୍‌ୱାକ୍ କରନ୍ତି। କେବଳ ସେତିକି ନୁହେଁ, ଏହାକୁ ସେ ଗ୍ରାମାଞ୍ଚଳର ଫେଶନ ଭାବେ ଗର୍ବର ସହିତ ପ୍ରଦର୍ଶନ କରନ୍ତି। ଏବେ ସୁଦ୍ଧା ସେ ୧୭୮ ଭିଡିଓ ପୋଷ୍ଟ କରିସାରିଛନ୍ତି। ସୁଇଟ୍ ପଟାଟୋ ଡ୍ରେସ୍, ଲଙ୍ଗ ବିନ୍ସ ଡ୍ରେସ୍ ଭଳି କିଛି ପନିପରିବା ଥିମ୍‌ରେ ମଧ୍ୟ ସେ ପୋଷାକ ଡିଜାଇନ୍ କରିଛନ୍ତି। ଏହି ପୋଷାକଗୁଡ଼ିକୁ ସେ ନିଜେ ହିଁ ଡିଜାଇନ୍ କରିଥାନ୍ତି। ପୋଷାକଗୁଡ଼ିକର ପ୍ୟାଟର୍ଣ୍ଣ, ଷ୍ଟାଇଲ ତାଙ୍କ ସଉକ ଓ ପସନ୍ଦକୁ ପ୍ରତିଫଳିତ କରୁଥିବା ସେ କହିଛନ୍ତି। ସେହିପରି ସେ ପୋଷାକରେ ବ୍ୟବହାର କରୁଥିବା ସମସ୍ତ ପନିପରିବା ଏବଂ ଫଳମୂଳ ତାଙ୍କ ପରିବାର ଲୋକେ ଚାଷ କରିଥାନ୍ତି। ଏହିପରି ଭାବେ ସେ ସ୍ଥାନୀୟ କୃଷି ଉତ୍ପାଦକୁ ପ୍ରୋତ୍ସାହିତ କରୁଥିବା କୁହନ୍ତି। ତେବେ ଏନେଇ ସେ ବିଧିବଦ୍ଧ ଭାବେ କୌଣସି ତାଲିମ ନେଇଥିବା କହିଛନ୍ତି। ପିଲାବେଳୁ ଏହି ଯୁବତୀ ଜଣକ ବିଭିନ୍ନ ଜିନିଷ ଉପଯୋଗ କରି ପୋଷାକ ତିଆରି କରିବାକୁ ପସନ୍ଦ କରୁଥିଲେ। ସେ ସବୁବେଳେ ପନିପରିବା ତଥା ରିସାଇକଲ ପ୍ଲାଷ୍ଟିକ୍ ବ୍ୟାଗ୍ ଭଳି ପରିବେଶ ଅନୁକୂଳ ଜିନିଷକୁ ପୋଷାକ ତିଆରି ପାଇଁ ବ୍ୟବହାର କରିଥାନ୍ତି। ତେବେ ଯେଉଁଠି ବି ସେ ବହୁ ପରିମାଣର ଜିନିଷ ଦେଖନ୍ତି, ପୋଷାକ ତିଆରି କରିବାକୁ ଆଗଭର ହୋଇଥାନ୍ତି। ସେ ତିଆରି କରୁଥିବା କିଛି ପୋଷାକ ପାଇଁ ସିଲାଇର ଆବଶ୍ୟକତା କରୁଥିବା ବେଳେ ଆଉ କିଛି ଜିନିଷରେ ଅଠାର ଉପଯୋଗ କରନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି ନିଆରା ସୃଜନଶୀଳତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।



# ପ୍ୟାକେଟ୍ କ୍ଷୀର ନ ଫୁଟାଇଲେ ଚଳିବ

ସାଧାରଣତଃ ଲୋକେ ପ୍ୟାକେଟ୍ କ୍ଷୀରକୁ ଫୁଟାଇ ଖାଆନ୍ତି। ହେଲେ ପ୍ୟାକେଟ୍ କ୍ଷୀର ଫୁଟାଇବାର ଆବଶ୍ୟକତା ନଥାଏ ବୋଲି ଏବେ କୁହାଯାଉଛି। ବିଜ୍ଞାନ, ଡାକ୍ତର ଏବଂ ଡାଏରୀ ଟେକ୍ନୋଲୋଜି ଅନୁସାରେ, ପ୍ୟାକେଟ୍ କ୍ଷୀରକୁ ଫୁଟାଇବାର କୌଣସି ଆବଶ୍ୟକତା ନାହିଁ। ପ୍ୟାକେଟ୍ କ୍ଷୀର ପୂର୍ବରୁ ପାଶ୍ଚରାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଜୀବାଣୁମୁକ୍ତ ଏବଂ ଶୁଦ୍ଧ ହୋଇଥାଏ। ତେଣୁ କ୍ଷୀରକୁ ଫୁଟାଇବା ଦରକାର ପଡ଼ି ନ ଥାଏ। ଏହାକୁ ଫୁଟାଇବା ଦ୍ୱାରା କ୍ଷୀରର ପୋଷକ ତତ୍ତ୍ୱ ହ୍ରାସ ପାଏ। କ୍ଷୀର ଫୁଟାଇବା ଦ୍ୱାରା ଏଥିରେ ଥିବା ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି ଏବଂ ପ୍ରୋଟିନ୍‌ର ଗୁଣବତ୍ତା କମ୍ ହୋଇପାରେ। ପ୍ୟାକେଟ୍ କ୍ଷୀରକୁ ଖୋଲି ସିଧା ପିଇଲେ କୌଣସି କ୍ଷତି ନାହିଁ। ଅବଶ୍ୟ କ୍ଷୀର ପ୍ୟାକେଟ୍ ଯଦି ବାହାରେ ଅଛି କିମ୍ବା ଫ୍ରିଜ୍ ବାହାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଛି, ତାହାକୁ ହାଲ୍କା ଗରମ କରିବା ଭଲ। ହେଲେ ଏହାକୁ ଭଲଭାବେ ଫୁଟାଇବାର ଆବଶ୍ୟକତା ନାହିଁ। କ୍ଷୀରକୁ ଫୁଟାଇବା ଦ୍ୱାରା ଏଥିରେ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ। କ୍ଷୀରରେ ଥିବା ଲାକଟୋଜ ଏବଂ ପ୍ରୋଟିନ୍ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ହୁଏ। ଏହି କାରଣ ଯୋଗୁଁ କ୍ଷୀରର ରଙ୍ଗ ଇଷତ୍ ଧୂସର ଏବଂ ସ୍ୱାଦରେ ବି ପରିବର୍ତ୍ତନ ଆସିଥାଏ। ସେହିପରି ପ୍ୟାକେଟ୍ କ୍ଷୀରକୁ ସବୁବେଳେ ଫ୍ରିଜ୍‌ରେ ରଖିବା ଆବଶ୍ୟକ। ପ୍ୟାକେଟ୍ କ୍ଷୀରକୁ ଫ୍ରିଜ୍‌ରେ ରଖିଲେ ୨ରୁ ୩ ଦିନ ପର୍ଯ୍ୟନ୍ତ ବ୍ୟବହାର କରି ହେବ। ଅନ୍ୟପକ୍ଷରେ କ୍ଷୀରବାଲାଠାରୁ କ୍ଷୀର ଆଣୁଥିଲେ, ସେହି କ୍ଷୀର ପ୍ରୋସେସଡ ହୋଇ ନ ଥାଏ। ଏଣୁ ଏହି କ୍ଷୀରକୁ ଫୁଟାଇବା ଉଚିତ। କାରଣ ଏଥିରେ ହାନିକାରକ ସୂକ୍ଷ୍ମଜୀବ ଥାଇପାରନ୍ତି। ଏହାବାଦ୍ ଏଥିରେ ପରଜୀବୀ ଥିବା ଆଶଙ୍କା ଥାଏ। ଏଭଳି କ୍ଷେତ୍ରରେ କ୍ଷୀରକୁ ଭଲ ଭାବେ ଫୁଟାଇବା ଉଚିତ।



# ଧନୁ ସଂକ୍ରାନ୍ତି

ସୂର୍ଯ୍ୟଙ୍କ ରାଶି ପରିବର୍ତ୍ତନରେ ସଂକ୍ରାନ୍ତି ଆସିଥାଏ। ଏହି କ୍ରମରେ ସୂର୍ଯ୍ୟ ବିଛା ରାଶି ଛାଡ଼ି ଧନୁ ରାଶିରେ ଗୋଚର ହେଲେ ଧନୁ ସଂକ୍ରାନ୍ତି ପଡ଼େ। ସୌର ମାସ ଗଣନା ଅନୁଯାୟୀ, ଏହିଦିନରୁ ପୌଷ ମାସ ଆରମ୍ଭ ହୁଏ। ଖର ମାସ ହେତୁ ଏହି ସମୟରେ ଶୁଭ ମାଙ୍ଗଳିକ କାର୍ଯ୍ୟ ବର୍ଜନୀୟ। କିନ୍ତୁ ସ୍ନାନ, ଦାନ, ତୀର୍ଥାଟନ ଓ ସୂର୍ଯ୍ୟ ଉପାସନା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ବିଚାର କରାଯାଏ। ବିଶେଷକରି ଆମ ଓଡ଼ିଆ ଘରେ ଧନୁ ସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ରହିଛି। ଏହି ସମୟରେ ଓଡ଼ିଶାର ଧର୍ମୀୟ ପରମ୍ପରାରେ ଅନେକ ଓଷା ବ୍ରତ ପାଳନ କରାଯାଇଥାଏ। ଶ୍ରୀମନ୍ଦିରରେ ମଧ୍ୟ ବିଶେଷ ନୀତି ପାଳନ କରାଯାଇଥାଏ।

ପୌଷମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ। କୁହାଯାଏ, ଏହିଦିନରୁ ମାସକ ପର୍ଯ୍ୟନ୍ତ ମା' ଲକ୍ଷ୍ମୀ ନିଜ ବାପ ଘରକୁ ଯାଇଥାନ୍ତି। ସେହିପରି ପୌଷ ମାସରେ ଓଡ଼ିଆ ଘରର ବୋହୂ ବାପଘରକୁ ଯିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି। ଶ୍ରୀମନ୍ଦିରରେ ଲକ୍ଷ୍ମୀ ଅନୁପସ୍ଥିତ ଥିବା ବେଳେ ମା' ଯଶୋଦା ତିନିଠାକୁରଙ୍କ ପାଇଁ ବଡ଼ି ସକାଳୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ଯାହା ପହିଲି ଭୋଗ ନାମରେ ପ୍ରସିଦ୍ଧ। ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପହିଲି ଭୋଗ ପ୍ରସ୍ତୁତ ହୋଇଥାଏ।

ପୁଷ ମାସ ପରେ ଧାନ ଅମଳ ପରେ ଉଖୁଡ଼ା ବା ମୁଆଁର ପ୍ରସ୍ତୁତି ଓଡ଼ିଆ ଚଳଣିରେ ବିଶେଷ ମହତ୍ତ୍ୱ ରଖିଥାଏ। ତେବେ ଧନୁ ସଂକ୍ରାନ୍ତିର ପ୍ରସିଦ୍ଧ ଭୋଗ ହେଉଛି 'ମୁଆଁ'। ଏହିଦିନ ଠାକୁରଙ୍କ ପାଖରେ ମୁଆଁକୁ ଭୋଗ ଭାବେ ଲାଗି କରାଯାଏ। ତେବେ କିଛି ମୁଆଁ ଚିନିରେ ପ୍ରସ୍ତୁତ ହେଉଥିବା ବେଳେ ଆଉ କିଛି ମୁଆଁକୁ ଗୁଡ଼ରେ ପ୍ରସ୍ତୁତ କରାଯାଏ। ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତିଠାରୁ ଧନୁ ରାଶିରେ ସୂର୍ଯ୍ୟଙ୍କର ପ୍ରବେଶ ହୋଇଥାଏ। ଧନୁ ରାଶି ଦେବ ଗୁରୁ ବୃହସ୍ପତିଙ୍କ ରାଶି। ଏଣୁ ଏଥିରେ ସୂର୍ଯ୍ୟଙ୍କ ପ୍ରବେଶ ବିଶେଷ ପ୍ରଭାବ ଆଣିଥାଏ।



# ଗାଈକୁ ଗୁଡ଼ ଖୁଆଇବାର ଲାଭ



ହିନ୍ଦୁ ଧର୍ମରେ ଗାଈକୁ ଗୋମାତା ଭାବେ ପୂଜା କରାଯାଏ। ପୌଷ ମାସରେ ଗାଈଙ୍କୁ ଗୁଡ଼ ଖୁଆଇବାର ଜ୍ୟୋତିଷ ତଥା ଧାର୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ସେହିପରି ଏହି ମାସ ସୂର୍ଯ୍ୟ ଉପାସନା ଏବଂ ଗୋମାତା ଉପାସନା ଲାଗି ଉତ୍ତମ ମାସ।

- ଗାଈଙ୍କୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ମଙ୍ଗଳ ଦୋଷ ଶନି ଦୋଷ ଦୂର ହୁଏ। ରାହୁ-କେତୁଙ୍କ ଖରାପ ପ୍ରଭାବ ହ୍ରାସ ପାଏ।
- ଗୋମାତାଙ୍କୁ ବିନା କୌଣସି ସ୍ୱାର୍ଥ ରଖି ଗୁଡ଼ ଖାଇବାକୁ ଦେବା ଦ୍ୱାରା ମନୋକାମନା ପୂରଣ ହୁଏ।
- ପ୍ରତିଦିନ ଗାଈକୁ ଗୁଡ଼ ଏବଂ ପ୍ରଥମ ରୁଟି ଖାଇବାକୁ ଦେବା ଦ୍ୱାରା ପିତୃଦୋଷ ଦୂର ହୁଏ।
- ଘରେ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ଏବଂ ଧନ ବୃଦ୍ଧି ଲାଗି ଗାଈକୁ ଗୁଡ଼ ଖାଇବାକୁ ଦେବା ଭଲ। ଏହା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ଗାଈକୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ସୁଯୋଗ୍ୟ ସନ୍ତାନର ସୁଖ ପ୍ରାପ୍ତ ହୁଏ।
- ସେହିପରି ଗାଈକୁ ଗୁଡ଼ ଖାଇବାକୁ ଦେଲେ ଚାରିଧାମ ଯାତ୍ରାର ଫଳ ମିଳେ ଏବଂ ସାଂସାରିକ ସୁଖ ମିଳେ।

## ସ୍ମୃତି

# ବଉଳ ଅମାବାସ୍ୟା

**ପୌଷ ମାସ ଅମାବାସ୍ୟାକୁ ବକୁଳ ବା ବଉଳ ଅମାବାସ୍ୟା ବୋଲି କୁହାଯାଏ। ଏହି ସମୟରେ ଆମ୍ବ ଗଛରେ ବଉଳ ଧରେ। ତେବେ ଏହି ଅମାବାସ୍ୟା ବେଳକୁ ଶୀତର ପ୍ରକୋପ କମି ଆସେ। ତା'ସହ ଆମ୍ବ ଗଛରେ ବଉଳ ଅଙ୍କୁରିତ ହୋଇ ଋତୁରାଜ ବସନ୍ତକୁ ସ୍ୱାଗତ କରେ। ଏହିଦିନ ଆମ୍ବ ଗଛକୁ ପୂଜା କରାଯାଏ। ବିଶେଷକରି ଆମ୍ବ ବଉଳକୁ ସୁରକ୍ଷା ଦେବା ଲାଗି ପୂଜାର୍ଚ୍ଚନା କରାଯାଏ। ଏହିଦିନ ଆମ୍ବ ଗଛ ମୂଳକୁ ପରିଷ୍କାର କରାଯାଇ ଚିତା ପକାଯାଏ। ଏହାସହ ଗଇଁଠାପିଠାକୁ ବୃକ୍ଷ ମୂଳେ ପୂଜା କରାଯାଏ। ସେହିପରି ଆମ୍ବ ବଉଳକୁ ଘରର ଇଷ୍ଟଦେବୀଙ୍କଠାରେ ଭୋଗ ଲାଗି କରାଯାଏ। ଭୋଗ ସାମଗ୍ରୀ ଭାବେ ଗଇଁଠା ପିଠା ଏବଂ ବଉଳକୁ ବ୍ୟବହାର କରାଯାଏ। ତେଣୁ ଏହିଦିନ ଘରେ ଘରେ ଗଇଁଠା ପିଠା ପ୍ରସ୍ତୁତ ହୋଇଥାଏ।**

ଶ୍ରୀମନ୍ଦିରରେ ବି ବକୁଳ ଅମାବାସ୍ୟା ନୀତି ପାଳନ କରାଯାଏ। ମହାପ୍ରଭୁଙ୍କ ସକାଳ ଧୂପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗଇଁଠା ପିଠା ସହ ବଉଳ ଲାଗି ହୁଏ। ତାଟରେ ଏହାକୁ ଲାଗି କରାଯାଏ। ତେବେ ବକୁଳ ଅମାବାସ୍ୟା ପ୍ରକୃତି ପୂଜାର ନିଦର୍ଶନ। ଏହି ସମୟରେ ବଉଳ ବାସ୍ନା ଜନମାନସକୁ ମନ୍ତ୍ରମୁଗ୍ଧ



କରିଥାଏ। ଅନ୍ୟପଟେ ବକୁଳ ଅମାବାସ୍ୟ ଦିନ ଭଗବାନ ଗ୍ରହଣ କରିଥିବା ଦଶ ଅବତାର ମଧ୍ୟରୁ ତୃତୀୟ ଅବତାର। ଶ୍ରୀବରାହ ବା ଶୂକର ଅବତାର ଗ୍ରହଣ କରିଥିଲେ। ପ୍ରଭୁ ବରାହ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମାଙ୍କ ନାକପୁଡ଼ାରୁ ଜାତ ହୋଇ ରାକ୍ଷସ ହିରଣ୍ୟାକ୍ଷକୁ ବଧ କରି ଦନ୍ତ୍ୟ ଅଗ୍ରରେ ଧାରଣ କରି ରସାତଳରେ ନିମଗ୍ନ ପୃଥିବୀକୁ ଉଦ୍ଧାର କରିଥିଲେ। ଡିସେମ୍ବର ୧୯ ତାରିଖରେ ବଉଳ ଅମାବାସ୍ୟା ପାଳନ କରାଯିବ।

# କେଉଁ ଦିନ ତୁଳସୀ ଗଛରେ ଜଳ ଅର୍ପଣ ମନା

**ହିନ୍ଦୁ ଧର୍ମାବଲମ୍ବୀମାନେ ନିତିଦିନ ତୁଳସୀ ଗଛକୁ ପୂଜା କରିବା ସହ ଜଳ ଅର୍ପଣ କରନ୍ତି। ହେଲେ ତୁଳସୀ ଗଛରେ କେବେ ଜଳ ଅର୍ପଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଜାଣିବା ଜରୁରି।**

**ଚନ୍ଦ୍ରଗ୍ରହଣ/ସୂର୍ଯ୍ୟପରାଗ:** ସୂର୍ଯ୍ୟପରାଗ ତଥା ଚନ୍ଦ୍ର ଗ୍ରହଣ ସମୟରେ ତୁଳସୀ ଗଛକୁ ସ୍ପର୍ଶ କରିବା ମନା ଏବଂ ଜଳ ଅର୍ପଣ କରିବା ମନା। ଏହି ସମୟରେ ଜଳ ଅର୍ପଣ କରିବାକୁ ଅଶୁଭ ବୋଲି କୁହାଯାଇଛି।

**ରବିବାର:** ରବିବାର ଦିନ ଭଗବାନ ବିଷ୍ଣୁଙ୍କ ଲାଗି ତୁଳସୀ ମା' ନିର୍ଜଳା ବ୍ରତ ରଖନ୍ତି। ଏଭଳି ସ୍ଥିତିରେ ରବିବାର ତୁଳସୀ ଗଛକୁ ଛୁଇଁବା ଓ ଜଳ ଅର୍ପଣ କରିବା ଅନୁଚିତ। ଏହା ଦ୍ୱାରା ନିର୍ଜଳା ବ୍ରତ ଭାଙ୍ଗିଯାଏ। ରବିବାର ତୁଳସୀ ଗଛରେ ଜଳ ଅର୍ପଣ କରିବାକୁ ପୂରାପୂରି ବାରଣ କରାଯାଇଛି। ହେଲେ ଏହିଦିନ ବିଧିବିଧାନର ସହ ତୁଳସୀ ମାତାଙ୍କ ପୂଜାର୍ଚ୍ଚନା କରାଯାଇପାରିବ।



**ଏକାଦଶୀ:** ଏକାଦଶୀ ତିଥି ଭଗବାନ ବିଷ୍ଣୁଙ୍କ ଲାଗି ସମର୍ପିତ। ଏହି ତିଥିରେ ତୁଳସୀ ଦେବୀ ଭଗବାନ ବିଷ୍ଣୁଙ୍କ ଲାଗି ନିର୍ଜଳା ବ୍ରତ ରଖନ୍ତି। ଜଳ ଅର୍ପଣ କରିବା ଦ୍ୱାରା ତୁଳସୀ ଦେବୀ ପ୍ରସନ୍ନ ହୁଅନ୍ତି ନାହିଁ। ଏହାଦ୍ୱାରା ଘରେ ଧନହାନି ହୁଏ।



# କ୍ରୀଡ଼ା





■ ମେସିଙ୍କ ଭାରତ ଗସ୍ତ

## ଛେତ୍ରୀଙ୍କୁ ଜର୍ସି; ସଚିନଙ୍କୁ ବିଶ୍ୱକପ୍ ବଲ୍ ଉପହାର






ମୁମ୍ବଇ, ୧୪।୧୨ (ଏଜେନ୍ସି): ଆର୍ଜେଣ୍ଟିନା ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତର ରବିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ମେସି ମାୟାନଗରୀ ମୁମ୍ବଇରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କ୍ରିକେଟ୍ କ୍ଲବ ଅଫ୍ ଇଣ୍ଡିଆ ଓ ୱାଙ୍ଖଡେ ଷ୍ଟାଡିୟମରେ ମେସିଙ୍କ ଏହି ଦୁଇଟି କାର୍ଯ୍ୟକ୍ରମ ଥିଲା। ଏହି ଅବସରରେ କ୍ରୀଡ଼ାର ଦୁଇ ଭଗବାନ କ୍ରିକେଟ୍‌ର ସଚିନ ତେନ୍ଦୁଲକର ଓ ଫୁଟ୍‌ବଲର ମେସିଙ୍କ ମଧ୍ୟରେ ଛୋଟିଆ ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା। ସଚିନ ଏହି ଅବସରରେ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଜର୍ସି ମେସିଙ୍କୁ ଉପହାର ଦେଇଥିଲେ। ମେସି ମଧ୍ୟ ସଚିନଙ୍କୁ ଫିଫା ବିଶ୍ୱକପ୍‌ର ଏକ ବଲ୍ ଉପହାର ଆକାରରେ ପ୍ରଦାନ କରିଥିଲେ। '୨୦୧୧ରେ ୱାଙ୍ଖଡେରେ ବିଶ୍ୱକପ୍ ଜିତିବାର ମୁହୂର୍ତ୍ତ ପୁଣିଥରେ ଆଜି ଅନୁଭୂତ ହେଲା' ବୋଲି ସଚିନ କହିଥିଲେ। ଅପରପକ୍ଷରେ ଭାରତୀୟ ଫୁଟ୍‌ବଲର ମହାନ ଖେଳାଳି ସୁନିଲ ଛେତ୍ରୀ ମଧ୍ୟ ମେସିଙ୍କୁ ଭେଟିଥିଲେ। ମେସି ଛେତ୍ରୀଙ୍କୁ ମଧ୍ୟ ଆର୍ଜେଣ୍ଟିନାର ଏକ ୧୦ ନମ୍ବର ଜର୍ସି ଉପହାର ଆକାରରେ ଦେଇଥିଲେ। ପ୍ରକାଶଯୋଗ୍ୟ, ମେସିଙ୍କ ଭାରତ ଗସ୍ତର ପ୍ରଥମ ଦିବସ ବେଶ୍ ବିବାଦୀୟ ରହିଥିଲା। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଶକ ମେସିଙ୍କୁ ଦେଖି ନ ପାରି ଷ୍ଟାଡିୟମରେ ବ୍ୟାପକ ଭଙ୍ଗାରୁଜା କରିଥିଲେ।

ଧର୍ମଶାଳାରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

# ତୃତୀୟ ଟି-୨୦: ୭ ୱିକେଟ୍‌ରେ ଜିତିଲା ଭାରତ

ଧର୍ମଶାଳା, ୧୪।୧୨ (ଏଜେନ୍ସି):

ଦକ୍ଷିଣ ଆଫ୍ରିକା ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ଟି-୨୦ ସିରିଜର ତୃତୀୟ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଛି। ୧୧୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୨୫ ବଲ୍ ବଳକା ଥାଇ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ପ୍ରଥମ ୱିକେଟରେ ୩୨ଟି ବଲରେ ୬୦ ରନର ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ୩ଟି ଲେଖାଏ ଛକା ଓ ଚୌକା ସହ ଅଭିଷେକ ୧୮ ବଲରେ ୩୫ ରନର ଦ୍ରୁତ ପାଳି ଖେଳି ଆଉଟ ହୋଇଥିଲେ। ସେହିଭଳି ଗିଲ୍ ୨୮ ବଲରେ ୨୮, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ ରନ କରିଥିଲେ। ତିଲକ ବର୍ମା ୨୫ ଓ ଶୁଭମ ଦୁବେ ୧୦ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ବିଜୟ ସହ ଭାରତ ୨-୧ରେ ଅଗ୍ରଣୀ ରହିଛି। ପୂର୍ବରୁ କଟକ ମୁକାବିଲାକୁ ଭାରତ ୧୦୧ ରନରେ ଏବଂ ଦକ୍ଷିଣ ଆଫ୍ରିକା ୨ୟ ମ୍ୟାଚକୁ ୫୧ ରନରେ ଜିତିଥିଲା। ବ୍ୟକ୍ତିଗତ କାରଣ ଲାଗି ଯଶପ୍ରୀତ ବୁମ୍‌ରା ୩ୟ ଟି-୨୦ ଖେଳି ନ ଥିଲେ। ସିରିଜର ୪ର୍ଥ ମ୍ୟାଚ୍ ବୁଧବାର ଲକ୍ଷ୍ନୌ ରେ ଖେଳାଯିବ।



### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ଇନିଂସ: ୧୧୭/୧୦, ୨୦ ଓଭର** (ମାରକ୍ରମ- ୬୧, ଫେରେରା- ୨୦, ଷ୍ଟବ୍ସ- ୯, ବୋଷ୍ଟ- ୪, ଡି କକ୍- ୧, ଜାନସେନ- ୨, ବ୍ରେଭିସ- ୨, ଅର୍ଶଦୀପ୍- ୨/୧୩, ବରୁଣ- ୨/୧୧, କୁଲଦୀପ୍- ୨/୧୨)।

**ଭାରତ ଇନିଂସ: ୧୨୦/୩, ୧୫.୫ ଓଭର** (ଅଭିଷେକ- ୩୫, ଗିଲ୍- ୨୮, ତିଲକ- ୨୫*, ସୂର୍ଯ୍ୟକୁମାର- ୧୨, ବୋଷ୍ଟ- ୧/୧୮)।

### କୁଲଦୀପ୍‌ଙ୍କ ଦ୍ରୁତ ୫୦ ୱିକେଟ୍

କୁଲଦୀପ୍ ଯାଦବ ଭାରତ ପକ୍ଷରୁ ସବୁଠୁ କମ୍ ମ୍ୟାଚ୍ ଖେଳି ୫୦ ଟି-୨୦ ୱିକେଟ୍ ନେବାର ରେକର୍ଡ କରିଛନ୍ତି। ଏହି ମ୍ୟାଚରେ ସେ ୨ଟି ୱିକେଟ୍ ନେଇ ଟି-୨୦ରେ ନିଜର ୫୦ତମ ୱିକେଟ ପୂରଣ କରିଛନ୍ତି। ଏଥିଲାଗି ତାଙ୍କୁ ୩୦ଟି ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ପୂର୍ବରୁ ୩୨ଟି ମ୍ୟାଚରେ ୫୦ତମ ୱିକେଟ୍ ପୂରଣ କରି ବରୁଣ ଏହି ରେକର୍ଡର ଅଧିକାରୀ ରହିଥିଲେ।

### ଏକା ଲଢ଼ିଲେ ମାରକ୍ରମ

ସମୁଦ୍ର ପତ୍ତନରୁ ୧୪୫୭ ମିଟର ଉଚ୍ଚରେ ଅବସ୍ଥିତ ବିଶ୍ୱର ସବୁଠୁ ମନୋରମ ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୧ ରନରେ ଦୁଇ ଜଣ ଏବଂ ୭୭ ରନରେ ୭ଜଣ ବ୍ୟାଟରଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ତେବେ ଗୋଟିଏ ପାଶ୍ୱର୍ରେ ୱିକେଟ୍ ପଡ଼ିଚାଲିଥିବାବେଳେ ଅଧିନାୟକ ଆଇଡେନ ମାରକ୍ରମ କିନ୍ତୁ ଏକାକୀ ଲଢ଼େଇ କରିଥିଲେ। ସେ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭ୍ରମଣକାରୀ ଦଳ ୧୧୭ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ମାରକ୍ରମ ୪୬ ବଲରେ ସର୍ବାଧିକ ୬୧ ରନ କରିଥିଲେ। ଓପନର୍ କ୍ୱିଣ୍ଟନ ଡି କକ୍ (୧), ରିଜା ହେଣ୍ଡ୍ରିକ୍ସ (୦), ଡେୱାଲ୍ଡ ବ୍ରେଭିସ (୨), ଟ୍ରିଷ୍ଟାନ ଷ୍ଟବ୍ସ (୯), କର୍ବିନ ବୋଷ୍ଟ (୪), ମାର୍କୋ ଜାନସେନ (୨ ରନ) ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁ ନ ପାରି ନିରାଶ କରିଥିଲେ।

#### ଶେଷ ବଲ୍‌ରେ ଶେଷ ୱିକେଟ୍

ଭାରତର ୪ ବୋଲର ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ୍ ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଓ ଦୁବେ ଜଣେ ଲେଖାଏ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ଶେଷ ବଲରେ ଅନ୍ତିମ ତଥା ୧୦ମ ବ୍ୟାଟର୍ ଭାବେ ଓତନେଲ୍ ବାର୍ଟମାନଙ୍କୁ ଅଧିନାୟକ ସୂର୍ଯ୍ୟକୁମାରଙ୍କ ହାତରେ କ୍ୟାଚ ଧରାଇ କୁଲଦୀପ୍ ଭ୍ରମଣକାରୀ ଦଳକୁ ଅଲ୍‌ଆଉଟ୍ କରିଥିଲେ।

## ଏସ୍‌ପିଡି କନ୍‌ଷ୍ଟ୍ରକ୍ସନ୍‌ର ମିନି ମାରାଥନ ଓ କ୍ରିକେଟ୍ ଉଦ୍‌ଯାପିତ



ଭୁବନେଶ୍ୱର, ୧୪।୧୨ (ସମିସ): ଏସ୍‌ପିଡି କନଷ୍ଟ୍ରକ୍ସନ ଲିମିଟେଡ୍‌ର ୧୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳେ ଏକ ସେଫ୍ଟି ମିନି ମାରାଥନ ଆୟୋଜିତ ହୋଇଥିଲା। ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ଏହି ମିନି ମାରାଥନ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକାରୁ ଆରମ୍ଭ ହୋଇ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ୩ କିମି ବ୍ୟାପୀ ଏହି ମାରାଥନରେ ଏସ୍‌ପିଡି ନିର୍ମାଣ ସଂସ୍ଥାର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୨୫-୩୦ଜଣ ମହିଳା କର୍ମଚାର ରହିଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଏହି ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। 'ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏସ୍‌ପିଡି କନଷ୍ଟ୍ରକ୍ସନ ପ୍ରତିବଦ୍ଧ' ବୋଲି ସେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଆଇପିଏସ୍ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ, ନିର୍ଦ୍ଦେଶକ ସଞ୍ଜୟ ଜାଲାନ, ପରାମର୍ଶଦାତା କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମିନି ମାରାଥନ ସହ ଏକ କ୍ରିକେଟ୍ ଓ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ସେହିଭଳି କୋଣାର୍କ କ୍ୟାନସନ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ କରାଯାଇଥିଲା।

୧୯ ବର୍ଷରୁ କମ୍ ଏସିଆ କପ୍

## ପାକିସ୍ତାନକୁ ୯୦ ରନ୍‌ରେ ହରାଇଲା ଭାରତ

ଦୁବାଇ, ୧୪।୧୨ (ଏଜେନ୍ସି): ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଭାରତ ଏକ ବଡ଼ ବିଜୟ ହାସଲ କରିଛି। ଗ୍ରୁପ୍-ଏ'ରେ ଖେଳାଯାଇଥିବା ଏକ ହାଇଭୋଲଟେଜ ମୁକାବିଲାରେ ଭାରତ ୯୦ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ଟୁର୍ଣ୍ଣାମେଣ୍ଟରେ ଭାରତର ଏହା ଦ୍ୱିତୀୟ ବିଜୟ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମୁକାବିଲାରେ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ଭାରତ ଏବେ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି। ଏଥିସହ ସେମିଫାଇନାଲ ଖେଳିବା ଆଶା ଏକ ପ୍ରକାର ନିଶ୍ଚିତ ହୋଇଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମଙ୍ଗଳବାର ମାଲେସିଆକୁ ଭେଟିବ। ରାଜନୈତିକ ଅସ୍ଥିରତା ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ମଧ୍ୟ ଦୁଇ ଦଳର ଖେଳାଳି ପରସ୍ପର ହାତ ମିଳାଇ ନ ଥିଲେ। ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୪ର୍ଥ ଓଭରରେ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ (୫ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଆରୋନ ଜର୍ଜ(୮୫ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୪୬.୧ ଓଭରରେ ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କନିଷ୍କ ଚୌହାନ ୪୬, ଅଧିନାୟକ ଆୟୁଷ ମହାତ୍ରେ ୩୮, ୱିକେଟକିପର ଅଭିଜ୍ଞାନ କୁଣ୍ଡୁ ୨୨ ରନ କରିଥିଲେ। ଜବାବରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ହୁଜେଫ ଅହସାନ ୭୦ ରନ ପାଳି ବୃଥା ଯାଇଥିଲା।

ନାଲକୋ ଓପନ୍ ଟେନିସ

## କବୀର, ଶାଶ୍ୱତଙ୍କୁ ଡବଲ୍ ଟାଇଟଲ୍




ଭୁବନେଶ୍ୱର, ୧୪।୧୨ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର କବୀର ହଂସ, ଶାଶ୍ୱତ ଜେନା ଓ ଏସକେ ସଜଫାଙ୍କୁ ଡବଲ୍ ଟାଇଟଲ୍ ମିଳିଛି। ପୁରୁଷ ସିଙ୍ଗଲ୍ସରେ କବୀର ୬-୩, ୬-୪ ସିଧାସଳଖ ସେଟରେ ପ୍ରତ୍ୟୁଷ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଡବଲ୍ସରେ ଆଦିତ୍ୟ ଶତପଥୀଙ୍କୁ ସାଥୀ କରି କବୀର ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଟ୍ରଫି ଜିତିଥିଲେ। ସେହିଭଳି ଶାଶ୍ୱତ ଭେଟେରାନ ୪୦ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସ ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ଏଥିରେ ଶାଶ୍ୱତ ଯଥାକ୍ରମେ ବିବେକ ତିବରେୱାଲ ଓ ଦୟାଲ ଗଙ୍ଗୱାତଙ୍କୁ ସାଥୀ କରି ଖେଳିଥିଲେ। ସଜଫା ଉଭୟ ମହିଳା ସିଙ୍ଗଲ୍ସ ଓ ୧୪ ବର୍ଷରୁ କମ୍ ବର୍ଗରେ ବାଜିମାତ୍ କରିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆହାନ ମିଶ୍ର, ସୂୟଶ ପଟନାୟକ ଯଥାକ୍ରମେ ୧୮ ବର୍ଷରୁ କମ୍ ବାଳକ ଓ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଚାମ୍ପିଅନ ହୋଇଛନ୍ତି।

ପ୍ରତି ଇଭେଣ୍ଟର ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୮ ହଜାର ଓ ୧୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ସେମିଫାଇନାଲ ଓ କ୍ୱାର୍ଟରରେ ହାରିଥିବା ଖେଳାଳି ଯଥାକ୍ରମେ ୧୦ ଓ ୮ ହଜାର ଟଙ୍କା ମିଳିଥିଲା। ନାଲକୋ ସିଏମଡି ବିପି ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ କୁମାର ପାଲ୍, ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

କିଟ୍, କିସ୍‌ରେ ଭଲିବଲ ମହୋତ୍ସବ ଉଦ୍‌ଯାପିତ

## ଓଡ଼ିଶାରେ ହେବ ଏଫ୍‌ଆଇଭିବି ବିଚ୍ ଭଲିବଲ୍




ଭୁବନେଶ୍ୱର,୧୪।୧୨(ଏଜେନ୍ସି): କିଟ୍ ଓ କିସ୍ ପୁଣି ଥରେ କ୍ରୀଡ଼ାରେ ତା'ର ଉତ୍କର୍ଷତା ପ୍ରମାଣ କରିଛି। କିଟ୍ ଓ କିସ୍ ସହାୟତାରେ ଆଗାମୀ ୩ ବର୍ଷ ପାଇଁ ଅର୍ଥାତ ୨୦୨୬, ୨୦୨୭ ଓ ୨୦୨୮ରେ ଓଡ଼ିଶାରେ ବିଚ୍ ଭଲିବଲ୍ ଆୟୋଜିତ ହେବ। କିଟ୍ ଓ କିସ୍‌ରେ ଥିବା ବ୍ୟାପକ ସୁବିଧା ସୁଯୋଗ ଓ ଓଡ଼ିଶାର ମନୋରାମ ପରିବେଶ କ୍ରମାଗତ ୩ ବର୍ଷ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍‌ଆଇଭିବି) ସଭାପତି ଫାବିଓ ଆଜେଭେଦା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଏ ନେଇ ଘୋଷଣା କରିଛନ୍ତି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଓ କିଟ୍ ଭାଇସ ଚାନ୍ସଲର ସରବଜିତ ସିଂ ଯୋଗ ଦେଇଥିଲେ। ଏଥିସହ କିଟ୍- କିସ ଓ ଏଫ୍‌ଆଇଭିବି ଆନୁକୂଲ୍ୟରେ ଗତ ୧୧ ତାରିଖରୁ କିଟ୍ ଓ କିସ୍‌ରେ ଚାଲିଆସୁଥିବା ଭଲିବଲ ମହୋତ୍ସବ ମଧ୍ୟ ଉଦ୍‌ଯାପିତ ହୋଇଥିଲା। ଏଥିରେ ଫାବିଓ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବେ ମହିଳା ସଶକ୍ତିକରଣ ଓ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ ମହୋତ୍ସବର ଲକ୍ଷ୍ୟ ଥିଲା ବୋଲି ଫାବିଓ କହିଥିଲେ। ଏହିକ୍ରମରେ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୫୦୦, ଭାରତ ସମେତ ବିଶ୍ୱରୁ ୨୦୦ରୁ ଅଧିକ ଭଲିବଲ ପ୍ରଶିକ୍ଷକ, ଖେଳାଳି ଓ ବିଶେଷଜ୍ଞ ଯୋଗ ଦେଇଥିଲେ।

ଜୁନିଅର ମହିଳା ହକି ବିଶ୍ୱକପ୍

## ନେଦରଲାଣ୍ଡସକୁ ହ୍ୟାଟ୍ରିକ ଟାଇଟଲ୍

ସାଣ୍ଟିଆଗୋ, ୧୪।୧୨ (ଏଜେନ୍ସି): ଚିଲିରେ ଅନୁଷ୍ଠିତ ୧୧ତମ ଜୁନିଅର ମହିଳା ହକି ବିଶ୍ୱକପ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ ନେଦରଲାଣ୍ଡସ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ହ୍ୟାଟ୍ରିକ ଟାଇଟଲ୍ ହାସଲ କରିଛି। ଏଥିପୂର୍ବରୁ ୨୦୨୨ ଓ ୨୦୨୩ ସଂସ୍କରଣରେ ମଧ୍ୟ ଡଚ୍ ମହିଳା ଦଳ ଟ୍ରଫି ଜିତିଥିଲା। ମୋଟ୍ ଉପରେ ନେଦରଲାଣ୍ଡସ ରେକର୍ଡ ୬ଷ୍ଠଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଅପରପକ୍ଷରେ ଆର୍ଜେଣ୍ଟିନାକୁ କ୍ରମାଗତ ଦ୍ୱିତୀୟ ଓ ମୋଟ୍ ଉପରେ ୫ମଥର ଲାଗି ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ବେଲ୍‌ଜିୟମ ବିଜୟୀ ହୋଇ କାଂସ୍ୟ ପଦକ ବାଜିମାତ୍ କରିନେଇଛି। ତେବେ ଭାରତୀୟ ମହିଳା ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୧୦ମ ସ୍ଥାନରେ ରହିଥିଲା।

ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ

## ଓଡ଼ିଶା ଫ୍ୟୁଚର ଷ୍ଟାର୍ ଚାମ୍ପିଅନ୍




ବାରିପଦା, ୧୪।୧୨(ସମିସ): ବାରିପଦା ଷ୍ଟାଡ଼ିୟମରେ ଚାଲିଥିବା ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ଫାଇନାଲ୍‌ରେ ଓଡ଼ିଶା ଫ୍ୟୁଚର ସ୍ପୋର୍ଟ୍ସ ଏକାଡ଼େମୀକୁ ପରାସ୍ତ କରି କୋଲକାତାର ଫ୍ୟୁଚର ହୋପ୍ ହାରିକାନ୍ସ ଚାମ୍ପିଅନ୍ ହୋଇଛି। ମହିଳା ବିଭାଗରେ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡ଼େମୀ ଫାଇନାଲ୍‌ରେ କୋଲକାତାର ଫ୍ୟୁଚର ହୋପ ହାରିକୁଇନ୍ସକୁ ପରାସ୍ତ କରିଥିଲା। ଚାମ୍ପିଅନ ଦଳକୁ ୫୦ ହଜାରର ପୁରସ୍କାର ରାଶି ସହ ଟ୍ରଫି ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବିଧାୟକ ଭାଦବ ହାଁସଦା, ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହିଥିଲେ।

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ବାଜିମାରିଲେ ଉନ୍ନତି, କିରଣ

ଭୁବନେଶ୍ୱର, ୧୪।୧୨ (ସମିସ):

କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ପାଖାପାଖି ଏକସପ୍ତାହ ଧରି ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏକ କୋଟି ଟଙ୍କା ପୁରସ୍କାର ବିଶିଷ୍ଟ ଏହି ବିଡବ୍ଲ୍ୟୁଏଫ୍ ସୁପର୍-୧୦୦ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଘରୋଇ ଭାରତୀୟ ଖେଳାଳି ବାଜିମାତ୍ କରିନେଇଛନ୍ତି। ପୁରୁଷ ବିଭାଗରେ କିରଣ ଜର୍ଜ ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ କିରଣ ୨୧-୧୪, ୧୩-୨୧, ୨୧-୧୬ ଗେମରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତକୁ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ମିଳିଛି। ଅଲ୍-ଇଣ୍ଡିଆ ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଉନ୍ନତି ୨୧-୧୭, ୨୧-୧୦ ସିଧାସଳଖ ଗେମରେ ସାଥୀ ଖେଳାଳି ଇଶାରାଣୀ ବରୁଆଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ବିଜୟ ସହ କିରଣ ଓ ଉନ୍ନତି ୮,୨୫୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୭ ଲକ୍ଷ ୪୭ ହଜାର) ଅର୍ଥରାଶି ପୁରସ୍କାର ପାଇଛନ୍ତି।







### ଷ୍ଟୋଏଭା ଭଗିନୀ ଚାମ୍ପିଅନ

ଅପରପକ୍ଷରେ ପୁରୁଷ ଡବଲ୍ସରେ ମାଲେସିଆର କାଙ୍ଗ ଖାଇ ଜିଆଙ୍ଗ ଓ ଆରୋନ ତାଇ ଯୋଡ଼ି ଟାଇଟଲ୍ ହାସଲ କରିଛନ୍ତି। ମହିଳା ଡବଲ୍ସରେ ବୁଲଗେରିଆର ଷ୍ଟୋଏଭା ଭଗିନୀ ଗ୍ରାବିଏଲା ଓ ଷ୍ଟିଫାନି ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଷ୍ଟୋଏଭା ଭଗିନୀ ୨୧-୧୯, ୨୧-୧୪ ସିଧାସଳଖ ଗେମରେ ମାଲେସିଆର ଓଙ୍ଗ ଜିଆନ ୟି ଓ କାରମେନ ତିଙ୍ଗ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସ ଫାଇନାଲରେ ଇଣ୍ଡୋନେସିଆର ମାରୱାନ ଫାଜା ଓ ଆଇସୟା ପ୍ରନତା ଯୋଡ଼ି ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାତେଇନେଇଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅର୍ନ୍ତଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS